# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 11/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 136 | ମୂଲ୍ୟ ₹୭/-



DSPL-24



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ) ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର ନୂଆ ଏକକ କାର୍ଡ଼ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

**ମୁଖ୍ୟ ଅତିଥି**

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ଣ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**

OIPR-10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଦିଲ୍ଲୀରେ ପହଞ୍ଚିବା ପରେ ତହଉର ରାଣା ଗିରଫ

ନୂଆଦିଲ୍ଲୀ,୧୦।୪

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଭାରତର ମୋଷ୍ଟୱାଣ୍ଟେଡ୍ ତାଲିକାରେ ଥିବା ତହଉର ହୁସେନ୍ ରାଣା ଆମେରିକାରୁ ପ୍ରତ୍ୟର୍ପଣରେ ଆସି ଗୁରୁବାର ଅପରାହ୍ଣରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ବିମାନବନ୍ଦରରେ ଉପସ୍ଥିତ ଥିବା ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ)ର ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। କେତେକ ପ୍ରାରମ୍ଭିକ ଔପଚାରିକତା ପରେ ତାଙ୍କୁ ଏନ୍ଆଇଏ ମୁଖ୍ୟାଳୟକୁ ନିଆଯିବ। ଏଥିସହିତ ତାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି। ପରେ ତାଙ୍କୁ ଦିଲ୍ଲୀର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ତିହାର ଜେଲ୍‌ରେ ରଖାଯାଇପାରେ ଏବଂ ବିଚାରଲାଗି ମୁମ୍ବାଇ ନିଆଯାଇପାରେ ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି।

ଆମେରିକାରୁ ବୁଧବାର ଏକ ସ୍ୱତନ୍ତ୍ର ବିମାନ ୬୪ ବର୍ଷୀୟ ତହଉର୍‌ଙ୍କୁ ଆଣି ଭାରତ ଆସିଥିଲା। ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଭାରତ ସରକାରଙ୍କ ବିରୋଧରେ ଯୁଦ୍ଧରେ ଲିପ୍ତ ହେବା, ହତ୍ୟା, ଜାଲିଆତି ଏବଂ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅଧୀନରେ ବିଭିନ୍ନ ଅଭିଯୋଗ ଲାଗିଛି। ରାଣା ଭାରତରେ ପହଞ୍ଚିବା ପୂର୍ବରୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ଏକ ବୈଠକରେ ଯୋଗଦେଇଥିଲେ। ୨୬/୧୧ ଆକ୍ରମଣର ମୁଖ୍ୟ ଅଭିଯୁକ୍ତଙ୍କୁ ଆଣିବାରେ ଆମେ ସଫଳ ହୋଇଛୁ ବୋଲି ଏନ୍ଆଇଏ ଗୁରୁବାର କହିଛି। ଦୀର୍ଘବର୍ଷର ଉଦ୍ୟମ ପରେ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାରତ ଫେରି ଏଠାରେ ବିଚାରର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତହଉରଙ୍କୁ ଭାରତ ଆଣିବା ଦିଗରେ ଆମେରିକାର ନ୍ୟାୟ ବିଭାଗ ଏବଂ ସ୍କାଏ ମାର୍ଶାଲଙ୍କ ସହ ଏନ୍ଆଇଏ ଏବଂ ଅନ୍ୟ ଗୋଇନ୍ଦା ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଥିଲେ। ତହଉରଙ୍କୁ ଭାରତରେ ବିଚାରର ସମ୍ମୁଖୀନ ହେବା ପାଇଁ ପ୍ରତ୍ୟର୍ପଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ।

୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ବିଦେଶୀଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ସିକାଗୋରେ ରହୁଥିବା ଭାରତୀୟ ବଂଶୋଦ୍ଭବ କାନାଡ଼ା ନାଗରିକ ତହଉର ରାଣାଙ୍କ ମୁଖ୍ୟ ଭୂମିକା ଥିଲା। ସେ ଆକ୍ରମଣ ପାଇଁ ଆବଶ୍ୟକ ଲଜିଷ୍ଟିକ୍ ଏବଂ ଆର୍ଥିକ ସହାୟତା ଯୋଗାଇଥିଲେ ବୋଲି ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲେମାନ୍ ହେଡ୍‌ଲି କହିଥିଲେ। ମୁମ୍ବାଇରେ ଇମିଗ୍ରାଣ୍ଟ ଲ' ସେଣ୍ଟର ସ୍ଥାପନ ସାଙ୍ଗକୁ ବିଭିନ୍ନ କାର୍ଯ୍ୟରେ ରାଣା ହେଡ୍‌ଲିଙ୍କୁ ସହଯୋଗ କରିଥିବା ଚାର୍ଜଶିଟ୍‌ରେ କୁହାଯାଇଛି। ଉକ୍ତ ସଂସ୍ଥାର ପ୍ରତିନିଧି ଭାବେ ହେଡ୍‌ଲି ଭାରତର ବିଭିନ୍ନ ସହରକୁ ଗସ୍ତ କରୁଥିଲେ। ତହଉର ମଧ୍ୟ ୨୦୦୮ ନଭେମ୍ବରରେ ଭାରତ ଆସିଥିଲେ। କୋପେନ୍‌ହେଗେନ୍‌ର ଏକ ଖବର କାଗଜ ସଂସ୍ଥା ଉପରେ ଆକ୍ରମଣ ଯୋଜନା ଏବଂ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ପାକିସ୍ତାନର ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନକୁ ସହାୟତା କରିଥିବା ଅଭିଯୋଗରେ ତହଉରଙ୍କୁ ୨୦୦୯ ଅକ୍ଟୋବରରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ ସିକାଗୋରୁ ଗିରଫ କରିଥିଲା। ପ୍ରତ୍ୟର୍ପଣକୁ ରାଣା ଏକାଧିକ ଥର ବିଭିନ୍ନ କାରଣ ଦର୍ଶାଇ ଆମେରିକା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେବା ଫଳରେ ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଟ ଫିଟିଯାଇଥିଲା।



# ଆର୍‌ଟିଆଇ ଆଇନରେ ସଂଶୋଧନକୁ ଜୋର୍‌ଦାର ବିରୋଧ

ନୂଆଦିଲ୍ଲୀ,୧୦।୪

ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ ଆକ୍ଟ (ଡିପିଡିପି)ର ଧାରା ୪୪(୩)କୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ବିରୋଧୀ ଇଣ୍ଡିଆ ବ୍ଲକ୍ ଗୁରୁବାର ଦାବି କରିଛି। ଏହି ଧାରା ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆଇନକୁ ଧ୍ୱଂସ କରିଦେବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ୧୨୦ରୁ ଊର୍ଦ୍ଧ୍ୱ ଏମ୍‌ପି ଉକ୍ତ ବିବାଦୀୟ ଧାରାକୁ ପ୍ରତ୍ୟାହାର କରାଯିବା ଦାବିରେ ମିଳିତ ସ୍ମାରକପତ୍ରରେ ସ୍ୱାକ୍ଷର କରିଥିବା କଂଗ୍ରେସ ନେତା ଗୌରବ ଗୋଗୋଇ ଏକ ମିଳିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସ୍ମାରକପତ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ଡିଏମ୍‌କେର ଏମ୍.ଏମ୍. ଅବଦୁଲ୍ଲା, ଶିବସେନା(ୟୁବିଟି)ର ପ୍ରିୟଙ୍କା ଚତୁର୍ବେଦୀ, ସିପିଆଇ(ଏମ୍)ର ଜନ୍ ବ୍ରିଟାସ୍, ସମାଜବାଦୀ ପାର୍ଟି ନେତା ଜାଭେଦ ଅଲି ଖାନ୍ ଏବଂ ଆର୍‌ଜେଡିରୁ ନଭାଲ କିଶୋର ଉପସ୍ଥିତ ଥିଲେ।

ଆର୍‌ଟିଆଇ ଆଇନ, ୨୦୦୫ର ଧାରା ୮(୧)(ଜେ) ପରିବର୍ତ୍ତେ ଲାଗୁ ହେବାକୁ ଯାଉଥିବା ଡିପିଡିପି ଆଇନର ଧାରା ୪୪(୩)କୁ ନାଗରିକ ଅଧିକାର କର୍ମୀମାନେ ବିରୋଧ କରିଛନ୍ତି। ଯଦି କୌଣସି ବ୍ୟକ୍ତିଗତ ସୂଚନା ସାଧାରଣ କାର୍ଯ୍ୟକଳାପ କିମ୍ବା ସ୍ୱାର୍ଥ ସହ ଜଡ଼ିତ ନୁହେଁ ଅଥବା ପ୍ରିଭେସି ଉଲ୍ଲଂଘନ ସମ୍ଭାବନା ଥାଏ, ସେପରି ସ୍ଥଳେ ଆର୍‌ଟିଆଇ ଆଇନର ଧାରା ୮(୧)(ଜେ) ତାହାକୁ ସ୍ଥଗିତ ରଖିବା ପାଇଁ ଅନୁମତି ଦେଉଥିଲା। ସୂଚନା ପ୍ରଘଟ କରିବା ଦ୍ୱାରା ଯଦି ବୃହତ୍ତର ଜନସ୍ୱାର୍ଥ ରକ୍ଷା ହୋଇପାରିବ ବୋଲି କେନ୍ଦ୍ରୀୟ ଜନସୂଚନା ଅଫିସର, ରାଜ୍ୟ ଜନସୂଚନା ଅଫିସର କିମ୍ବା ଆପିଲେଟ୍ କର୍ତ୍ତୃପକ୍ଷ ବିଚାର କରନ୍ତି, ତେବେ ତାହାକୁ ଉପଲବ୍ଧ କରାଇପାରିବେ। ଡିପିଡିପି ଆଇନର ଧାରା ୪୪(୩) ଲାଗୁ ହେଲେ ସରକାରୀ କର୍ତ୍ତୃପକ୍ଷ ବ୍ୟକ୍ତିଗତ ସୂଚନା ସମ୍ପର୍କିତ ତଥ୍ୟ ସ୍ଥଗିତ ରଖିପାରିବେ। ଏଥିପାଇଁ ଜନସ୍ୱାର୍ଥ କିମ୍ବା ଅନ୍ୟକୌଣସି ବ୍ୟତିକ୍ରମକୁ ବିଚାରକୁ ନିଆଯିବ ନାହିଁ। ସର୍ବସାଧାରଣ ଅନୁଷ୍ଠାନଗୁଡ଼ିକର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସମ୍ପର୍କରେ ଜାଣିବା ପାଇଁ ନାଗରିକଙ୍କୁ ଆର୍‌ଟିଆଇ କ୍ଷମତା ଦେଇଥିଲା।

## ପ୍ରତ୍ୟାହାର ଦାବିକଲା ଇଣ୍ଡିଆ ବ୍ଲକ୍

# ୯୦ ଦିନ ଅଟକିଲା ଟ୍ରମ୍ପଙ୍କ ଟାରିଫ୍

- ବିଶ୍ୱ ଶେୟାର କାରବାରରେ ବଡ଼ ଅଗ୍ରଗତି
- ୧୦ ସବୁଠୁ ଧନୀଙ୍କ ସମ୍ପତ୍ତି ୧୩୫ ବିଲିୟନ ଡଲାର ବୃଦ୍ଧି

ୱାଶିଂଟନ,୧୦।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ବିଭିନ୍ନ ରାଷ୍ଟ୍ର ଉପରେ ଲଗାଇଥିବା ରେସିପ୍ରୋକାଲ ଟାରିଫ୍ (ପାଲ୍‌ଟା ଶୁଳ୍କ)କୁ ୯୦ଦିନ ସ୍ଥଗିତ ରଖିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିର ଦିନକ ପରେ ଗୁରୁବାର ବିଶ୍ୱ ଷ୍ଟକ୍ ମାର୍କେଟରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଦେଇଛି। ନିବେଶକମାନେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ଜାପାନ ଶେୟାର ବଜାର କାରବାର ୯ ପ୍ରତିଶତରୁ ଅଧିକ ବଢ଼ିଥିବାବେଳେ ଜର୍ମାନୀର ଡିଏଏକ୍ସ କାରବାର ଆରମ୍ଭରେ ୮%ରୁ ଅଧିକ ଲାଭବାନ ହୋଇଥିଲା। ପରେ ଏହା ୫.୩% ବଢ଼ି ୨୦.୭୨୦.୮୬ ରହିଥିବାବେଳେ ଫ୍ରାନ୍ସର ସିଏସି୪୦ ୫% ବଢ଼ି ୭,୨୦୪.୨୩ ଏବଂ ବ୍ରିଟେନ୍‌ର ଏଫ୍‌ଟିଏସ୍‌ଇ୧୦୦ ମଧ୍ୟ ୪ ପ୍ରତିଶତ ବୃଦ୍ଧି ପାଇ ୭,୯୮୩.୩୭ରେ ପହଞ୍ଚିଛି। ଟ୍ରମ୍ପ ୯୦ ଦିନ ପାଇଁ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେବା ପରେ ବିଶ୍ୱର ୧୦ ଜଣ ସର୍ବାଧିକ ଧନୀ ବିଲିୟନେୟାର ମୋଟ ୧୩୫.୩୩ ବିଲିୟନ ଡଲାର ଲାଭବାନ ହୋଇଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସରୁ ଜଣାପଡ଼ିଛି। କେବଳ ଏଲନ୍ ମସ୍କ, ଜେଫ୍ ବେଜୋସ୍ ଏବଂ ମାର୍କ ଜୁକେରବର୍ଗ ୮୦ ବିଲିୟନ ଡଲାର ଫାଇଦା ଉଠାଇଛନ୍ତି। ଅନ୍ୟପକ୍ଷରେ ଏଲ୍‌ଭିଏମ୍‌ଏଚ୍‌ର ବର୍ନାର୍ଡ ଅର୍ନଲ୍ଟଙ୍କ ବଜାର ପୁଞ୍ଜି ୫.୭ ବିଲିୟନ ଡଲାର ହ୍ରାସ ପାଇ ୧୪୮ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ମସ୍କଙ୍କ ସମ୍ପତ୍ତି ୩୫.୯ ବିଲିୟନ ଡଲାର ବୃଦ୍ଧି ପାଇ ୩୨୬ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ମେଟା ସିଇଓ ଜୁକେରବର୍ଗଙ୍କ ଶେୟାର ୨୫.୮ ବିଲିୟନ ବଢ଼ି ୨୦୭ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କ ସମ୍ପତ୍ତି ୧୮.୫ ବିଲିୟନ ବଢ଼ି ୨୧୦ ବିଲିୟନ ଡଲାର ହୋଇଛି। ୱାରେନ୍ ବଫେଟ୍‌ଙ୍କ ସମ୍ପତ୍ତି ୮.୧ ବିଲିୟନ ବଢ଼ି ୧୬୨ ବିଲିୟନ ଡଲାର ହୋଇଥିବାବେଳେ ଓରାକ୍ଲର ଲାରି ଏଲିସନଙ୍କ ସମ୍ପତ୍ତି ୧୫.୫ ବିଲିୟନ ବଢ଼ି ୧୫୯ ବିଲିୟନ ଡଲାରରେ ପହଞ୍ଚିଛି। ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସମ୍ପତ୍ତି ୪.୮ ବିଲିୟନ, ଗୁଗଲ୍‌ର ଲାରି ପେଜ୍‌ଙ୍କ ସମ୍ପତ୍ତି ୧୧ ବିଲିୟନ ଏବଂ ମାଇକ୍ରୋସଫ୍ଟର ଷ୍ଟିଭ୍ ବାଲମେରଙ୍କ ସମ୍ପତ୍ତି ୧୧.୨ ବିଲିୟନ ଡଲାର ବଢ଼ିଛି।

ସୂଚନାଯୋଗ୍ୟ, ଆମେରିକା ବିଭିନ୍ନ ଦେଶ ଉପରେ ଉଚ୍ଚ ଟାରିଫ୍ ଲଗାଇବାକୁ ଘୋଷଣା କରିବା ପରେ ବିଶ୍ୱ ବଜାରରେ ଅଚଳାବସ୍ଥା ସହ ମାନ୍ଦାବସ୍ଥା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଥିଲା।

## ପାଲଟା ଟାରିଫ୍‌କୁ ୯୦ ଦିନ ରୋକିଲା ଇୟୁ

ବ୍ରସେଲ୍ସ,୧୦।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରେସିପ୍ରୋକାଲ ଟାରିଫ୍ କାର୍ଯ୍ୟକାରିତାକୁ ୯୦ ଦିନ ସ୍ଥଗିତ ରଖିବା ପରେ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇବାକୁ ଥିବା ପାଲଟା ଶୁଳ୍କକୁ ୯୦ ଦିନ ଅଟକାଇବାକୁ ନିଷ୍ପତ୍ତି ନେଇଛି। ବୁଝାମଣା ପାଇଁ ଏକ ସୁଯୋଗ ଦେବା ନିମନ୍ତେ ଆମେ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ଇୟୁ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟେନ୍ ଗୁରୁବାର କହିଛନ୍ତି। ତେବେ ଆମେରିକା ସାମଗ୍ରୀ ଉପରେ ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଇୟୁ କେତେ ପ୍ରତିଶତ ଶୁଳ୍କ ଲଗାଇଥାନ୍ତା, ତାହା ଘୋଷଣା କରିନାହିଁ। ଯଦି ବୁଝାମଣା ସନ୍ତୋଷଜନକ ନହୁଏ, ତେବେ ଆମେ ପାଲଟା ଶୁଳ୍କ ଲାଗୁ କରିବୁ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ କହିଛନ୍ତି।



ସ୍ଲୋଭାକିଆ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସ୍ଥାନୀୟ ପିଲାଙ୍କ ଦ୍ୱାରା ଆୟୋଜିତ ଏକ ଚିତ୍ର ପ୍ରଦର୍ଶନୀ ପରିଦର୍ଶନ କରିବା ଅବସରରେ।

# ଜେଡିୟୁ ନେତାଙ୍କୁ ଗୁଳିକରି ହତ୍ୟା

ପାଟନା, ୧୦।୪

ବିହାରର ଖଗଡ଼ିଆରେ ଗୁରୁବାର କେତେଜଣ ଦୁର୍ବୃତ୍ତ ସଂଯୁକ୍ତ ଜନତା ଦଳ(ଜେଡିୟୁ)ର ଖଗଡ଼ିଆ ଜିଲା ମହାସଚିବ କୌଶଲ ସିଂଙ୍କୁ ଗୁଳିକରି ହତ୍ୟା କରିଛନ୍ତି। କୌଶଲ ସ୍ତ୍ରୀଙ୍କ ସହ ବାଇକରେ ଘରକୁ ଯାଉଥିବା ସମୟରେ ଚୌଥନ ଥାନା କୈଥୀରୁ ଜୟପ୍ରଭା ନଗର ମଧ୍ୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ବାଇକକୁ ରାସ୍ତାରେ ଅଟକାଇ ତାଙ୍କ ଉପରେ ଗୁଳି ଚଳାଇଥିଲେ। ଗୁଳି ମାରିବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କୌଶଲଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ହତ୍ୟାକାଣ୍ଡକୁ ନେଇ ପୋଲିସର ତନାଘନା ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖଗଡ଼ିଆ ଏସ୍‌ପି ରାକେଶ କୁମାର କହିଛନ୍ତି। ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, କୌଶଲ ହେଉଛନ୍ତି ବେଲ୍‌ଦୌରର ଜେଡିୟୁ ବିଧାୟକ ଲାଲ ସିଂ ପଟେଲଙ୍କର ଭଣଜା।

# ଡକ୍ୟୁମେଣ୍ଟାରି ପାଇଁ ମେଲାନିଆ-ବେଜୋସ୍ ୪୦ ମିଲିୟନ ଡଲାର ଡିଲ୍


ୱାଶିଂଟନ, ୧୦।୪

ଆମେରିକାର ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ ସମ୍ପ୍ରତି ଆମାଜନ ପ୍ରାଇମ ଭିଡିଓ ସହ ମିଶି ତାଙ୍କ ଜୀବନକୁ ନେଇ ଆଧାରିତ ଏକ ଡକ୍ୟୁମେଣ୍ଟାରି ଫିଲ୍ମର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ ସେ ଆମାଜନ ପ୍ରତିଷ୍ଠାତା ତଥା ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଜେଫ୍ ବେଜୋସ୍‌ଙ୍କ ସହ ୪୦ ମିଲିୟନ ଆମେରିକୀୟ ଡଲାରର ଡିଲ୍ କରିଛନ୍ତି। ସମ୍ପ୍ରତି ଫିଲ୍ମର ଶୁଟିଂ ଚାଲିଥିବାବେଳେ ମେଲାନିଆ ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଭାବେ ଫିଲ୍ମ ନିର୍ମାଣ ପ୍ରକ୍ରିୟାରେ ସାମିଲ ଅଛନ୍ତି। ବ୍ରେଟ୍ ରାଟନରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର କିଛି ଦୃଶ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ପୁଅ ବାରୋନ୍ ଟ୍ରମ୍ପ ମଧ୍ୟ ନଜରକୁ ଆସିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଚଳିତବର୍ଷ ଶେଷ ଆଡ଼କୁ ଏହି ଫିଲ୍ମ ରିଲିଜ୍ ହେବ।

ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ରିପୋର୍ଟ ଅନୁଯାୟୀ, ଗତ ଡିସେମ୍ବରରେ ଫ୍ଲୋରିଡାସ୍ଥିତ ମାର୍-ଏ-ଲାଗୋ ରିସର୍ଟରେ ଏକ ଡିନର ବେଳେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ ଓ ତାଙ୍କ ଗର୍ଲଫ୍ରେଣ୍ଡ ଲୌରେନ ସାଞ୍ଚେଜଙ୍କ ସହ ମେଲାନିଆ ଏହି ଡକ୍ୟୁମେଣ୍ଟାରି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଉକ୍ତ ଡକ୍ୟୁମେଣ୍ଟାରି ଫିଲ୍ମକୁ ନେଇ ମେଲାନିଆ ଓ ବେଜୋସ୍‌ଙ୍କ ମଧ୍ୟରେ ୪୦ ମିଲିୟନ ଡଲାରର ଡିଲ୍ ଚୂଡ଼ାନ୍ତ ହୋଇଥିଲା। ତେବେ ବେଜୋସ୍‌ଙ୍କ ସହ ଆଲୋଚନା ପୂର୍ବରୁ ମେଲାନିଆ ଓ ତାଙ୍କ ଟିମ୍ ଏହି ଡକ୍ୟୁମେଣ୍ଟାରିର ନିର୍ମାଣ ପାଇଁ ଅନେକ ଷ୍ଟୁଡିଓ ଓ ଧନୀ ବ୍ୟକ୍ତିଙ୍କ ସହ ସମ୍ପର୍କ କରିଥିଲେ। ଟ୍ରମ୍ପଙ୍କ ଶପଥ ଗ୍ରହଣରେ ସାମିଲ ହୋଇଥିବା ଅନେକ ବିଜ୍‌ନେସ୍ ଲିଡର ଓ ସିଇଓଙ୍କ ସହ ମଧ୍ୟ ମେଲାନିଆ ଆଲୋଚନା କରିଥିଲେ। ତେବେ ଡକ୍ୟୁମେଣ୍ଟାରି ଫିଲ୍ମ ନେଇ ମେଲାନିଆଙ୍କର ଡିଲ୍ ପ୍ରସ୍ତାବ ସେତେବେଳେ ଚୂଡ଼ାନ୍ତ ହୋଇ ପାରି ନ ଥିଲା।


ଆମେରିକୀୟ ଟିଭି ଶୋ' ଫକ୍ସ ଆଣ୍ଡ ଫ୍ରେଣ୍ଡସ୍‌କୁ ସାକ୍ଷାତ୍‌କାର ଦେଇ ମେଲାନିଆ କହିଛନ୍ତି, ଏହି ଡକ୍ୟୁମେଣ୍ଟାରି ଫିଲ୍ମରେ ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଦେଖିବାକୁ ମିଳିବ। ଆମେରିକାର ଫାର୍ଷ୍ଟ ଲେଡି ଭାବେ ତାଙ୍କ କାର୍ଯ୍ୟକୁ ଏହି ଫିଲ୍ମରେ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟହାଉସରେ ଫାର୍ଷ୍ଟ ଲେଡି ଭାବେ ତାଙ୍କର ବିଭିନ୍ନ ଭୂମିକା, ସେ ସାମ୍ନା କରିଥିବା ବିଭିନ୍ନ ଜଟିଳ ପରିସ୍ଥିତି ଏବଂ ହ୍ୱାଇଟହାଉସରେ ଟ୍ରମ୍ପଙ୍କର ପ୍ରତ୍ୟାବର୍ତ୍ତନ କାହାଣୀକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ ବୋଲି ମେଲାନିଆ କହିଛନ୍ତି।

ପୂର୍ବରୁ ମେଲାନିଆଙ୍କ ଆତ୍ମଜୀବନୀକୁ ଅନେକ ପାଠକ ପସନ୍ଦ କରିଥିବାରୁ ଏହାକୁ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ପ୍ରସ୍ତୁତ କରିବାକୁ ତାଙ୍କ ମନରେ ବିଚାର ଆସିଥିଲା ବୋଲି ମେଲାନିଆ କହିଛନ୍ତି। ତାଙ୍କ ଆତ୍ମଜୀବନୀ ପୁସ୍ତକକୁ ପଢ଼ି ଅନେକ ପାଠକ ଏବଂ ପ୍ରଶଂସକମାନେ ତାଙ୍କୁ ଚିଠି ଏବଂ ମେସେଜ୍ ପଠାଉଥିବା ସେ କହିଛନ୍ତି। ତେବେ ଆମାଜନ ପ୍ରାଇମ ଭିଡିଓରେ ରିଲିଜ୍ ହେବା ପୂର୍ବରୁ ମେଲାନିଆଙ୍କ ଏହି ଡକ୍ୟୁମେଣ୍ଟାରିକୁ ସୀମିତ ସିନେମା ହଲ୍‌ରେ ରିଲିଜ୍ କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।



ମେଲାନିଆ ଟ୍ରମ୍ପ

# ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍‌ଆଇଭି ପଜିଟିଭ



ଡେରାଡୁନ୍, ୧୦।୪

ଉତ୍ତରାଖଣ୍ଡର ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଘଟଣାକୁ ନେଇ ବରିଷ୍ଠ ଜେଲ ଅଧୀକ୍ଷକ ମନୋଜ କୁମାର ଆର୍ଯ୍ୟ କହିଛନ୍ତି, ଗତ ଏପ୍ରିଲ ୭ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଜେଲରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଜେଲର କଏଦୀମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା, ଯେଉଁଥିରେ ୧୫ ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଚ୍‌ଆଇଭି ପଜିଟିଭ କଏଦୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜେଲରେ ପୃଥକ ବାରାକ୍ ନିର୍ମାଣ କରାଯାଇଥିବା ସେ କହିଛନ୍ତି। ସମ୍ପ୍ରତି ହରିଦ୍ୱାର ଜେଲରେ ୧୧୦୦ରୁ ଅଧିକ କଏଦୀ ରହୁଛନ୍ତି। ପୂର୍ବରୁ ମଧ୍ୟ ଏହି ଜେଲରେ କେତେଜଣ କଏଦୀ ଏଚଆଇଭି ଚିହ୍ନଟ ହୋଇଥିଲେ ବୋଲି ମନୋଜ କହିଛନ୍ତି।

ଫୁର୍‌ସତ

# ନିରାପଦ ମାତୃତ୍ୱ ଓ ସୁସ୍ଥ ଶିଶୁ

## ନିରାପଦ ମାତୃତ୍ୱ ଦିବସ ଉପଲକ୍ଷେ

ମାତୃତ୍ୱ ପ୍ରଭୁଙ୍କର ଏକ ସାର୍ଥକ ସୃଷ୍ଟି, ଏକ ସୁନ୍ଦର ସ୍ୱପ୍ନ। ସେ ସ୍ୱପ୍ନ ସାକାର ହୁଏ, ଯେତେବେଳେ ମା'ର କୋଳ ପୂର୍ଣ୍ଣ କରି ଏକ ସୁସ୍ଥ ଶିଶୁଟିଏ ଜନ୍ମନିଏ। ତେବେ ମାତୃତ୍ୱର ଏ ପଥ ସବୁବେଳେ ନିରାପଦ ନୁହେଁ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଓ ପ୍ରସବଜନିତ ଜଟିଳତା ଦେଖାଦେଇଥାଏ ଏବଂ ମା' ସହ ଶିଶୁର ଜୀବନ ବିପଦାପନ୍ନ ହୋଇଥାଏ। ଏକବିଂଶ ଶତାବ୍ଦୀରେ ପ୍ରତ୍ୟେକ ମିନିଟ୍‌ରେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଜଣେ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରିଥାନ୍ତି। ଗୋଟିଏ ମା'ର ମୃତ୍ୟୁ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ଏହା ସାରା ଦେଶର କ୍ଷତି। ପ୍ରତ୍ୟେକ ବର୍ଷ ଏପ୍ରିଲ ୧୧ ତାରିଖ ଦିନ ସାରା ଭାରତରେ ଜାତୀୟ ମାତୃତ୍ୱ ଦିବସ ପାଳନ କରାଯାଉଛି। ଏହା ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପତ୍ନୀ କସ୍ତୁରବା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ୨୦୦୩ ମସିହାରୁ ପାଳନ କରାଯାଉଛି। ଏହାର ମୂଳଲକ୍ଷ୍ୟ ହେଉଛି ପ୍ରତ୍ୟେକ ଗର୍ଭବତୀ ନାରୀଙ୍କ ଗର୍ଭାବସ୍ଥାରେ, ପ୍ରସବ ସମୟରେ ତଥା ପ୍ରସବ ପରେ ସମସ୍ତ ପ୍ରକାର ଯତ୍ନ ନେଇ ଭାରତରେ ମାତୃ ମୃତ୍ୟୁ ହାର କମାଇବା, ନିରାପଦ ମାତୃତ୍ୱ ପାଇଁ ସଚେତନତା ସୃଷ୍ଟି କରିବା। କାରଣ ଉପଯୁକ୍ତ ଭାବରେ ଚିକିତ୍ସା ପାଇ ଏକ ନିରାପଦ ମାତୃତ୍ୱ ଲାଭ କରିବା ହେଉଛି ପ୍ରତ୍ୟେକ ଗର୍ଭବତୀ ନାରୀର ଅଧିକାର।

ପ୍ରତ୍ୟେକ ମାତୃ ମୃତ୍ୟୁ ବା ମାଟରନାଲ ମୋର୍ଟାଲିଟି ସହ ପ୍ରାୟ ୧୫ ଜଣ ମହିଳା ଦୁର୍ବଳ ଓ ରୁଗ୍ଣ ସ୍ୱାସ୍ଥ୍ୟ ସହ ବଞ୍ଚିରହନ୍ତି (ମାଟରନାଲ ମୋର୍ବିଡିଟି) ଏବଂ ଏଥିପାଇଁ ପରିବାରରୁ ବିତାଡିତ ମଧ୍ୟ ହୋଇଥାନ୍ତି। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ସମ୍ମିଳନୀରେ ଡା. ମାଲକମ୍ ପଟମ୍ କହିଥିଲେ ଯେ ପୃଥିବୀରେ ମାତୃ ମୃତ୍ୟୁ ଏଭଳି ଭାବରେ ଘଟୁଛି ଯେପରି ଏକ ବିରାଟ ଜେଟ୍ ବିମାନ ପ୍ରତି ଚାରି ଘଣ୍ଟାରେ ଭୟାବହ ଦୁର୍ଘଟଣାର ଶିକାର ହେଉଛି ଏବଂ ତା' ଭିତରେ ବସିଥିବା ପ୍ରାୟ ୨୫୦ ମହିଳା ଯାତ୍ରୀ ଏକା ସାଙ୍ଗରେ ମୃତ୍ୟୁମୁଖରେ ପଡୁଛନ୍ତି। ସାରା ବିଶ୍ୱରେ ପ୍ରତିବର୍ଷ ମାତୃ ମୃତ୍ୟୁ ସଂଖ୍ୟା ୬ଲକ୍ଷ। ଏହା ମଧ୍ୟରୁ ୯୯ ଭାଗ ମୃତ୍ୟୁ ପ୍ରାୟ ବିକାଶୋନ୍ମୁଖୀ ଦେଶରେ ଘଟିଥାଏ। ସାରା ବିଶ୍ୱର ଶତକଡା ୪୬ ଭାଗ ମାତୃ ମୃତ୍ୟୁ କେବଳ ଭାରତ, ପାକିସ୍ତାନ ଏବଂ ବାଂଲାଦେଶରେ ହୋଇଥାଏ।



ଦ୍ରୁତ ଗତିରେ ହେଉଥିବା ମାତୃ ମୃତ୍ୟୁ ହାରକୁ ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (WHO) ୧୯୮୭ ମସିହାରେ ନାଇରୋବି କେନିଆଠାରେ ନିରାପଦ ମାତୃତ୍ୱର କେତେକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଲା। ଏହାର ଉଦ୍ଦେଶ୍ୟ ଥିଲା ଝିଅ ଓ ମା' ମାନଙ୍କ ଜୀବନଯାପନଶୈଳୀକୁ ସ୍ୱାସ୍ଥ୍ୟ ଓ ସାମାଜିକ ସ୍ତରରେ ଅଭିବୃଦ୍ଧି କରିବା। ପ୍ରଗତିବାଦୀ ରାଷ୍ଟ୍ରଗୁଡ଼ିକରେ ୨୨ଜଣ ପ୍ରତି ୧ଲକ୍ଷରେ ହେବା ବେଳେ ପ୍ରଗତିଶୀଳ ରାଷ୍ଟ୍ରଗୁଡିକରେ ଏହାର ମାତ୍ରା ୨୦ଜଣ ଅଧିକ ଏବଂ ୨୦୨୦ ସୁଦ୍ଧା ମାତୃ ମୃତ୍ୟୁ ହାର ଶତକଡ଼ା ୮୦ ଭାଗ ଓ ଶିଶୁ ମୃତ୍ୟୁ ହାର ଶତକଡ଼ା ୪୦ ଭାଗ କମାଇବା ପାଇଁ ସ୍ଥିର କରାଯାଇଥିଲା। ଏହି ନିରାପଦ ମାତୃତ୍ୱର ପ୍ରଥମ ଯତ୍ନ ମା' ଗର୍ଭରେ ଥିବା ଶିଶୁଠାରୁ ହିଁ ଆରମ୍ଭ ହୋଇଥାଏ।

**ମାତୃ ମୃତ୍ୟୁର କାରଣ-**

**ପ୍ରତ୍ୟକ୍ଷ କାରଣ-** ଏହା ୭୫ ଶତକଡ଼ା ଅବାଞ୍ଛିତ ଓ ଦୂଷିତ ଗର୍ଭପାତ, ୧୩ ପ୍ରତିଶତ ଅସ୍ଥାନିକ (ଡିମ୍ବବାହୀ ନଳୀରେ) ଗର୍ଭପାତ, ୭ ପ୍ରତିଶତ ଉଚ୍ଚ ରକ୍ତଚାପ ଓ ବାତ, ୧୨ ପ୍ରତିଶତ ଗର୍ଭପାତ ପୂର୍ବରୁ ଓ ପରେ ରକ୍ତସ୍ରାବ, ୨୫ ପ୍ରତିଶତ ବ୍ୟାହତ ଗର୍ଭପାତ, ୮ ପ୍ରତିଶତ ଦୂଷିତ, ୧୫ ପ୍ରତିଶତ ସୂତିକା ଜ୍ୱର।

**ପରୋକ୍ଷ କାରଣ** - ୨୫ ପ୍ରତିଶତ ରକ୍ତହୀନତା, ହୃଦ୍‌ବକ୍ଷ ରୋଗ, ମଧୁମେହ, ଥାଇରଏଡ୍, କାମଳ ରୋଗ ଏବଂ ମ୍ୟାଲେରିଆ।

କେଉଁ କାରଣ ଯୋଗୁ ଏହା ହୋଇଥାଏ-

**ବୟସ-** ୧୫ବର୍ଷରୁ କମ୍ କିମ୍ବା ୩୫ ବର୍ଷରୁ ଅଧିକ ମହିଳା, ଅଳ୍ପ ବ୍ୟବଧାନରେ ବାରମ୍ବାର ଗର୍ଭଧାରଣ ଓ ଅଧିକ ସନ୍ତାନ ଜନ୍ମ କରିଥିବା ମା', ଦାରିଦ୍ର୍ୟ, ଅର୍ଥ ଓ ଶିକ୍ଷା ଅଭାବ, ଗର୍ଭାବସ୍ଥାରେ ଯତ୍ନ ଓ ଗର୍ଭପାତ ପରେ ଯତ୍ନର ଅଭାବ, ଅବାଞ୍ଛିତ ଗର୍ଭପାତ।

ମାତୃ ମୃତ୍ୟୁର ପ୍ରଥମ ଓ ପ୍ରଧାନ କାରଣ ହେଉଛି ମହିଳାମାନଙ୍କର ଶୋଚନୀୟ ସାମାଜିକ ସ୍ଥିତି। ଏହାଛଡ଼ା ଲିଙ୍ଗଭେଦ ଓ ଲିଙ୍ଗଗତ ବୈଷମ୍ୟ ମଧ୍ୟ ମାତୃ ମୃତ୍ୟୁର ଅନ୍ୟ ଏକ କାରଣ। ଅନେକ ମହିଳା ନିରକ୍ଷର ହୋଇଥିବାରୁ ଉପାର୍ଜନକ୍ଷମ ହୋଇପାରନ୍ତି ନାହିଁ ଏବଂ ସମ୍ବଳହୀନ ହୋଇଥାନ୍ତି, ସେମାନେ ପ୍ରାଥମିକ ସ୍ତରରେ ଶିକ୍ଷାଦାନରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି। ଏହାଛଡ଼ା ସେମାନେ ଘରକାମ ସହ ପ୍ରଚୁର କାମ କରି କ୍ଳାନ୍ତ ହୋଇପଡ଼ନ୍ତି। ଘରେ ସବା ଶେଷରେ ଖାଆନ୍ତି ଏବଂ ସବୁଠାରୁ କମ୍ ଖାଆନ୍ତି। କେବଳ ସେତିକି ନୁହେଁ, ପ୍ରସୂତିକାଳୀନ କୌଣସି ପରୀକ୍ଷା ବା ସାହାଯ୍ୟ ନେଇପାରନ୍ତି ନାହିଁ, ସୁଷମ ଖାଦ୍ୟ ଖାଆନ୍ତି ନାହିଁ କିମ୍ବା ଡାକ୍ତରଖାନାରେ ପ୍ରସବ କଥା ତ ଦୂରର କଥା ବିଶେଷଜ୍ଞ, ଅଭିଜ୍ଞ ଚିକିତ୍ସକ ବା ତାଲିମପ୍ରାପ୍ତ ଅଭିଜ୍ଞ ଧାଈ ବା ସେବିକାଙ୍କ ସାହାଯ୍ୟ ନେଇପାରନ୍ତି ନାହିଁ।

କୈଶୋର ଅବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ, ଯୌନଶିକ୍ଷା ସହ ରକ୍ତହୀନତା, ପୁଷ୍ଟିହୀନତା, ବିପଦପୂର୍ଣ୍ଣ ଗର୍ଭପାତ, ମାନସିକ ସ୍ତରରେ ଅପରିପକ୍ୱତାକୁ ଦୂର କରାଯାଇ ପାରିବ। ପ୍ରାଥମିକ ସ୍ତରରୁ ରୋଗ ଜଟିଳତା ଚିହ୍ନଟୀକରଣ ତଥା ଗୁରୁତର ରୋଗୀଙ୍କୁ ରେଫରାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରିବା ଅତି ଜରୁରୀ।

ନିରାପଦ ମାତୃତ୍ୱର ଗୁରୁତ୍ୱ- ଗର୍ଭାବସ୍ଥାରେ ପ୍ରଥମ ସୋପାନରୁ ମା'ର ଯତ୍ନ ନିଆଗଲେ ମା'ମାନେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇପାରିବେ। ଏଥିପାଇଁ ପରିବାର ତଥା ଗାଁ ଗହଳିରେ ସଚେତନତା ସୃଷ୍ଟି ସର୍ବୋଦୌ ଜରୁରୀ। ମହିଳାମାନଙ୍କ ପାଇଁ ଖାଦ୍ୟ ଓ ଶିକ୍ଷାର ମାନ ବଢାଇବାକୁ ହେଲେ ସମାଜରେ ତାଙ୍କ ସ୍ଥିତିର ଉନ୍ନତି କରିବା ଉଚିତ। ତେଣୁ ଏକବିଂଶ ଶତାବ୍ଦୀରେ ନିରାପଦ ମାତୃତ୍ୱ ଓ ସୁସ୍ଥ ଶିଶୁ ପାଇଁ ପଦକ୍ଷେପଗୁଡ଼ିକ ହେଲା ଆମ ଦେଶରେ 'ଏମର୍ଜେନ୍‌ସି ଅବଷ୍ଟେଟ୍ରିକ୍ ସର୍ଭିସ୍' ତ୍ୱରାନ୍ୱିତ କରିବା। ଏହାଛଡ଼ା ନାରୀ ଶିକ୍ଷାର ଅଗ୍ରଗତି, ନାରୀମାନଙ୍କ ପାଇଁ ଉପଯୁକ୍ତ କର୍ମସଂସ୍ଥାନ ଦେବା ଜରୁରୀ। ପରିବାର ନିୟନ୍ତ୍ରଣର ବିଭିନ୍ନ ଉପାୟମାନ ରେଡିଓ, ଟେଲିଭିଜନ ଓ ଖବରକାଗଜ ଜରିଆରେ ଗ୍ରାମାଞ୍ଚଳରେ ପରିବେଷଣ କରିବା ଆବଶ୍ୟକ। ବିକାଶଶୀଳ ଦେଶ ଭଳି ଆମ ଭାରତବର୍ଷରେ ମଧ୍ୟ ଅନେକ ନାରୀ ସଫଳତାର ଶୀର୍ଷତମ ସ୍ଥାନରେ ପହଞ୍ଚିଛନ୍ତି। ତେଣୁ ଏକ ଆତ୍ମତୃପ୍ତିର ସ୍ମିତହାସ୍ୟ ସହ ମା' ଓ ସୁସ୍ଥ ଶିଶୁର ପରିକଳ୍ପନା ହିଁ ଆମକୁ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେବ।

**- ଡା. ସରୋଜିନୀ ଷଡ଼ଙ୍ଗୀ,**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ଲିଙ୍କ୍ ରୋଡ୍, କଟକ - ୧୨

ଧରିତ୍ରୀ 51 Years
DHARITRI




## ସିଏସ୍‌କେର ଅଧିନାୟକତ୍ୱ କରିବେ ଧୋନୀ

ଋତୁରାଜ ଗାଏକ୍ୱାଡଙ୍କ ସ୍ଥାନରେ ଆଇପିଏଲ୍ ଅବଶିଷ୍ଟାଂଶ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଧିନାୟକତ୍ୱ କରିବେ ଏମ୍. ଏସ୍. ଧୋନୀ।

୧୨ ୦୨

## ଆଜିଠୁ ଓଟିଟିରେ 'ଛାବା'

ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର 'ଛାବା' ଫିଲ୍ମ ଶୁକ୍ରବାରଠାରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ।





ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ପାଇଁ ଗୁରୁବାର କଟକ ବାଲିଯାତ୍ରା ତଳ ପଡ଼ିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମୀକ୍ଷା କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଆଜିଠୁ ଆୟୁଷ୍ମାନ୍

## ବାଲିଯାତ୍ରା ପଡ଼ିଆରେ ଯୋଜନାର ଶୁଭାରମ୍ଭ କରିବେ ନଡ୍ଡା

ଭୁବନେଶ୍ୱର/କଟକ,୧୦।୪
(ସୁନିତ୍ ମିଶ୍ର/ଶିଖା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ତଳ ପଡ଼ିଆରେ ଶୁକ୍ରବାର ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସେ କଟକ ଯାଇ ବାଲିଯାତ୍ରା ପଡ଼ିଆରେ ଉପରୋକ୍ତ ଯୋଜନାର ଶୁଭାରମ୍ଭ କରିବେ। ଏଥିସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ସର ନୂତନ କୋଠା ଉଦ୍‌ଘାଟନ କରିବେ। ଏଥିସହ ନଡ୍ଡା ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍ସ ମେଡିକାଲ କଲେଜ ଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସନ୍ଧ୍ୟାରେ ପୁରୀଠାରେ ହେବାକୁ ଥିବା ଦଳର ଏମ୍‌ପି ଓ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ କହିଛନ୍ତି, ପୂର୍ବ ସରକାର ଅମଳରେ ପ୍ରଚଳିତ ଯୋଜନାରେ କେବଳ ୯୭୮ ☞ପୃଷ୍ଠା-୨

## ୨୮ ଆଇଏଏସ୍ ଅଧିକାରୀ ପୁନଃ ଅବସ୍ଥାପିତ

ଭୁବନେଶ୍ୱର,୧୦।୪
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ୨୮ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ କର୍ମିକ ମନ୍ତ୍ରାଳୟର ବିଜ୍ଞପ୍ତିକୁ ଆଧାର କରି ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଆଇଏଏସ୍ ଅଫିସର ଧରମ ଖଁଉବଦ୍ଧାଙ୍କୁ ଉକ୍ତ ବିଭାଗର ଯୁଗ୍ମ ସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ରାନୀ ମହାପାତ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ଡ. ମନ୍ଦେଶ୍ୱର ସାହୁ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋକରୋଜା, ☞ପୃଷ୍ଠା-୨

# ରାୟ ଉତାରିଥିଲେ ଦୀପକ ମିଶ୍ର

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଦ୍ୱାରା ପ୍ରଦତ୍ତ ଏକ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଆୱାର୍ଡକୁ ସିଙ୍ଗାପୁର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ମିଶ୍ର ପୂର୍ବରୁ ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ (ଆଇସିସି) ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଥିବାବେଳେ ଦେଇଥିବା ୨ଟି ରାୟର ୪୫୧ ପାରାଗ୍ରାଫ୍ ମଧ୍ୟରୁ ୨୧୨ଟି ପାରା ଅର୍ଥାତ୍ ୪୭% ଉତାରି ଭିନ୍ନ ମାମଲାରେ ସମାନ ରାୟ ଦେଇଥିବାରୁ ସିଙ୍ଗାପୁର ସୁପ୍ରିମକୋର୍ଟ ଏହାକୁ 'ଅବିବେକୀ କାର୍ଯ୍ୟ' କହି ଭର୍ତ୍ସନା କରିଛନ୍ତି। ପ୍ରଶ୍ନ ଘେରକୁ ଆସିଥିବା ଆଲୋଚ୍ୟ ଆୱାର୍ଡ ଭାରତ ସରକାର ଓ ଘରୋଇ ରେଲୱେ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ହୋଇଥିବା ବିବାଦ ସହ ଜଡ଼ିତ। ୨୦୧୭ରେ ଭାରତ ସରକାର ସର୍ବନିମ୍ନ ମଜୁରି ବୃଦ୍ଧି ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଭାରତରେ ଫ୍ରେଟ୍ କରିଡର ଅଧୀନ ପ୍ରକଳ୍ପଗୁଡ଼ିକରେ ସାମିଲ ଥିବା ୩ କମ୍ପାନୀକୁ ନେଇ ଗଠିତ ଏକ କନ୍‌ସୋର୍ଟିୟମ୍ ମଜୁରି ବୃଦ୍ଧି ଯୋଗୁ ଅଧିକ ଦେୟ ଦାବି କରିଥିଲା। ଫଳରେ ଠିକାଦାର କମ୍ପାନୀଗୁଡ଼ିକୁ ଅତିରିକ୍ତ ଦେୟ ପ୍ରଦାନ କରାଯିବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ସେତେବେଳେ ଏନେଇ ଦେଶରେ ସହମତି ପ୍ରକାଶ ନ ପାଇବାରୁ ସମାଧାନ ପାଇଁ ସିଙ୍ଗାପୁରସ୍ଥିତ ଆଇସିସି ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଜଷ୍ଟିସ୍ ମିଶ୍ରଙ୍କ ନିକଟକୁ ମାମଲା ପଠାଯାଇଥିଲା। ଜଷ୍ଟିସ୍ ମିଶ୍ରଙ୍କ ଟ୍ରିବ୍ୟୁନାଲ ଉକ୍ତ ଠିକା ସଂସ୍ଥାଗୁଡ଼ିକ ସପକ୍ଷରେ ରାୟ ଦେଇଥିଲେ। ମାମଲା ସିଙ୍ଗାପୁର ସୁପ୍ରିମକୋର୍ଟକୁ ଯିବା ପରେ ସେଠାକାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୁନ୍ଦରେଶ ମେନନ୍ ଏବଂ ଷ୍ଟିଭେନ୍ ଚୋଙ୍ଗ୍ ଏହାର ବିଚାରକରି ରାୟ ଶୁଣାଇଛନ୍ତି।



ପୂର୍ବତନ ସିଜେଆଇ ଦୀପକ ମିଶ୍ର

## ରଦ୍ଦକଲେ ସିଙ୍ଗାପୁର ସୁପ୍ରିମକୋର୍ଟ

ସିଙ୍ଗାପୁର/ନୂଆଦିଲ୍ଲୀ,୧୦।୪

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲଙ୍କ ରାୟକୁ ସିଙ୍ଗାପୁର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉକ୍ତ ରାୟର ୪୭ ପ୍ରତିଶତ ଅର୍ଥାତ୍ ମୋଟ ୪୫୧ରୁ ୨୧୨ ପାରାଗ୍ରାଫ୍‌ରେ ଦୁଇଟି ପୂର୍ବ ରାୟର ଶବ୍ଦଗୁଡ଼ିକୁ ଅବିକଳ ଉତାରାଯାଇଥିବା ସିଙ୍ଗାପୁର ଶୀର୍ଷ ଅଦାଲତ ଜାଣିବାକୁ ପାଇଛନ୍ତି। ଉକ୍ତ ଟ୍ରିବ୍ୟୁନାଲରେ ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି କ୍ରିଷ୍ଣକୁମାର ଲାହୋଟି ଏବଂ ଜମ୍ମୁ-କଶ୍ମୀର ହାଇକୋର୍ଟରେ ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲ ମଧ୍ୟ ସଦସ୍ୟ ରହିଥିଲେ।

ପୂର୍ବ ରାୟଗୁଡ଼ିକୁ ଅତିମାତ୍ରାରେ କପି କରାଯାଇଥିବା ପ୍ରଧାନ ବିଚାରପତି ସୁନ୍ଦରେଶ ମେନନ ଏବଂ ଜଷ୍ଟିସ୍ ଷ୍ଟିଭେନ୍ ଚୋଙ୍ଗଙ୍କୁ ନେଇ ଗଠିତ ସିଙ୍ଗାପୁର ସୁପ୍ରିମକୋର୍ଟ ଖଣ୍ଡପୀଠ ଜାଣିବା ଏହା ପଛରେ ଅନେକ ନିହିତାର୍ଥ ରହିଥିବା ଟିପ୍ପଣୀ ଦେଇଛନ୍ତି। ପରସ୍ପର ସହ ସାମଞ୍ଜସ୍ୟ ଥିବା ୨ଟି ବିବାଦର ସମାଧାନ କରିବା ଜଣେ ଆର୍ବିଟ୍ରେଟରଙ୍କ ପାଇଁ କିଛି ଭୁଲ୍ ନୁହେଁ। ତେବେ ପୂର୍ବରୁ ଦିଆଯାଇଥିବା ରାୟର ସମାନ ଅଂଶକୁ ଉତାରି ଏହାକୁ ତୃତୀୟ ରାୟରେ ସ୍ଥାନ ଦେବା ଏବଂ ସେଥିରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଆଦୌ ନ ବଦଳାଇବା ଭୁଲ୍ ବୋଲି ସୁପ୍ରିମକୋର୍ଟଙ୍କ କୋର୍ଟ ଅଫ୍ ଅପିଲ୍ ପକ୍ଷରୁ କୁହାଯାଇଛି। ଉକ୍ତ ରାୟକୁ ଦେଖିଲେ ଟ୍ରିବ୍ୟୁନାଲ ପୂର୍ବ ରାୟଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥାଇପାରନ୍ତି ବୋଲି ଯେକୌଣସି ସୁସ୍ଥ ମାନସିକ ପର୍ଯ୍ୟବେକ୍ଷକ ସନ୍ଦେହ କରିପାରେ ବୋଲି ଅଦାଲତ କହିଛନ୍ତି।

ବିବାଦଟି ଭାରତରେ ମାଲ୍ ପରିବହନ କରିଡର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ଆଇନଗତ ସଂସ୍ଥାକୁ ନେଇ ସୃଷ୍ଟି ହୋଇଥିଲା। ଏହି ଭିତ୍ତିଭୂମି ପ୍ରକଳ୍ପ ସହ ୩ଟି କମ୍ପାନୀର ଏକ କନ୍‌ସୋର୍ଟିୟମ୍ ସମ୍ପୃକ୍ତ ଥିଲେ। ସରକାରଙ୍କ ୨୦୧୭ର ଏକ ବିଜ୍ଞପ୍ତିରେ ସର୍ବନିମ୍ନ ମଜୁରି ବଢ଼ାଇଦିଆଯିବା ଅର୍ଥ କନ୍‌ସୋର୍ଟିୟମ୍ ସେମାନଙ୍କ କଣ୍ଟ୍ରାକ୍ଟ ଅଧୀନରେ ଅତିରିକ୍ତ ପ୍ରାପ୍ୟ ଦାବି କରିପାରିବ କି ବୋଲି ପ୍ରଶ୍ନ ଉଠିଥିଲା। ବୁଝାମଣା ବିଫଳ ହେବା ପରେ ୨୦୨୩ ନଭେମ୍ବରରେ ଉକ୍ତ ମାମଲା ସିଙ୍ଗାପୁରର ଆର୍ବିଟ୍ରେଶନକୁ ଯାଇଥିଲା, ଯେଉଁଠି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱାଧୀନ ଟ୍ରିବ୍ୟୁନାଲ କନସୋର୍ଟିୟମ୍ ସପକ୍ଷରେ ରାୟ ଦେଇଥିଲେ। ପୂର୍ବତନ ସିଜେଆଇ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଅନ୍ୟ ଟ୍ରିବ୍ୟୁନାଲର ରାୟକୁ ଉକ୍ତ ମାମଲାରେ କପି କରାଯାଇଥିବା ଅପିଲ୍‌ର ସିଙ୍ଗାପୁର ହାଇକୋର୍ଟରେ ଶୁଣାଣି ହୋଇଥିଲା। ତେବେ ପୂର୍ବ ରାୟଗୁଡ଼ିକ ସହ ଦୀପକ ମିଶ୍ରଙ୍କ ସହ ଆର୍ବିଟ୍ରେଟରମାନେ ସାମିଲ ନ ଥିଲେ। ପକ୍ଷମାନଙ୍କ ଯୁକ୍ତି ଏବଂ ଭୁଲ୍ ଚୁକ୍ତିଭିତ୍ତିକ ସର୍ତ୍ତ ଲାଗୁ କରିବା ତଥା ଆଇନଗତ ସିଦ୍ଧାନ୍ତର ନିରପେକ୍ଷ ଭାବେ ଅନୁଧ୍ୟାନ କରିବାରେ ଟ୍ରିବ୍ୟୁନାଲ ବିଫଳ ହୋଇଥିବାରୁ ଏହା ସ୍ୱାଭାବିକ ନ୍ୟାୟ ସିଦ୍ଧାନ୍ତର ଉଲ୍ଲଂଘନ ବୋଲି ହାଇକୋର୍ଟ ଜାଣିବାକୁ ପାଇଥିଲେ।

# ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ ଫେରୁଛି କ୍ରିକେଟ୍

ନୂଆଦିଲ୍ଲୀ,୧୦।୪(ପି.ଟି.)

୧୨୮ ବର୍ଷର ଦୀର୍ଘ ବ୍ୟବଧାନ ପରେ କ୍ରିକେଟ ଅଲିମ୍ପିକ୍ସକୁ ଫେରିବାକୁ ଯାଉଛି। ଆମେରିକାର ଲସ୍‌ଏଞ୍ଜେଲ୍ସ (ଲା)ରେ ହେବାକୁ ଯାଉଥିବା ୨୦୨୮ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଉଭୟ ବିଭାଗରେ ୬ ଲେଖାଏଁ ଦଳ ଭାଗ ନେବେ। ଏ ନେଇ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। କ୍ରିକେଟକୁ ଅନ୍ତିମ ଥର ଅଲିମ୍ପିକ୍ସ ୧୯୦୦ ସଂସ୍କରଣରେ ଖେଳାଯାଇଥିଲା। ଏଥିରେ ଗ୍ରେଟ୍ ବ୍ରିଟେନ ଓ ଫ୍ରାନ୍ସ ମଧ୍ୟରେ ଏକ ଦୁଇ ଦିନିଆ କ୍ରିକେଟ ମ୍ୟାଚ ଖେଳାଯାଇଥିଲା, ଯାହାକୁ ବର୍ତ୍ତମାନ ଅଣସ୍ୱୀକୃତିପ୍ରାପ୍ତ ଟେଷ୍ଟ ମାନ୍ୟତା ଦିଆଯାଇଛି। ପ୍ରତ୍ୟେକ ଦଳ ୧୫ ଲେଖାଏଁ ଖେଳାଳିଙ୍କ ନାମ ଘୋଷଣା କରିବେ। ପୁରୁଷ ଓ ମହିଳାଙ୍କ ଇଭେଣ୍ଟ ଲାଗି ୯୦ ଲେଖାଏଁ ଆଥଲେଟ୍‌ଙ୍କ କୋଟା ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ଭାରତ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଜିମ୍ବାୱେ ଆଦି ୧୨ ସମ୍ପୂର୍ଣ୍ଣ ସଦସ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆସୋସିଏଟ୍ ସଦସ୍ୟଙ୍କ ଗ୍ରୁପରେ ୯୪ ଦେଶ ରହିଛନ୍ତି। ୨୦୨୮ ଅଲିମ୍ପିକ୍ସର କ୍ରିକେଟ ଇଭେଣ୍ଟ ଲାଗି ଯୋଗ୍ୟତା ମାନଦଣ୍ଡ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଆମେରିକା ଆୟୋଜକ ଦେଶ ହୋଇଥିବାରୁ ସିଧାସଳଖ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଏହାର ଅର୍ଥ ଯୋଗ୍ୟତା ପର୍ଯ୍ୟାୟ ପ୍ରକ୍ରିୟାରୁ ୫ ଦଳ ମୁଖ୍ୟ ଇଭେଣ୍ଟରେ ପହଞ୍ଚିବେ। ଆଶା କରାଯାଉଛି ଯେ, ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଆଇସିସି ର୍‍ୟାଙ୍କିଙ୍ଗର ଟପ୍-୫ରେ ଥିବା ଦଳ ଯୋଗ୍ୟତା ହାସଲ କରିବେ। କ୍ରିକେଟ ସମେତ ୫ଟି ନୂଆ ସ୍ପୋର୍ଟ୍ସ ଇଭେଣ୍ଟ ପରବର୍ତ୍ତୀ ଅଲିମ୍ପିକ୍ସ ଗେମ୍ସରେ ସ୍ଥାନ ପାଇବ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ୨୦୨୩ରେ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ଲାଗି ମଞ୍ଜୁରୀ ଦେଇଥିଲା। କ୍ରିକେଟ ସହିତ ବେସ୍‌ବଲ/ସଫ୍‌ଟବଲ, ☞ପୃଷ୍ଠା-୭

# ଘାତକ ଅସ୍ତ୍ର ନୁହେଁ ମଣିଷ ଦାନ୍ତ

## ଏତଲା ଖାରଜ ଆବେଦନ ଶୁଣାଣିରେ ବମ୍ବେ ହାଇକୋର୍ଟଙ୍କ ରାୟ

ମୁମ୍ବାଇ,୧୦।୪

ମଣିଷ ଦାନ୍ତ ଘାତକ ନୁହେଁ। ଜଣେ ଅନ୍ୟ ଜଣଙ୍କୁ କାମୁଡ଼ି ଦେଲେ ଏହାର କୌଣସି ଗଭୀର ପ୍ରଭାବ ପଡ଼ି ନ ଥାଏ ବୋଲି ବମ୍ବେ ହାଇକୋର୍ଟ ଏକ ଏଫ୍‌ଆଇଆର ଖାରିଜ ବା ଏତଲା ଖାରଜ ଆବେଦନର ଶୁଣାଣି କରି କହିଛନ୍ତି। ବିଚାରପତି ଭିଭା କଙ୍କଣ୍‌ୱାଡ଼ି ଏବଂ ସଞ୍ଜୟ ଦେଶମୁଖଙ୍କୁ ନେଇ ଗଠିତ ହାଇକୋର୍ଟର ଔରଙ୍ଗାବାଦ ପୀଠ ଜଣେ ମହିଳାଙ୍କ ଆବେଦନ ଉପରେ ବିଚାର କରି ଏଭଳି ମତ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଜଣେ ମହିଳାଙ୍କ ସହ ତାଙ୍କ ଭାଉଜଙ୍କ ପରିସ୍ଥିତି ହୋଇଥିଲା। ଏହିସମୟରେ ଭାଉଜ ରାଗିଯାଇ ତାଙ୍କ ନଣନ୍ଦଙ୍କ ହାତକୁ କାମୁଡ଼ି ଦେଇଥିଲେ। ଏନେଇ ନଣନ୍ଦ ୨୦୨୦ରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୨୪(ଘାତକ ଅସ୍ତ୍ର ବ୍ୟବହାର କରି ଆହତ କରିବା) ଲଗାଇ ଏକ ମାମଲା ରୁଜୁ କରିଥିଲା। ଏପରି କି ଅଭିଯୋଗକାରିଣୀଙ୍କ ଡାକ୍ତରୀ ପରୀକ୍ଷା ହୋଇଥିଲା। ଡାକ୍ତରୀ ରିପୋର୍ଟରେ ସାମାନ୍ୟ ଆଘାତର ଉଲ୍ଲେଖ ରହିଥିଲା। ପରେ ଉକ୍ତ ଏତଲାକୁ ଖାରଜ କରିବାକୁ ସମ୍ପୃକ୍ତ ଭାଉଜ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୪ତାରିଖରେ ଉକ୍ତ ଆବେଦନର ଶୁଣାଣି କରି କହିଛନ୍ତି ଯେ, ଅଭିଯୋଗକାରିଣୀଙ୍କ ଏତଲାକୁ ଆଧାର କରିପୋଲିସ ଆଇପିସି ଦଫା ୩୨୪ ଲଗାଇଛି, ଯାହାର ଏହିଘଟଣା ସହିତ କୌଣସି ପ୍ରକାର ତାଳମେଳ ରହୁ ନାହିଁ। ଅଭିଯୋଗକାରିଣୀଙ୍କୁ ତାଙ୍କ ଭାଉଜ ଦାନ୍ତରେ କାମୁଡ଼ି ଥିବାନେଇ ଅଭିଯୋଗ ହୋଇଥିଲା। ତେବେ ମଣିଷ ଦାନ୍ତ ଏକ ଘାତକ ଅସ୍ତ୍ର ନୁହେଁ, ଏହାଦ୍ୱାରା ମଣିଷ ଶରୀରରେ ଗଭୀର ମାତ୍ରାରେ ପ୍ରଭାବ ପଡ଼ି ନ ଥାଏ। ଅଭିଯୋଗକାରିଣୀଙ୍କ ମେଡିକାଲ ରିପୋର୍ଟରେ ମଧ୍ୟ ସାମାନ୍ୟ ଆହତ ବୋଲି ଉଲ୍ଲେଖ ରହିଛି। ଏତଲା ଅଭିଯୋଗକୁ ଆଧାର କରି ଏଭଳି ଦଫା ଲଗାଇବା ଆଇନର ଦୁରୁପଯୋଗ ସଦୃଶ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିବା ସହ ଅଭିଯୋଗକାରିଣୀଙ୍କ ଏତଲାକୁ ଖାରଜ କରିଦେଇଛନ୍ତି।

**ଆଜିର ସମ୍ପାଦକୀୟ**
ଚାଇନାରେ ବିବାହ ସଙ୍କଟ

# ପାଣି ନାହିଁ ବୋଲି ମିଳୁନି ବୋହୂ



ମହିଳାମାନେ ଝରଣାରୁ ପାଣି ଧରି ଗାଁକୁ ଫେରୁଛନ୍ତି।

ନବରଙ୍ଗପୁର,୧୦।୪(ସଦାଶିବ ପ୍ରଧାନ)

## ଗାଁର ୪୦ରୁ ଊର୍ଦ୍ଧ୍ୱ ଯୁବକ ଅବିବାହିତ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାଲି ପଞ୍ଚାୟତ ଅଧୀନ ବଡ଼ବାଲି ଗାଁରେ ବର୍ଷ ବର୍ଷ ଧରି ଲାଗିରହିଛି ପାଣି ସମସ୍ୟା। ପ୍ରାୟ ୨ ବର୍ଷ ହେବ ମେଗା ପାନୀୟଜଳ ପ୍ରକଳ୍ପରେ ଏକ ପାଣି ଟାଙ୍କି ଗ୍ରାମରେ ନିର୍ମାଣ ହୋଇ ପାଇପ ବିଛା ଯାଇଛି। ହେଲେ ଗ୍ରାମବାସୀଙ୍କୁ ପାଇପ ପାଣି ମିଳିନି। ଫଳରେ ପାଣି ପାଇଁ ଯିବାକୁ ପଡୁଛି ଦୀର୍ଘ ଦେଢ଼ କିଲୋମିଟର। ଉକ୍ତ ସମସ୍ୟା ପାଇଁ ଏହି ଗାଁରେ ଝିଅ ଦେବାକୁ କେହି ରାଜି ହେଉନାହାନ୍ତି। ଖାସ୍ ଏହି କାରଣରୁ ଏବେ ଗାଁର ପ୍ରାୟ ☞ପୃଷ୍ଠା-୨

# ଆକ୍ରମଣ ବେଳେ ହାତୀକୁ ମୁଣ୍ଡିଆ

## ଯୁବକ ଆହତ, ଅନୁଗୋଳ ମେଡିକାଲରେ ଭର୍ତ୍ତି

ବଣରପାଳ,୧୦।୪(ସୁଭାସ ସାହୁ)

ମହୁଲ ଫୁଲ ସଂଗ୍ରହ ବେଳେ ହାତୀ ହାତରେ ପଡ଼ିଗଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିବା ବେଳେ ଉପାୟଶୂନ୍ୟ ହୋଇ ସେ ହାତଯୋଡ଼ି ମୁଣ୍ଡିଆ ମାରିଲେ। ଜୀବନ ବଞ୍ଚାଇବାକୁ ଅନେକ ପ୍ରାର୍ଥନା କଲେ। ଏହି ସମୟରେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇ ପଳାଇଗଲା। ଆହତ ହୋଇଥିଲେ ବି ଯୁବକ ଜଣକ ରକ୍ଷା ପାଇଯାଇଛନ୍ତି। ଅନୁଗୋଳ ଜିଲା ବଣରପାଳ ବ୍ଲକ କୁଲାଡ଼ ଗ୍ରାମରେ ଗୁରୁବାର ଘଟିଥିବା ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଆହତ ଯୁବକ ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବଣରପାଳ ବ୍ଲକ କୁଲାଡ଼ ଗ୍ରାମର କଦିଆ ସେଠୀଙ୍କ ପୁଅ ପ୍ରଫୁଲ୍ଲ ସେଠୀ (୪୦) ସକାଳ ପ୍ରାୟ ୬ଟା ବେଳେ ନିକଟସ୍ଥ ଡୋଡାକୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଇଥିଲେ। ତେବେ ମହୁଲ ଫୁଲ ଗୋଟାଉଥିବା ବେଳେ ପ୍ରଫୁଲ୍ଲ ହଠାତ୍ ହାତୀ ହାତରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଆକ୍ରମଣ କରୁଥିବା ଦେଖି ସେ ଭୟରେ ମୁଣ୍ଡିଆ ମାରିବା ସହ ହାତଯୋଡ଼ି ପ୍ରାର୍ଥନା କରିଥିଲେ। ହାତୀଟି ତାଙ୍କୁ ☞ପୃଷ୍ଠା-୭

KIIT
ସୁରକ୍ଷା ଅଧିକାରୀ /କର୍ମଚାରୀ ଆବଶ୍ୟକ
କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ୟାମ୍ପସ ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗର ୩୦୦ ସୁରକ୍ଷା କର୍ମଚାରୀ ଓ ସୁରକ୍ଷା ଅଧିକାରୀ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୁରକ୍ଷା କର୍ମଚାରୀ ପ୍ରାର୍ଥୀଙ୍କ ବୟସ ୧୮ରୁ ୨୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ମ୍ୟାଟ୍ରିକ୍ ବା ତଦୂର୍ଦ୍ଧ୍ୱ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବେ। ପ୍ରାର୍ଥୀଙ୍କ ଉଚ୍ଚତା ୫ଫୁଟ୍ ୮ଇଞ୍ଚ ହୋଇଥିବା ବାଞ୍ଛନୀୟ (ମହିଳାଙ୍କ କ୍ଷେତ୍ରରେ ଉଚ୍ଚତା କୋହଳ କରାଯିବ)। ପ୍ରାର୍ଥୀଙ୍କ ଫିଜିକାଲ ଓ ମେଡିକାଲ ଫିଟନେସ୍ ଉପରେ ଗୁରୁତ୍ୱ ଦିଆଯିବ।
ସୁରକ୍ଷା ଅଧିକାରୀ ପଦବୀ ପାଇଁ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ଅଗ୍ରାଧିକାର ଦିଆଯିବ।
ଆବେଦନର ଶେଷ ତାରିଖ ୨୫।୪।୨୦୨୫। ଆବେଦନ କରିବା ସମୟରେ ପ୍ରାର୍ଥୀ ନିଜର ସ୍ଥାୟୀ ଠିକଣା ସହ ଟେଲିଫୋନ୍ ନମ୍ବର ଦେବା ନିହାତି ଆବଶ୍ୟକ।
ସ୍ୱା/-କୁଳସଚିବ (କିଟ୍ ବିଶ୍ୱବିଦ୍ୟାଳୟ)
ଆବେଦନ କରିବାର ଠିକଣା: ଏଚ୍ ଆର୍ ସେଲ୍, ଚିନ୍ତନ ବିଲ୍ଡିଂ, କ୍ୟାମ୍ପସ-୪ କିଟ୍ ବିଶ୍ୱବିଦ୍ୟାଳୟ, ପୋ: କିଟ୍, ଭୁବନେଶ୍ୱର-୭୫୧୦୨୪
Email: recruitment.kiit2025@kiit.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭଗବତୀ ମା' ପାଟୋଳୀଶ୍ୱରୀଙ୍କ ଦ୍ୱାଦଶ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଗୀତା ଯଜ୍ଞ, ସ୍ଥାନ: ବେଣ୍ଟପୁର ବାଲିକାଣ୍ଟିଆସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ରେଳ ଅଡିଟୋରିୟମ, ମଞ୍ଚେଶ୍ୱର ସମୟ: ପୂର୍ବାହ୍ନ ୧୦ଟା।
- ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ଗୋତଲବିନ୍ଧାସ୍ଥିତ ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟକ 'ସୂପନେଖାର ନାସା ଓ କର୍ଣ୍ଣ ଛେଦନ', ସ୍ଥାନ: କାକରୁଦ୍ରପୁର ପତିତପାବନ ଦେବ ମନ୍ଦିର ପରିସର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର କମିଟି ପକ୍ଷରୁ ରାମଲୀଳାର ନାଟକ 'ସୀତା ଚୋରି', ସ୍ଥାନ: ବଇରୁଆ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ବେଣ୍ଟପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।

## ପୁରୀ

- ଆଭାସି ମାଧ୍ୟମରେ ଆୟୁଷ୍ମାନ ଯୋଜନାର ଉଦ୍‌ଘାଟନ, ସ୍ଥାନ: ସୁକଳ, ମହୁରା, ରାୟଖଣ୍ଡି ପଞ୍ଚାୟତ, ସାକ୍ଷୀଗୋପାଳ, ସମୟ: ମଧ୍ୟାହ୍ନ ୨ଟା ୩୦।

## ଢେଙ୍କାନାଳ

- ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ୱିଙ୍ଗ କମାଣ୍ଡର ବିଏସ୍ ସିଂହଦେଓଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୨ଟା।

## ଅନୁଗୋଳ

- ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଆରମ୍ଭ, ସ୍ଥାନ: ତାଳଚେର ଗୋପାଳପ୍ରସାଦ, ସମୟ: ପ୍ରାତଃ ୪ଟା।
- ହିଙ୍ଗୁଳା ଯାତ୍ରା ଅବସରରେ ୯ ଦିନିଆ ୨୧ତମ ଲୋକ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ତାଳଚେର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଯୁବ ଲେଖକ ସମ୍ମିଳନୀ ଉଦ୍‌ଘାଟନୀ, ସ୍ଥାନ: ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଆୟୁଷ୍ମାନ ଯୋଜନା, ସ୍ଥାନ: ସିମୁଳିଆ ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବାହାର୍ଦ୍ଦା, ବସ୍ତା, ସମୟ: ଅପରାହ୍ନ ୨ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ପଞ୍ଚମ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଯୁବ ଲେଖକ ସମ୍ମିଳନୀର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ନନ୍ଦୁର ଆଞ୍ଚଳିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଅସୁରିଆ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସୀମା ପ୍ରକ୍ରିୟା ପଟା ବିତରଣ ସମାରୋହ, ସ୍ଥାନ: କଲ୍ୟାଣ ମଣ୍ଡପ, ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ଭଦ୍ରକ, ସମୟ: ସକାଳ ୯ଟା।
- ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ, ସ୍ଥାନ: ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ, ଭଦ୍ରକ ବାଇପାସ୍, ସମୟ: ସକାଳ ୯ଟା।
- ହନୁମାନ ମନ୍ଦିରର ବାର୍ଷିକ ମହୋତ୍ସବ, ସ୍ଥାନ: ବାଲିମେଦ ପାଇକସାହି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ଲେଖକ ସମ୍ମିଳନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁଷ୍ମାନ ଭାରତ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାଲିମେଦ, ବାରାପୁର, ଇରମ, ଏଡ଼ତାଳ, ବାଲିମୁଣ୍ଡା, ବେତଡ଼ା, ନାୟକାଣିଡିହୀ, ବାସୁଦେବପୁର, ସମୟ: ଅପରାହ୍ନ ୨ଟା ୩୦।
- ଆୟୁଷ୍ମାନ ଭାରତ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ଦୋଳମଣ୍ଡପ ପଡ଼ିଆ, ମାଧପୁର ପଞ୍ଚାୟତ ଅଫିସ ପାଖ ପଡ଼ିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ବାଦିପାଲା ଉଦ୍‌ଯାପନୀ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ରାତି ୧୧ଟା।

## କେନ୍ଦୁଝର

- ଆୟୁଷ୍ମାନ ଭାରତ, ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଉଦ୍‌ଘାଟନ ଓ ଏକକ କାର୍ଡ ବିତରଣ, ସ୍ଥାନ: ପାଟଣା ବ୍ଲକ୍ କେନ୍ଦେଇ ପଶି, ଖିରେଇ ଟାଙ୍ଗିରୀ , ରାଜନଗର, ଡୁରୁମୁଙ୍ଗା, ଡୁମୁରିଆ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ଅପରାହ୍ନ ୨ଟା ୩୦।
- ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଉଦଘାଟନୀ ସମାରୋହ, ସ୍ଥାନ: ସରକାରୀ ନୋଡାଲ ବିଦ୍ୟାଳୟ ମୁରୁପୁର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓରାଳୀ, ସୋସୋ, ସୁନ୍ଦରାପାଳ, ଘୁଙ୍ଗୁଣା, ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ହଦଗଡ଼, ହାଟଡିହୀ, ଛେନାପଦି, ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି–୨୦୨୫ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶିମିଳିପାଳ ସ୍ପୋର୍ଟ୍ସ ଏସି ସହିତ ଶାନ୍ତି ନିକେତନ ଟିମ୍‌ର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ଶାନ୍ତି ଶ୍ରୀ ହରିହର ଯଜ୍ଞାନୁଷ୍ଠାନର ହୋମଯଜ୍ଞ,ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପରିସର, ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ରାଧବଲ୍ଲଭଜୀଉ ହରିହାଟ ମହୋତ୍ସବ, ସ୍ଥାନ: ନାଖରା, ବଡ଼ସାହି, ସମୟ: ସକାଳ ୯ଟା।
- ମା' ଲାଲପାଟ ସାଲ ପାଟ ଗ୍ରାମଦେବୀଙ୍କ ଜନ୍ମ ବାର୍ଷିକୀ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର. ୱାର୍ଡନଂ. ୧୫ ବାରିପଦା,ସମୟ: ସକାଳ ୯ଟା।
- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: କୁଆମରା,ସାଇଁକୁଳା, ମାଙ୍କଡ଼କେନ୍ଦା (ପୁରୁଣା ବାରିପଦା), ରାଣୀବନ୍ଧ, କୁଶଳଦା ଡାକ୍ତରଖାନା ପରିସର, ଗୋପବନ୍ଧୁ ନଗର, ସମୟ: ଅପରାହ୍ନ ୨ଟା୩୦।
- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ,ସ୍ଥାନ: ଚିତ୍ରଡ଼ା, ବଡ଼ଫେରା,ଦାନ୍ତିଆମୁହାଁ, ଗଡ଼ିଆ,ମୋରଡ଼ା ଏବଂ ସାନମୁଣ୍ଡାବଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମୋରଡ଼ା, ସମୟ: ଅପରାହ୍ନ ୨ଟା ୩୦।
- ସିଏମ୍ ଟ୍ରଫି–୨୦୨୫ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଇନଡିପେଣ୍ଡେଣ୍ଟ ସ୍ପୋର୍ଟ୍ସ ସହିତ ଆରପିଜେଜେ କ୍ଲବର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ଅପରାହ୍ନ ୪ଟା।
- ପ୍ରସିଦ୍ଧ ଚୈତ୍ର ପର୍ବ ଉଦ୍‌ଘାଟନ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରଚୁଲି, ମାଣିତରା, ବାଲିପଦର, ଆଶ୍ରମ କରଡାବାଡ଼ି, ସମୟ: ଅପରାହ୍ନ ୨ ଟା ୩୦।

## କନ୍ଧମାଳ

- ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଫୁଲବାଣୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୧୩୧ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୧ ଟା।
- ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ବ୍ରାହ୍ମଣୀଗାଁ, ଗଦାପୁର, ସିକରମାହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସରାମୁଳି, ସିମନବାଡ଼ି ଏବଂ ବୁଢ଼ାଗୁଡ଼ାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସିନ୍ଧିଗାଁ, ସୁଡ୍ରା ଓ ଖମନଖୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଷଷ୍ଠ ସ୍ଥାନରେ ଚନ୍ଦ୍ର ପାପଗ୍ରହ କେତୁ ଯୁକ୍ତ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ଆଶଙ୍କା ରହିଛି। ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ** ଗୁରୁ ଦ୍ୱିତୀୟସ୍ଥ ଯୋଗୁ ପ୍ରାପ୍ୟ ଅର୍ଥ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ପ୍ରାପ୍ତ ହେବାର ସୂଚନା ରହିଛି। ସପ୍ତମସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିବାକୁ ବାଧ ହୋଇପାରନ୍ତି। ଅବଶ୍ୟ ପିଲାଙ୍କ କୌଣସି ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ।

**ମିଥୁନ** ରାଶ୍ୟାଧିପ ବୃହସ୍ପତି କ୍ଷେତ୍ରର ପ୍ରଭାବରେ କର୍ମକ୍ଷେତ୍ରରେ ସଫଳତା ଲାଭ କରିପାରିବେ। ପାରିବାରିକ ସହଯୋଗ ଅଭାବରୁ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଧାର, କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ** ବଳହୀନ ମଙ୍ଗଳ ରାଶିରେ ଥିବାରୁ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗିରହୁଥିବାରୁ ନିରାଶ ହେବାକୁ ପଡିପାରେ। ଅବଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ନିଜ ଲୋକମାନଙ୍କ ଅନାଦର ଓ ଖାପଛଡା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ** ଉଚ୍ଚାରୋହୀ ରାଶ୍ୟାଧିପ ରବି ଏକାଧିକ ଗ୍ରହଙ୍କ ମଧ୍ୟରେ ଦୁଃସ୍ଥାନସ୍ଥ ଯୋଗୁ କୌଣସି କାର୍ଯ୍ୟ ସୁବିଧାରେ ହୋଇ ନ ପାରେ। ବିଭିନ୍ନ ଦିଗରୁ ସହଯୋଗ ଲାଭକରି ଉପକୃତ ହୋଇପାରନ୍ତି। ଚନ୍ଦ୍ରଙ୍କ ଅଶୁଭତ୍ୱ କାରଣରୁ ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କନ୍ୟା** ଧନାଧିପ ନିଜଭାବରୁ ଷଷ୍ଠସ୍ଥ ହେତୁ ଅର୍ଥ ପ୍ରାପ୍ତିରେ କୌଣସି ବ୍ୟକ୍ତି ପ୍ରତିରୋଧ କରିବେ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ଭାଗ୍ୟାଧିପ ଗ୍ରହଯୁଦ୍ଧରେ ଆକ୍ରାନ୍ତ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା** ସପ୍ତମସ୍ଥ ବୃହସ୍ପତି ପାରିବାରିକ ଜୀବନରେ ସମସ୍ୟାଜନିତ ଅଶାନ୍ତି ସୃଷ୍ଟି କରିବ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସମ୍ପର୍କରେ ଭଙ୍ଗା ପଡିବ। ଅନୁରାଧା ସକାଶେ ସମୟାନ୍ତରେ ମତାନ୍ତର ବଦଳିପାରେ। ରାଜନୀତି, ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ଚତୁର୍ଥଭାବରେ ଏକାଧିକ ଗ୍ରହ ପରିବାର ଓ କର୍ମକ୍ଷେତ୍ର ସକାଶେ ସମସ୍ୟା ସୃଷ୍ଟି କରିବେ। ଅବଶ୍ୟ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର** ନୀଚାରୋହୀ ରାଶ୍ୟାଧିପ ହେତୁ ଦୈହିକ ଓ ମାନସିକ ସ୍ଥିତି ଭଲ ରହି ନ ପାରେ। ମନ ଚାହୁଁଥିବା ଅନୁସାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇ ପଡିବ। ବହୁ କଷ୍ଟରେ ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି। ଅବଶ୍ୟ ଆନୁଷ୍ଠାନିକ କାମ, ସଭାସମିତି, ସଂଗଠନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** କର୍ମାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। କିନ୍ତୁ ଶତଭିଷା ନକ୍ଷତ୍ର ପାଇଁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିବା କଷ୍ଟକର ହୋଇପାରେ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି। ବ୍ୟବସାୟ, ଯାତ୍ରା ଓ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ** ଧନାଧିପତିଙ୍କ ଦୁର୍ବଳତାଜନିତ ଆର୍ଥିକ ଦୁରବସ୍ଥା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଶଳ ପ୍ରୟୋଗ କରି ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡିବାରେ ସମର୍ଥ ହେବେ ।

ଆଜି ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ଚୈତ୍ର ଶୁକ୍ଳପକ୍ଷର ବିଷ୍ଣୁ ଓ ଶିବ ଦମନକ ଚତୁର୍ଦ୍ଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ ବା ଦୟଣା ଲାଗି, ଶ୍ରୀଲିଙ୍ଗରାଜ ଦେବଙ୍କ ଦମନକ ଯାତ୍ରା, ଶିବ ଚତୁର୍ଦ୍ଦଶୀ ଓ ବେଢା ପରିକ୍ରମା, ରାଶି ନକ୍ଷତ୍ର–ଉତ୍ତରା ଫାଲଗୁନୀ/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୫ ଗତେ, ଘ.୦୬।୨୫ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ. ୧୦।୧୪ ଗତେ, ଘ.୧୧।୪୭ ମଧ୍ୟେ ରାହୁ କାଳ ।

ପ୍ରଥମ ପୃଷ୍ଠାରୁ...

## ୨୮ ଆଇଏଏସ୍...

ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଚକବନ୍ଦୀ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଉପମା କାଲୋଙ୍କୁ ଆଏଏସ୍‌କୁ ପଦୋନ୍ନତି ପରେ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ଲିଲି କୁମାରୀ କୁଲୁଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଡିଭିଜନାଲ କୋର୍ଟ(ଭୁବନେଶ୍ୱର)ର ଅତିରିକ୍ତ ଆୟୁକ୍ତ ପ୍ରଦୀପ କୁମାର ନାୟକ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ନରହରି ସେଠୀ, ପଛୁଆବର୍ଗ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶଙ୍କୁ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଛି। ସେହିପରି ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ମଧୁମିତା ରଥଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ସହିତ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ଆଇଏଏସ୍‌କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ ସଂସଦୀୟ ବ୍ୟାପାର ବିଭାଗ ସ୍ୱତନ୍ତ୍ର ସଚିବ ପ୍ରତାପ କୁମାର ହୋତାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ମିଶ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ରେଗା ଗୀତାରାଣୀ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଅବକାରୀ ବିଭାଗ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଅଞ୍ଜନା ପଣ୍ଡାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗୃହବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ପୃଷ୍ଟିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ସ୍ୱୟଂ ପ୍ରଭା ମହାନ୍ତିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଦାମ ଚରଣ ମଣ୍ଡଳଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଏବଂ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଗିରିଶ ଚନ୍ଦ୍ର ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଛି।

## ୧୨୮ ବର୍ଷ ପରେ...

ଫ୍ଲାଗ ଫୁଟବଲ, ଲାକରୋସେ (ସିକ୍ସେସ) ଓ ସ୍କ୍ୱାଶକୁ ମଞ୍ଜୁରୀ ମିଳିଥିଲା। ଆଇଓସିର କାର୍ଯ୍ୟନିର୍ବାହୀ ପରିଷଦ (ଇବି) ୨୦୨୮ ଅଲିମ୍ପିକ୍ସ ଲାଗି ଇଭେଣ୍ଟ ପ୍ରୋଗ୍ରାମ ଓ ଆଥଲେଟ୍ କୋଟାକୁ ମଞ୍ଜୁରୀ ଦେଇଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସଠାରୁ ଲସ୍‌ଏଞ୍ଜେଲ୍ସ ସଂସ୍କରଣରେ ୨୮ଟି ଅଧିକ ପଦକ ଇଭେଣ୍ଟ ସାମିଲ କରାଯାଇଛି। ଆଇଓସି ରେକର୍ଡ ୩୫୧ ପଦକ ଇଭେଣ୍ଟ ଓ ୧୦,୫୦୦ ଆଥଲେଟ୍ କୋଟାକୁ ମଞ୍ଜୁରୀ ପ୍ରଦାନ କରିଛି। ୫ ଅତିରିକ୍ତ ସ୍ପୋର୍ଟ୍ସ ଇଭେଣ୍ଟ ଲାଗି ଅଧିକ ୬୯୮ କୋଟା ଦିଆଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ସମସ୍ତ ଦଳଗତ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗରେ ସମାନ ସଂଖ୍ୟକ ଦଳ ଭାଗ ନେବେ।

## ପାଣି ନାହିଁ ବୋଲି...

୮୦ରୁ ଅଧିକ ଯୁବକ ଅବିବାହିତ ଅଛନ୍ତି। ବଡ଼ବାର୍ଲି ଗାଁରେ ୨୧୮ ପରିବାର। ଲୋକସଂଖ୍ୟା ହଜାରରୁ ଊର୍ଦ୍ଧ୍ୱ। ପାହାଡ଼ଘେରା ଗାଁରେ ରାସ୍ତା, ବିଜୁଳିତ ରହିଛି। କିନ୍ତୁ ପିଇବା ପାଣି ସୁବିଧାରେ ମିଳୁନି। ପ୍ରଶାସନ ପକ୍ଷରୁ ଏଠାରେ ୩ଟି ନଳକୂପ ଖୋଳାଯାଇଥିଲା। ଗାଁ ସ୍କୁଲ ପରିସରରେ ବି ଗୋଟିଏ ନଳକୂପ ଅଛି। କିନ୍ତୁ ବର୍ତ୍ତମାନ କେବଳ ଗୋଟିଏ ନଳକୂପରୁ ଅଳ୍ପ କିଛି ପାଣି ବାହାରୁଛି, ଯାହା କି ଲୋକଙ୍କ ଆବଶ୍ୟକତାଠାରୁ ଢେର୍ କମ୍। ଅନ୍ୟ ୩ଟି ଅଚଳ। ଫଳରେ ବାଧ ହୋଇ ରାତି ପାହିଲେ ମହିଳାମାନେ ଦେଢ଼ କି.ମି. ଦୂରରେ ଥିବା ଝରଣାକୁ ପାଣି ପାଇଁ ଯାଉଛନ୍ତି। ତେବେ ଏ ନେଇ ୧୦ ବର୍ଷ ତଳେ ମଧ୍ୟ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଝରଣା ପାଣି ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ କୁଣ୍ଡ ନିର୍ମାଣ ସହ ପାଇପ୍ ଲଗାଯାଇଥିଲା। ଝରଣା ପାଖକୁ ଯିବାକୁ ହେଲେ ପ୍ରାୟ ୩୦ ଫୁଟ୍ ତଳକୁ ଯିବାକୁ ପଡୁଥିବାରୁ ପ୍ରଶାସନ ପକ୍ଷରୁ ୩୫ଟି ପାହାଚ କରାଯାଇଛି। ପାଣି ସଂଗ୍ରହ ପାଇଁ ପଥର ସନ୍ଧିରେ ୨ଟି ପାଇପ୍ ଲଗାଯାଇଛି। ଏଥିସହ ଅନ୍ତ୍ୟେଷ୍ଟିକ୍ରିୟା ସ୍ନାନ, ଶୌଚ ଆଦି ପାଇଁ ପ୍ରାୟ ୨କି.ମି. ଦୂର ସାନବାର୍ଲି କିମ୍ବା ନୂଆଗୁଡ଼ା ଗାଁ ପୋଖରୀକୁ ଯିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଏ ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯିବା ପରେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ପ୍ରମାନନ୍ଦ ନାଗ କହିଛନ୍ତି। ଏହି ସମସ୍ୟା ପାଇଁ ଗାଁକୁ କେହି ଝିଅ ଦେବାକୁ ରାଜି ହେଉନାହାନ୍ତି। ଯଦି ଅନ୍ୟ ଗାଁ ଝିଅ ଏଠାକୁ ବାହା ହୋଇ ଆସୁଛନ୍ତି ଏହି ଅସୁବିଧା ଯୋଗୁ ଶାଶୁ ଘର ଛାଡ଼ି ବାପଘରକୁ ଚାଲିଯାଉଛନ୍ତି। ଗାଁର ରାଏସିଂ ନାୟକ କହିଛନ୍ତି, ସେ ଅନ୍ୟ ଗ୍ରାମର ଝିଅଙ୍କୁ ବାହା ହୋଇଥିଲେ। ତାଙ୍କର ପୁଅଟିଏ ମଧ୍ୟ ହେଲା। କିନ୍ତୁ ପାଣି ସମସ୍ୟାର ସମ୍ମୁଖୀନ ହୋଇ ୮ ମାସର ପୁଅ ଓ ପରିବାରକୁ ଛାଡ଼ି ସ୍ତ୍ରୀ ଚାଲିଯାଇଥିବା ରାଏସିଂ କହିଛନ୍ତି। ତୁରନ୍ତ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମୀର ହରିଜନଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ପ୍ରତୀକ କୁମାର ରାଉତଙ୍କୁ ପଚାରିବାରୁ ବଡ଼ବାର୍ଲି ଗ୍ରାମଟି ରେଡ୍ ଜୋନ୍‌ରେ ଥିବାବେଳେ ପାଣି ସମସ୍ୟା ରହିଥିବା ସେ ସ୍ୱୀକାର କରିଛନ୍ତି। ତେବେ ସେଠାରେ ମେଗା ପାନୀୟଜଳ ପ୍ରକଳ୍ପରେ ଗାଁକୁ ଜଳ ଯୋଗାଣ ଯୋଜନା ରହିଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ପାଇପ୍ ବିଛାଇବା ଲାଗି ଅନୁମତି ଦେଉ ନ ଥିବାରୁ ସମସ୍ୟା ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇ ଜୁନ୍ ମାସ ସୁଦ୍ଧା ଗାଁର ପାନୀୟଜଳ ସମସ୍ୟା ଦୂର କରାଯିବ। ସେହିଭଳି ଖରାଦିନ ସାରା ଟ୍ୟାଙ୍କର ଯୋଗେ ଗ୍ରାମରେ ଜଳ ଯୋଗାଣ କରାଯାଇ ପାଣି ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଆକ୍ରମଣ ବେଳେ...

ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଏହାପରେ ତାଙ୍କୁ ଦଳିଦେବାକୁ ଗୋଡ଼ ଉଠାଇଥିଲେ ହେଁ କୌଣସି କାରଣରୁ ହାତୀଟି ସେଠାରୁ ଚାଲିଯାଇଥିଲା। ଆହତ ପ୍ରଫୁଲ୍ଲ କୌଣସିମତେ ଘରକୁ ଚାଲି ଆସି ଘଟଣା ବିଷୟରେ ଜଣାଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଗାଁ ନିକଟରେ ହାତୀଙ୍କ ଉପସ୍ଥିତି ଓ ଗତିବିଧି ସମ୍ପର୍କରେ ବନବିଭାଗ ଗ୍ରାମବାସୀଙ୍କୁ ଜଣାଇ ନ ଥିବାରୁ ଏପରି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀ ଘଉଡ଼ାଇବା ନାଁରେ ବନ ବିଭାଗ କର୍ମଚାରୀ, ହାତୀ ସ୍କ୍ୱାଡ୍ ଓ ଗଜସାଥୀ କେବଳ ଫଟୋ ଉତ୍ତୋଳନ କରି କର୍ତ୍ତବ୍ୟ ସାରିଦେଉଥିବା ଗ୍ରାମବାସୀ କହିଛନ୍ତି। ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର କୁଶଧ୍ୱଜ ନାୟକ କହିଛନ୍ତି, ଖବରପାଇ ଘଟଣାସ୍ଥଳକୁ ଯାଇଥିଲେ। ଯୁବକ ଜଣକ ଭିନ୍ନକ୍ଷମ। ହାତୀ ତାଙ୍କୁ ଆକ୍ରମଣ କରିନାହିଁ। ଦୌଡ଼ି ପଳାଇଆସିବା ବେଳେ ସେ ପଡ଼ି ଆହତ ହୋଇଛନ୍ତି। ତାଙ୍କୁ ମେଡିକାଲ ପଠାଯାଇଛି।

# ଆଜିଠୁ ଓଟିଟିରେ 'ଛାବା'



**ମୁମ୍ବାଇ:** ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର 'ଛାବା' ଫିଲ୍ମକୁ ବକ୍ସ ଅଫିସ୍‌ରେ ଢ଼େର ସଫଳତା ମିଳିଛି। ତେବେ ବଡ଼ ପରଦା ପରେ ଏବେ ଏହି ଫିଲ୍ମ ଓଟିଟିରେ ରିଲିଜ୍ ହେବାକୁ ଯାଉଛି। ଶୁକ୍ରବାରଠାରୁ 'ଛାବା' ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ଏନେଇ ଫିଲ୍ମର ପ୍ରଡକ୍ସନ କମ୍ପାନୀ ମେଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରାଯାଇ ସୂଚନା ଦିଆଯାଇଛି। ଏହି ପୋଷ୍ଟକୁ ନେଟଫ୍ଲିକ୍ସ ମଧ୍ୟ ରି-ଶେୟାର କରିଛି। ଗତ ଫେବୃଆରୀ ୧୪ରେ ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ 'ଛାବା' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସରେ ଧମାଲ ମଚାଇବା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମ ବିଶ୍ୱବ୍ୟାପୀ ୮୦୪.୮୫ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୫୯୯.୨ କୋଟି ଟଙ୍କାର ରୋଜଗାର କରିଛି।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ ଆୟୁଷ୍ମାନ...

- ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ୨ ଉପମୁଖ୍ୟମନ୍ତ୍ରୀ
- ୧୨ରେ ଏମ୍‌ପି, ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ
- ୧୧ରୁ ୧୩ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ ପ୍ରଶିକ୍ଷଣ ଶିବିର

ହସ୍ପିଟାଲରେ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା। ଫଳରେ ବହୁ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଶୁଭାରମ୍ଭ ହେବା ପରେ ରାଜ୍ୟ ଓ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କୁ ମାଗଣାରେ ଉନ୍ନତମାନର ଚିକିତ୍ସା ସେବା ମିଳିପାରିବ। ଦେଶର ୨୯ ହଜାର ହସ୍ପିଟାଲରେ ଏହି ସେବା ଉପଲବ୍ଧ ହେବ। ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ। ଆୟୁଷ୍ମାନ୍ ଭାରତ ଯୋଜନାରେ ପରିବାର ପିଛା ଗୋଟିଏ କାର୍ଡ ଦିଆ ନ ଯାଇ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ପ୍ରଦାନ କରାଯିବ। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ ହେବାକୁ ଯାଉଛି। ପୁରୀରେ ହେବାକୁ ଥିବା 'ବିଧାୟକ ଓ ଏମ୍‌ପି ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ୧୧ ତାରିଖ ସନ୍ଧ୍ୟାରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ୧୨ ତାରିଖ ସକାଳେ ନଡ୍ଡା ବିଧିବଦ୍ଧଭାବେ ଏହାକୁ ଉଦ୍‌ଘାଟନ କରିବେ। ଏହି ଶିବିରରେ ସାଙ୍ଗଠନିକ, ପ୍ରଶାସନିକ, ବିଚାରଧାରା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ନଡ୍ଡାଙ୍କ ଏହି ୨ ଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ ୩ କେନ୍ଦ୍ରମନ୍ତ୍ରୀ ମଧ୍ୟ ସାମିଲ ହେବେ ବୋଲି ଜଣାପଡ଼ିଛି।

ଅପରପକ୍ଷରେ ଗୁରୁବାର ମଧ୍ୟାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲିଯାତ୍ରା ପଡିଆରେ ପହଞ୍ଚି ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ବାଲିଯାତ୍ରା ପଡିଆରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସ୍ଥିତି ସମୀକ୍ଷା କରିବା ସହ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସମୀକ୍ଷା ପରେ ପ୍ରଭାତୀ କହିଛନ୍ତି, ବାଲିଯାତ୍ରା ପଡିଆରେ ପ୍ରାୟ ୨୫ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଆୟୁଷ୍ମାନ୍ ଭାରତ ଯୋଜନାରେ ଦେଶର ସମସ୍ତ ହସ୍ପିଟାଲରେ ଲୋକମାନେ ଯେପରି ଚିକିତ୍ସା ସୁବିଧା ପାଇପାରିବେ, ସେଥିପାଇଁ ଲକ୍ଷ୍ୟ ରଖାଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ୧୫ରୁ ୨୦ ଜଣଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ପରେ ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିରେ ଏହି କାର୍ଡ ବଣ୍ଟନ କରାଯିବ। ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ଥିଲା, ହେଲେ ସେଥିରେ ଦୁର୍ନୀତି କରାଯାଉଥିଲା ; କିନ୍ତୁ ଏହି ଆୟୁଷ୍ମାନ୍ କାର୍ଡରେ କେବଳ ସେବା ଲୋକଙ୍କ ପାଖରେ ପହଞ୍ଚିବ। ଏଥିସହ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଅନ୍ୟ ବ୍ୟବସ୍ଥା ରହିଛି। ଆସନ୍ତା ୧ ମାସ ମଧ୍ୟରେ ସମସ୍ତ ଲୋକଙ୍କ ପାଖରେ ଏହି କାର୍ଡର ସୁବିଧା ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାତୀ କହିଛନ୍ତି।

ସେହିପରି କନକବର୍ଦ୍ଧନ ସିଂଦେଓ କହିଛନ୍ତି, କଟକ ବାଲିଯାତ୍ରା ପଡ଼ିଆରେ ଅପରାହ୍ନ ପ୍ରାୟ ୨ଟାରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ପହଞ୍ଚି ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ କରିବେ। ଏହାପରେ ସେ ଶିଶୁଭବନ ନୂତନ କୋଠାକୁ ଉଦ୍‌ଘାଟନ କରିବେ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଓ ଦିଲ୍ଲୀରେ ଏହି କାର୍ଡ ଲାଗୁ କରାଯିବ। ଓଡ଼ିଶାର ସାଢ଼େ ୩ କୋଟି ଲୋକ ଏହି କାର୍ଡର ସୁବିଧା ପାଇବେ ବୋଲି ସିଂଦେଓ କହିଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ସମୀକ୍ଷା କରୁଛନ୍ତି।



ପରିବେଶର ସୁରକ୍ଷା ବାର୍ତ୍ତା ନେଇ ପଶ୍ଚିମବଙ୍ଗ ମୁର୍ଶିଦାବାଦରୁ ସାଇକେଲ ଯୋଗେ ବିଶ୍ୱଭ୍ରମଣରେ ବାହାରିଥିବା ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା ଗୁରୁବାର 'ଧରିତ୍ରୀ' ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ। (ଫଟୋ: ବିକାଶ ନାୟକ)

# ସବୁଜ ବିଶ୍ୱ ପାଇଁ ସାଇକେଲରେ ୧୯୫ ଦେଶ ବୁଲିବେ ପ୍ରସନ୍ନଜିତ

## ଓଡ଼ିଶାରେ ପହଞ୍ଚି ସଚେତନ ବାର୍ତ୍ତା ଦେଲେ

ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)

ପଶ୍ଚିମବଙ୍ଗରୁ ସାଇକେଲ୍‌ରେ ବିଶ୍ୱ ଭ୍ରମଣରେ ବାହାରିଛନ୍ତି ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା। ସବୁଜ ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଏହି ଯାତ୍ରାର ଲକ୍ଷ୍ୟ ରହିଥିବାବେଳେ ଏଥିପାଇଁ ଚାରା ରୋପଣ ଓ ରକ୍ତଦାନ ଲାଗି ସଚେତନତା ସୃଷ୍ଟି କରୁଛନ୍ତି ପ୍ରସନ୍ନଜିତ୍। ଇତିମଧ୍ୟରେ ସେ ୨୦ ରାଜ୍ୟ ଓ ୬ କେନ୍ଦ୍ର ଶାସିତ ଅଞ୍ଚଳ ବୁଲି ସାରିଲେଣି। ଓଡ଼ିଶାରେ ପହଞ୍ଚିବା ପରେ ଗୁରୁବାର ପ୍ରସନ୍ନଜିତ୍ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର କାର୍ଯ୍ୟାଳୟକୁ ଆସି ନିଜ ଅନୁଭୂତି ଏବଂ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରସନ୍ନଜିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଶ୍ଚିମବଙ୍ଗ ମୁର୍ଶିଦାବାଦର ଲାଲ୍‌ଗୋଲା ଅଞ୍ଚଳର ମା' ନିଳିମା ଦାସ ଏବଂ ବାପା ବିଶ୍ୱଜିତ୍ ଦାସଙ୍କ ପୁଅ ହେଉଛନ୍ତି ପ୍ରସନ୍ନଜିତ୍। ପିଲାବେଳୁ ତାଙ୍କର ସାଇକେଲ୍ ଚାଳନା ପ୍ରତି ଅହେତୁକ ରୁଚି ଥିଲା। ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରେ ଦିନେ ୨.୫ ଘଣ୍ଟା ମଧ୍ୟରେ ସେ ୪୦ କି.ମି. ବାଟ ସାଇକେଲ୍‌ରେ ଅତିକ୍ରମ କରିଥିଲେ। ଏହା ତାଙ୍କୁ ସାଇକେଲ୍ ଚାଳନା ପ୍ରତି ଅଧିକ ଆଗ୍ରହ ପ୍ରଦାନ କରିଥିଲା। ୨୬ବର୍ଷୀୟ ଏହି ଯୁବ ସାଇକେଲ୍ ଚାଳକ ୨୦୨୧ ଅଗଷ୍ଟ ୨୫ରେ ଲାଲ୍‌ଗୋଲାଠାରୁ ସାଇକେଲ୍ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ୨୨୮ଦିନ ମଧ୍ୟରେ ସେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ହିମାଚଳପ୍ରଦେଶ, ବିହାର, ଉତ୍ତରପ୍ରଦେଶ, ଲଦାଖ, କଶ୍ମୀର, ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡ୍ରୁ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସମେତ ୨୦ଟି ରାଜ୍ୟ ଓ ୬ଟି କେନ୍ଦ୍ର ଶାସିତ ଅଞ୍ଚଳ ସାଇକେଲ୍‌ରେ ଅତିକ୍ରମ କରିସାରିଛନ୍ତି। ବିଭିନ୍ନ ଏନ୍‌ଜିଓ ସଙ୍ଗଠନ ସହାୟତାରେ ଏହି ଯାତ୍ରା ସଫଳତାର ସହ ଚାଲିଛି ଓ ଆସନ୍ତା ୧୭ବର୍ଷ ମଧ୍ୟରେ ସାଇକେଲ୍‌ରେ ୧୯୫ଟି ଦେଶ ବୁଲିବାର ଯୋଜନା ରହିଥିବା ସେ କହିଛନ୍ତି। ପ୍ରସନ୍ନଜିତ୍‌ଙ୍କ ଏହି ସାଇକେଲ୍ ଅଭିଯାନକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ୭ ବିଭାଗଠାରୁ ଲୋଡ଼ିଲେ ସଂଶୋଧିତ ଆକାଂକ୍ଷୀ ରିପୋର୍ଟ


## ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ବିଭାଗୀୟ ସମୀକ୍ଷା

### ଆଜି ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା

ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୬ରୁ ୨୦୩୧ ଆର୍ଥିକବର୍ଷ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ କେତେ ଅର୍ଥ ଏବଂ କେଉଁ ବାବଦରେ ଆଶା କରାଯାଉଛି ସେନେଇ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ଅରୁଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟରେ ମୁଖ୍ୟତଃ ପଞ୍ଚାୟତିରାଜ ବ୍ୟବସ୍ଥା ଓ ସହରାଞ୍ଚଳକୁ ସୁଦୃଢ଼ୀକରଣ କରାଯିବା ସହିତ କୃଷି, ସୂଚନା ପ୍ରଯୁକ୍ତି ଭଳି ବିଭାଗକୁ ଅଧିକ ସଶକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ସରକାରଙ୍କ କୃଷି, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ, ନଗର ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତା ଶୁକ୍ରବାର ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏସଂକ୍ରାନ୍ତରେ ଡ. ଅରୁଣ କହିଛନ୍ତି, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି କେଉଁ ବିଭାଗ କେତେ ଟଙ୍କାର ପ୍ରସ୍ତାବ କେନ୍ଦ୍ର ଅର୍ଥ ଆୟୋଗଙ୍କୁ ଦେବାକୁ ଆଶା ରଖିଛନ୍ତି ତାହାର ଚିର୍କିନିଖି ସମୀକ୍ଷା କରାଯାଉଛି। ସ୍ଥଳ ବିଶେଷରେ ପ୍ରସ୍ତାବଗୁଡ଼ିକୁ ସଂଶୋଧନ କରି ମାସକ ମଧ୍ୟରେ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଆସନ୍ତା ମାସକ ମଧ୍ୟରେ ବିଭାଗଗୁଡ଼ିକର ସଂଶୋଧନ ପ୍ରସ୍ତାବ ଆସିବା ପରେ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟକୁ ମଞ୍ଜୁର ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ଷୋଡ଼ଶ ଅର୍ଥ ଆୟୋଗ ଅଧ୍ୟକ୍ଷ ଅରବିନ୍ଦ ପାନଗାରିୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଫେବୃଆରୀ ୪ରେ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୫ବର୍ଷ ପାଇଁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ ପ୍ରାୟ ୧୨.୫୬ଲକ୍ଷ କୋଟି ଟଙ୍କା ପାଇବା ପାଇଁ ଓଡ଼ିଶା ଆଶା ବାନ୍ଧିଛି। ସେଥିମଧ୍ୟରେ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯ଲକ୍ଷ ୮୮ହଜାର ୪୨୨ କୋଟି ଟଙ୍କା ରହିଥିବାବେଳେ ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧ଲକ୍ଷ ୧୦ହଜାର ୪୩୪ କୋଟି ଟଙ୍କା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡିମାନଙ୍କ ପାଇଁ ଅନୁଦାନ ବାବଦରେ ୧ଲକ୍ଷ ୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧,୦୦୪ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯ହଜାର ୨୫୨ କୋଟି ଟଙ୍କା ଦାବି ରଖାଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଟିକସ ଆୟର ୪୧%ରୁ ୫୦%କୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ଏହାସହିତ କେନ୍ଦ୍ର ସରକାରଙ୍କ ଟିକସ ଆୟର ଯେଉଁ ଅଂଶ ରାଜ୍ୟଗୁଡ଼ିକୁ ବଣ୍ଟନ କରାଯାଏ, ତାହା ରାଜ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୂତ୍ର ଆଧାରରେ ବଣ୍ଟାଯାଏ, ଯେଉଁଥିରୁ ଓଡ଼ିଶା ୪.୫୨୮% ଭାଗ ପାଇଥାଏ। ଓଡ଼ିଶାର ଭାଗକୁ ୪.୯୬୪ %କୁ ବୃଦ୍ଧି କରିବା ସହିତ କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ୍ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଏବଂ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ଅନୁଦାନ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ଗ୍ରାମୀଣ ଓ ସହରୀ ସ୍ଥାନୀୟ ନିକାୟ ସଂସ୍ଥାମାନେ କେନ୍ଦ୍ର ସରକାରଠାରୁ ଅଧିକ ଆର୍ଥିକ ଅନୁଦାନ ପାଇପାରିବେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନର ୭୫ପ୍ରତିଶତ କେନ୍ଦ୍ର ସରକାର ବହନ କରେ ଏବଂ ଅବଶିଷ୍ଟ ୨୫ପ୍ରତିଶତ ରାଜ୍ୟ ସରକାର ବହନ କରିଥାଏ। ଏହାକୁ କେନ୍ଦ୍ର ସରକାର ୧୦୦ପ୍ରତିଶତ ବହନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମୀକ୍ଷା ପରେ ପ୍ରସ୍ତାବରେ କେତେ ସଂଶୋଧିତ ହେଉଛି ଏବଂ କେତେ ଅଧିକ ଅନୁଦାନ ଓଡ଼ିଶାକୁ ମିଳୁଛି ତାହା ଦେଖିବାର ରହିଛି।




# ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

## ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ

କେନ୍ଦୁଝର,୧୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି। ଏ ନେଇ ପ୍ରତି ବ୍ଲକ୍‌ରେ ଖେଳପଡ଼ିଆ ଓ ପଞ୍ଚାୟତରେ ମିନି ଷ୍ଟାଡିୟମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଇନ୍‌ଡୋର ଷ୍ଟାଡିୟମ ମଧ୍ୟ କରାଯିବ। ହ୍ୟାଣ୍ଡବଲ ସମେତ ଅନ୍ୟାନ୍ୟ କ୍ରୀଡ଼ାର ଉନ୍ନତି ପାଇଁ ସରକାର ସମସ୍ତ ପ୍ରୟାସ ଓ ସହଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତ ଅବସରରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପର ତୃତୀୟ ଦିବସରେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ପହଞ୍ଚିବା ପରେ ସେଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଯୋଗଦେଇଥିଲେ। ତାଙ୍କ ସହ ତେଲକୋଇ ବିଧାୟକ ଡା. ଫକିର ମୋହନ ନାଏକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିଭାଷଣରେ ହ୍ୟାଣ୍ଡବଲ ଖେଳ ପାଇଁ କେନ୍ଦୁଝର ପ୍ରସିଦ୍ଧ। ୧୯୮୦ରେ ପ୍ରଥମେ ଏଠାରେ ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ହୋଇଥିଲା। ଦୀର୍ଘ ୪୫ ବର୍ଷ ପରେ ପୁଣି ଏଠାରେ ଜାତୀୟ ପ୍ରତିଯୋଗିତା ହେବାର ସୌଭାଗ୍ୟ ମିଳିଛି। ୨୪ଟି ରାଜ୍ୟର ୪୩୨ ଜଣ ଖେଳାଳି ଓ ୧୫୦ ଅଫିସିଆଲଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିଙ୍କ ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ। ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି। କ୍ରୀଡାର ବିକାଶ ପାଇଁ ୫ ବର୍ଷ ମଧ୍ୟରେ ୪ ହଜାର ୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ରେ ବ୍ଲକ୍‌ସ୍ତରୀୟ ଷ୍ଟାଡ଼ିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ହ୍ୟାଣ୍ଡବଲ ଖେଳ ଆଜି ସମସ୍ତଙ୍କୁ ଏକାଠି କରିପାରିଛି। ଖେଳର ମୂଲ୍ୟବୋଧକୁ ବୁଝି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। କେନ୍ଦୁଝରର ହ୍ୟାଣ୍ଡବଲ ପଡ଼ିଆ ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ। ଆମ ସରକାର ଖେଳ ସହ ରାଜ୍ୟର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ହ୍ୟାଣ୍ଡବଲର ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତରର ଖେଳାଳି ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ସହଯୋଗ କରିବେ ବୋଲି କହିଥିଲେ।



ମଞ୍ଚରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

# ଜାପାନ ଯିବେ ୩ ମେଧାବୀ ଛାତ୍ରୀଛାତ୍ର


ଢେଙ୍କିକୋଟ,୧୦।୪ (ନୀଳମଣି ମଣ୍ଡଳ)





ସମ୍ବିତ ମୁଣ୍ଡା, ଅନୁଷ୍କା ମହାପାତ୍ର ଓ ସାଇଶ୍ରୀ ଶୁଭସ୍ମିତା ସାହୁ

କେନ୍ଦୁଝର ଜିଲା ଢେଙ୍କିକୋଟ୍‌ରେ ଥିବା ଶିକ୍ଷାନୁଷ୍ଠାନ ଶ୍ରୀଗୁରୁକୁଳ ଇଂଲିଶ ମିଡିୟମ ସ୍କୁଲର ୩ ମେଧାବୀ ଛାତ୍ରୀଛାତ୍ର ଜାପାନ ଯିବେ। ସେମାନେ ହେଉଛନ୍ତି ୧୦ମ ଶ୍ରେଣୀର ଛାତ୍ରୀ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ଓ ସମ୍ବିତ ମୁଣ୍ଡା। ଛାତ୍ରୀଛାତ୍ରମାନେ ଜାପାନର ଶିକ୍ଷା, ସଂସ୍କୃତି, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଆଦି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏ ନେଇ ଜାପାନ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ଘଟଣା ପ୍ରଚାର ପରେ ଘଟଗାଁ ବ୍ଲକ୍ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ମେଟ୍ ଲର୍ନ ଇନ୍‌ସ୍ୱାୟାର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଇଣ୍ଡୋ-ଜାପାନ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ୨୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ରାଜ୍ୟର ୮ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତା ପାଇ ଜାପାନ ଯିବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁଡ଼ିପସା ପଞ୍ଚାୟତର ଆଦିବାସୀ ଛାତ୍ର ସମ୍ବିତ ମୁଣ୍ଡା, ଏବଂ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ସ୍ଥାନ ପାଇଛନ୍ତି। ଏପ୍ରିଲ୧୯ ତାରିଖରେ ସେମାନେ ଜାପାନ ଯିବେ ବୋଲି ଆୟୋଜକଙ୍କ ପକ୍ଷରୁ ବିଦ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇଦିଆଯାଇଛି। ଛାତ୍ରୀଛାତ୍ରମାନେ ସେଠାକାର ଶିକ୍ଷା, ସଂସ୍କୃତି, ବିଜ୍ଞାନ, ଜ୍ଞାନ କୌଶଳ ସାଙ୍ଗକୁ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏଥି ନିମନ୍ତେ ଆବଶ୍ୟକ ସମସ୍ତ ଖର୍ଚ୍ଚ ଜାପାନ ସରକାର ବହନ କରିବେ ବୋଲି ଜଣାପଡ଼ିଛି। ଛାତ୍ରୀଛାତ୍ରମାନେ ଜାପାନରେ ମୋଟ ୭ଦିନ ରହିବାର ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ୭ଦିନ ମଧ୍ୟରେ ଜାପାନର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନୂତନ ଦୃଷ୍ଟିକୋଣ ଓ ଅନ୍ତର୍ଜାତୀୟ ସ୍ତରରେ ନେତୃତ୍ୱ ନେବାର ଦକ୍ଷତା ସୃଷ୍ଟି କରିପାରିବେ ବୋଲି କୁହାଯାଇଛି।





# ଚାଇନାରେ ବିବାହ ସଙ୍କଟ

ୟି ଫୁକ୍ସିଆନ

ଗତବର୍ଷ ଚାଇନାରେ ନୂଆ ବିବାହ ସଂଖ୍ୟା ଏକ ପଞ୍ଚମାଂଶ ହ୍ରାସ ପାଇଥିଲା । ଫଳରେ ୨୦୨୪ରେ ଥିବା ଜନ୍ମସଂଖ୍ୟା ୯.୫୪ ମିଲିୟନ ତୁଳନାରେ ୨୦୨୫ରେ ୭.୩ରୁ ୭.୮ ମିଲିୟନକୁ ଖସି ଆସିବାର ସମ୍ଭାବନା ଦେଖାଯାଇଛି । ବିଶ୍ୱ ଜନସଂଖ୍ୟାରେ ଚାଇନାର ଅଂଶ ୧୭.୨ ପ୍ରତିଶତ । କିନ୍ତୁ ଏଭଳି ସ୍ଥିତି ଯୋଗୁ ନାଇଜେରିଆ ତୁଳନାରେ ଏହାର ଜନ୍ମହାର ୬ ପ୍ରତିଶତ କମ୍ ରହିବ ବୋଲି ଆକଳନ କରାଯାଇଛି । ତେବେ ଚାଇନାର ଫର୍ଟିଲିଟି ରେଟ୍ ବା ହାର (ପିଲାଜନ୍ମ କରିବା ବୟସ ମଧ୍ୟରେ ଜଣେ ମହିଳା ଜନ୍ମ ଦେଉଥିବା ହାରାହାରି ସନ୍ତାନ ସଂଖ୍ୟା) ୨୦୨୫ରେ ମହିଳା ପିଛା ୦.୯ ପ୍ରତିଶତ ହାସ ପାଇବ ବୋଲି ଅନୁମାନ କରାଯାଉଛି । ଏହି ଜନସାଂଖ୍ୟିକ ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ । ଏଥିପାଇଁ ଚଳିତ ମାସ ପ୍ରାରମ୍ଭରେ ଚାଇନିଜ ପ୍ରିମିୟର ଲି କ୍ୱିଆଙ୍ଗ ଘୋଷଣା କରିଥିଲେ, ଜନ୍ମ ହାର ବୃଦ୍ଧି କରିବା ପାଇଁ ସରକାର ନୂଆ ନୀତି ଲାଗୁ କରିବେ । କିନ୍ତୁ ବିବାହ ସଙ୍କଟ ଏହି ପଦକ୍ଷେପର ଗୁରୁତ୍ୱକୁ ସମ୍ପୂର୍ଣ୍ଣ କମାଇଦେବ । ୨୦୧୩ରେ ୧୩.୪୭ ମିଲିୟନ ଦମ୍ପତି ବିବାହ ବନ୍ଧନରେ ବାନ୍ଧିହୋଇଥିବା ବେଳେ ୨୦୨୪ରେ ହ୍ରାସ ପାଇ ଏହା ୬.୧୧ ମିଲିୟନରେ ପହଞ୍ଚିଛି । ସେହିଭଳି ଏହି ସମୟ ମଧ୍ୟରେ ସାମଗ୍ରିକ ବିବାହ ହାର (୧୦୦୦ ଲୋକରେ) ତାଇୱାନର ୫.୪ ଏବଂ ଆମେରିକାର ୬.୧(୨୦୨୩) ଥିଲାବେଳେ ଚାଇନାର ୯.୯ରୁ ୪.୩କୁ ଖସି ଆସିଥିଲା ।

ବାସ୍ତବରେ କାହିଁକି ଏଭଳି ଘଟୁଛି ? ଦୁର୍ଭାଗ୍ୟଜନକ ଯେ, ଏହା ଚାଇନାର ନେତୃତ୍ୱ ଯୋଗୁ ହେଉଛି । ଏହା ପଛରେ ଗୋଟିଏ ନୁହେଁ ଅନେକ କାରଣ ରହିଛି । ଉଲ୍ଲେଖନୀୟ କାରଣ ଗୁଡ଼ିକ ମଧ୍ୟରେ ରହିଛି ଚାଇନାର ଗର୍ଭଧାରଣ ଓ ସନ୍ତାନ ଜନ୍ମ କରିବା ବୟସର ମହିଳାଙ୍କ



ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଏହା ବାଦ୍ ଅନ୍ୟ କାରଣଗୁଡ଼ିକ ହେଉଛି ଜୀବନଶୈଳୀରେ ପରିବର୍ତ୍ତନ, ଦୀର୍ଘଦିନର ଏକ ସନ୍ତାନ ନୀତି (ଏବେ ରଦ୍ଦ କରାଯାଇଛି), ଲଗାତର ଅତ୍ୟଧିକ ସଂଖ୍ୟାରେ ପୁରୁଷ ବାହାରକୁ ଯିବା ଏବଂ ଅଧିକ ଯୁବ ବେରୋଜଗାର ହେବା ।

ଚାଇନାର ୨୦୨୦ ଜନଗଣନା ଅନୁଯାୟୀ, ୨୦-୩୦ ବର୍ଷ ବୟସ ମଧ୍ୟରେ ମହିଳାମାନେ ୬୧ ପ୍ରତିଶତ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି । କିନ୍ତୁ ଏହି ବୟସ ବର୍ଗର ମହିଳାଙ୍କ ସଂଖ୍ୟା ୨୦୧୨ରେ ୧୧୧ ମିଲିୟନ ଥିବାବେଳେ ଏହା ହ୍ରାସ ପାଇ ୨୦୨୪ରେ ୭୩ ମିଲିୟନ ହୋଇଛି ଏବଂ ୨୦୫୦ରେ ଏହା ୩୭ ମିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏପରି କି ଜନ୍ମ ହାର ଲଗାତର ଦ୍ରୁତ ଗତିରେ କମିବ । ଅନେକ ଦଶନ୍ଧି ଧରି ଚାଇନାରେ କନ୍ୟାଭ୍ରୂଣ ଠାବ କରି ଗର୍ଭପାତ କରାଯିବା ଯୋଗୁ ବିବାହ ପାଇଁ କନ୍ୟାଙ୍କ ଅଭାବ ଦେଖାଯାଇଛି ଏବଂ ବ୍ରାଇଡ ପ୍ରାଇସ ଯଥେଷ୍ଟ ବୃଦ୍ଧି ପାଇଛି, ଅର୍ଥାତ୍ ବର ପକ୍ଷ କନ୍ୟାକୁ ଅଧିକ ଅର୍ଥ ଦେବାକୁ ପଡୁଛି । ଚାଇନାରେ ଅନେକ ମହିଳା ଅବିବାହିତ ରହିଛନ୍ତି । କାରଣ ଗୋଟିଏ କନ୍ୟା ସନ୍ତାନ ଥିବା ଅନେକ ଅଭିଭାବକ ସେମାନଙ୍କ ବିବାହ ଅପେକ୍ଷା ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଛନ୍ତି । ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ୨୦୦୦ରେ ଚାଇନାରେ ୨୫-୨୯ ବର୍ଷ ବୟସ ମଧ୍ୟରେ ଅବିବାହିତ ମହିଳାଙ୍କ ସଂଖ୍ୟା ୯ ପ୍ରତିଶତ ବୃଦ୍ଧି ଘଟିଥିଲାବେଳେ ୨୦୨୦ରେ ଏହା ୩୩ ପ୍ରତିଶତ ଏବଂ ୨୦୨୩ରେ ୪୩ ପ୍ରତିଶତ ବଢ଼ିଛି ଏବଂ ଏହି ଧାରା ଆଗକୁ ଜାରି ରହିବ ବୋଲି କୁହାଯାଉଛି ।

୧୯୮୦ରେ ଚାଇନା ଲାଗୁ କରିଥିବା ଏକ ସନ୍ତାନ ନୀତି ବିବାହରେ ବାଧା ଦେବା ସହ ଛାଡ଼ପତ୍ର ବା ବିବାହ ବିଚ୍ଛେଦର ପଥ ସୁଗମ କରିଛି, ଯାହା ବିବାହ ସଙ୍କଟକୁ ଗମ୍ଭୀର କରିଦେଇଛି । ୧୯୮୦ରେ ୧୦୦୦ ଲୋକରେ ଛାଡ଼ପତ୍ର ହାର ୦.୩ ପ୍ରତିଶତ ଥିଲାବେଳେ ୨୦୧୯ରେ ଏହା ୩.୪କୁ ବୃଦ୍ଧି ପାଇଥିଲା । ବ୍ରିଟେନ ଓ ଫ୍ରାନ୍ସକୁ ଅନୁସରଣ କରି ଛାଡ଼ପତ୍ର ପାଇଁ ୩୦ ଦିନର କୁଲିଂ ଅଫ୍ ପିରିୟଡ ଲାଗି ୨୦୨୧ରେ ଚାଇନା ନୂଆ ନାଗରିକ ସଂହିତା ଲାଗୁ କରିଥିଲା ଏବଂ ଏହା ୧୦୦୦ ଜଣରେ ଛାଡ଼ପତ୍ର ହାର ଦୁଇ ପ୍ରତିଶତକୁ ହ୍ରାସ ପାଇଥିଲା । କିନ୍ତୁ ୨୦୨୩ରେ ଏହା ପୁନର୍ବାର ୨.୬ ପ୍ରତିଶତ ବୃଦ୍ଧି ଘଟିଥିଲା । ଚାଇନାର ୩୦ ବର୍ଷ ମଧ୍ୟରେ ଜଣେ ମହିଳାଙ୍କର ୧୦ ପ୍ରତିଶତ ଗର୍ଭପାତ ଆଶଙ୍କା ରହିଥିବାବେଳେ ୩୫ ବୟସରେ ଏହା ୨୦% , ୪୦ବର୍ଷରେ ୩୩-୪୦% ଏବଂ ୪୫ ବର୍ଷରେ ଏହା ୫୭-୮୦% । ଏଣୁ ମା'ର ବୟସ ବୃଦ୍ଧି ଅନୁଯାୟୀ ଗର୍ଭଧାରଣରେ ଜନ୍ମଗତ ବିକୃତ ସନ୍ତାନଙ୍କ ସଂଖ୍ୟା ବୃଦ୍ଧିର ସମ୍ଭାବାନ ରହିଛି । ୨୦ ବର୍ଷ ବୟସରେ ୨୦୦୦ ଜଣରେ ଜଣେ ଏଭଳି ସନ୍ତାନ ଗର୍ଭରେ ରହିବାର ଆଶଙ୍କା ରହୁଥିବାବେଳେ ଏହା ବୃଦ୍ଧି ପାଇଁ ୩୫ ବର୍ଷରେ ୩୫୦ ହେବା ଏବଂ ୪୫ ବର୍ଷ ବୟସରେ ୩୦ ଜଣରେ ଜଣେ ଏଭଳି ସନ୍ତାନର ସମ୍ଭାବନା ରହିଛି ।

୨୦୨୧ରେ ଆମେରିକା ଓ ମେକ୍ସିକୋରେ ପ୍ରଥମ ସନ୍ତାନ ଜନ୍ମ ଦେବାର ହାରାହାରି ବୟସ ଥିଲା ୨୭ ଏବଂ ଭାରତରେ ଏହା ଥିଲା ୨୧ । ତୁଳନାତ୍ମକ ଭାବେ ଚାଇନାର ପ୍ରଥମ ସନ୍ତାନ ଜନ୍ମ ଦେବାରେ ହାରାହାରି ବୟସ ୨୦୦୦ରେ ୨୫ ଥିଲା ଓ ଏହା ୨୦୨୦ରେ ୨୮କୁ ବୃଦ୍ଧି ପାଇଥିଲା ଏବଂ ଚଳିତବର୍ଷ ବଢ଼ିଥିବା ଅନୁମାନ କରାଯାଉଛି । ସବୁଠୁ ଖରାପ ହେଉଛି, ଚାଇନାରେ ସାମଗ୍ରିକ ଫର୍ଟିଲିଟି ହାର ୧୯୭୦ ଦଶନ୍ଧିରେ ୧.୨% ଥିଲା ଓ ୨୦୨୦ରେ ୧୮% ହୋଇଛି । ଅଧିକରୁ ଅଧିକ ମହିଳାଙ୍କର ବିବାହ ପରେ କିମ୍ବା ପ୍ରଥମ ସନ୍ତାନ ପରେ ଗର୍ଭଧାରଣ କ୍ଷମତା କମୁଛି ।

ପାରମ୍ପରିକ ଭାବେ ଦାର୍ଶନିକ କନ୍‌ଫୁସିୟସଙ୍କ ବିଚାରଧାରାରେ ଅଧିକ ବିଶ୍ୱାସ ଥିବା ଅଞ୍ଚଳରେ ଫର୍ଟିଲିଟି ହାର ବିଶ୍ୱରେ ସବୁଠୁ କମ୍ । କାରଣ ସେମାନେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବିବାହ ଓ ସନ୍ତାନ ଜନ୍ମକୁ କମ୍ ଗୁରୁତ୍ୱ ଦେଇଥାନ୍ତି । ଏହିସବୁ ଅଞ୍ଚଳରେ ସାମଗ୍ରିକ ଭାବେ ସବୁଠୁ ବେଶି ଅବିବାହିତ ଲୋକ ଅଛନ୍ତି । ଇତିହାସର ତଥ୍ୟରୁ ଜଣାପଡ଼େ , ମା'ମାନଙ୍କର ପ୍ରଥମ ସନ୍ତାନ ଜନ୍ମ କରିବାର ହାରାହାରି ବୟସ ୨୮ରୁ ଅଧିକ ହୋଇଥିଲେ ସେ କ୍ଷେତ୍ରରେ ଫର୍ଟିଲିଟି ହାର ୧.୫% ବୃଦ୍ଧି କରିବା ଅସମ୍ଭବ । ଅନ୍ତର୍ଜାତୀୟ ସ୍ତରରେ ଆଇନତଃ ସର୍ବନିମ୍ନ ବିବାହ ବୟସ ୧୬ ରୁ ୧୮ ବର୍ଷ ମଧ୍ୟରେ ରହିଛି । କିନ୍ତୁ ଚାଇନା ୧୯୮୦ରେ ଏହାକୁ ପୁରୁଷଙ୍କ ପାଇଁ ୨୨ ଓ ମହିଳାଙ୍କ ପାଇଁ ୨୦ ବର୍ଷକୁ ବୃଦ୍ଧି କରିଥିଲା । ସେମାନେ ଏହି ବୟସ ସହ ଏମିତି ଅଭ୍ୟସ୍ତ ହୋଇଯାଇଛନ୍ତି ଯେ, ବିବାହ ବୟସ ଏବେ ୧୮କୁ ହ୍ରାସ କଲେ ଫର୍ଟିଲିଟି ହାର ବୃଦ୍ଧିକରିବା କଷ୍ଟକର ।

ବିବାହ ଓ ଗର୍ଭଧାରଣରେ ବିଳମ୍ବ ସହ ଅବିବାହିତ ଲୋକଙ୍କ ସଂଖ୍ୟାରେ ବୃଦ୍ଧି ମୁଖ୍ୟତଃ ପ୍ରଜ୍ଞାଗତ ଲାଭ ଓ ନୂଆ ଗୁଣବତ୍ତା ଉତ୍ପାଦକତା ଶକ୍ତି ଅନୁସନ୍ଧାନରେ ଗ୍ରହଣ କରାଯାଉଥିବା ସରକାରୀ ନୀତି ଯୋଗୁ ହେଉଛି । ଚାଇନା ସରକାର ଏହାର ଆର୍ଥିକ ମହତ୍ତ୍ୱାକାଂକ୍ଷା ଏବଂ ଜନସାଂଖ୍ୟିକ ବାସ୍ତବତା ମଧ୍ୟରେ ଥିବା ବିରୋଧାଭାସକୁ ଦୂର କରିପାରିବ ତ ? ଏହାର ଅତୀତର ରେକର୍ଡକୁ ଦେଖିଲେ କେହି ବି ଏହା ଉପରେ ଗ୍ୟାରେଣ୍ଟି ଦେବା କଷ୍ଟକର ।

**ବରିଷ୍ଠ ବୈଜ୍ଞାନିକ, ୱିସ୍କନସିନ ମାଡିସନ ବିଶ୍ୱବିଦ୍ୟାଳୟ**



# ଆୟୁଷ୍ମାନ୍ ସ୍ୱପ୍ନ ଏବେ ସାକାର

## ସାଢ଼େ ୩ କୋଟି ଓଡ଼ିଶାବାସୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା

ମୋହନ ଚରଣ ମାଝୀ

କଥା ଦେଇଥିଲୁ । କଥା ରଖିଲୁ । ସାରା ରାଜ୍ୟବାସୀ ଆଜି ଖୁସି । ବିଶେଷ ଭାବରେ କାମଧନ୍ଦା ଅନ୍ୱେଷଣରେ ପେଟପାଟଣା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିବା ଲକ୍ଷ ଲକ୍ଷ ଭାଇଭଉଣୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମୁହଁରେ ହସ ଓ ହୃଦୟରେ ଆନନ୍ଦ ଭରିଯାଇଛି ।

ଆଜିଠାରୁ ଓଡ଼ିଶାରେ ଆୟୁଷ୍ମାନ୍ ଭାରତର ଲାଗୁ । ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା । ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ସୁଫଳ ଆଜିଠାରୁ ମୋର ପ୍ରିୟ ଓଡ଼ିଆ ଭାଇଭଉଣୀମାନଙ୍କୁ ଉପଲବ୍ଧ ହେବା କାରଣରୁ ମୁଁ ବି ବିଶେଷ ଆନନ୍ଦିତ । ଭାରତର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜଗତ ପ୍ରକାଶ ନଡ୍ଡାଙ୍କ କରକମଳରେ କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଏହାର ଲୋକାର୍ପଣ ହେବ ।

ରାଜ୍ୟରେ ୧.୦୩ କୋଟିରୁ ଉର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ଏହି ଯୋଜନା ସମର୍ପିତ । ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଯୋଜନାର କାର୍ଡ । ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ ।

ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ସହାୟତା ।

ଦେଶର ସବୁ ରାଜ୍ୟର ୨୯ ହଜାରରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଏହି କାର୍ଡ ଦେଖାଇଲେ ମିଳିବ ମାଗଣା ସ୍ୱାସ୍ଥ୍ୟସେବା ।

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଓଡ଼ିଶାର ଜନସାଧାରଣଙ୍କୁ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ଉପହାର । ଏହି ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି ।

ପୂର୍ବରୁ ରାଜନୈତିକ ଅଭିସନ୍ଧି ରଖି ବିଜେଡି ସରକାର ଏହି ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ ଲାଗୁ କରୁ ନ ଥିଲେ । କିନ୍ତୁ ବିଜେପି ସରକାର ଗଠନ ହେବା ପରେ ଆମେ ଆମର ସଂକଳ୍ପପତ୍ରରେ କହିଥିବା ଗୋଟି ଗୋଟି କଥାକୁ ପୂରଣ କରିବାକୁ ବଦ୍ଧପରିକର । ପ୍ରତିଶ୍ରୁତିର ସଠିକ୍ କ୍ରିୟାନ୍ୱୟନ ହିଁ ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା ।

ଜଣେ ରାଜନୈତିକ କର୍ମୀଭାବରେ ଓଡ଼ିଶାରେ ମୋଦିଙ୍କ ଆୟୁଷ୍ମାନ୍ ଭାରତ ଲାଗୁକରିବା ପାଇଁ ଅନେକ ସମୟରେ ସହକର୍ମୀମାନଙ୍କ ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲୁ । ଗତ ବିଜେଡି ସରକାରରେ ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଥର ଅନୁରୋଧ ଓ ଦାବି କରିଥିଲୁ ।

ମୋର ସ୍ପଷ୍ଟ ମନେଅଛି ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଏହି ଯୋଜନାର ଯିଏ ଉଦ୍‌ଘାଟକ ସେ ପୂର୍ବରୁ ଦେଶର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ଏବଂ ବିଜେପିର ରାଷ୍ଟ୍ରୀୟ ସଭାପତି ଭାବରେ ଏହି ଯୋଜନାକୁ ଓଡ଼ିଶାରେ ଲାଗୁକରିବା ପାଇଁ ବାରମ୍ବାର ଅନୁରୋଧ ଓ ଦାବି କରିଥିଲେ । ତାଙ୍କରି କରକମଳରେ ଆଜି ଓଡ଼ିଶାରେ ଏହି ଯୁଗାନ୍ତକାରୀ ଯୋଜନାର ଶୁଭାରମ୍ଭ ହେବା ଅବସରରେ ଆମେ ସମସ୍ତେ ଆନନ୍ଦିତ ।

ନଡ୍ଡା ଜୀଙ୍କ ସହ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ବାରମ୍ବାର ଓଡ଼ିଶାରେ ଆୟୁଷ୍ମାନ୍ ଭାରତ ଲାଗୁ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । ରାଜନୈତିକ କାର୍ଯ୍ୟକର୍ତ୍ତା ଭାବରେ ଆମର ପ୍ରାଥମିକତା ଗରିବ ଲୋକଙ୍କୁ ସୁବିଧା ମିଳୁ । ମୋଦିଙ୍କ ଏପରି ଜନକଲ୍ୟାଣକାରୀ ଯୋଜନା କ୍ରିୟାନ୍ୱୟନ ନ କରାଇ ଦେବା ପଛରେ ତତ୍କାଳୀନ ସରକାରର ଗୋଟିଏ ହୀନ ପ୍ରୟାସ ଥିଲା । ଗରିବ ଓଡ଼ିଆ ଲୋକଙ୍କୁ ପଛେ ଲାଭ ନ ମିଳୁ କିନ୍ତୁ ଶ୍ରେୟ ନରେନ୍ଦ୍ର ମୋଦି ନ ନିଅନ୍ତୁ । ଓଡ଼ିଆ ଲୋକ ସେମାନଙ୍କର ଅସଲ ଉଦ୍ଦେଶ୍ୟ ବୁଝିଲେ । ଲୋକଙ୍କ ଦୁଃଖ ନ ବୁଝୁଥିବା, ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ଗରିବଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିବା ସରକାରକୁ ପରିବର୍ତ୍ତନ କରି ରଖିଦେଲେ ।

ସଂଘୀୟ ବ୍ୟବସ୍ଥାରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ । ସମସ୍ତଙ୍କୁ ବିନା ଆର୍ଥିକ ଅସୁବିଧାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତ ସରକାର ୨୩ ସେପ୍ଟେମ୍ବର ୨୦୧୮ ତାରିଖରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବି-ପିଏମ୍‌ଜେଏୱାଇ) ଆରମ୍ଭ କରିଥିଲେ । ଏହି ଯୋଜନାର ଲକ୍ଷ୍ୟ ଥିଲା ଗୋଟିଏ ଏବଂ ତାହା ହେଉଛି ଗରିବଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ।

ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍‌ଏଚ୍‌ଏ) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରମୁଖ ଯୋଜନା ଦ୍ୱାରା ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଚିକିତ୍ସା ଖର୍ଚ୍ଚ ସହାୟତା ପ୍ରତି ପରିବାରକୁ ଯୋଗାଇଦେବା ଥିଲା ମହତ୍ତ୍ୱାକାଂକ୍ଷୀ ଉଦ୍ଦେଶ୍ୟ ।

ଆୟୁଷ୍ମାନ୍ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ସାର୍ବଜନୀନ ଅନୁଦାନପ୍ରାପ୍ତ ସ୍ୱାସ୍ଥ୍ୟ ବୀମା ଯୋଜନା ଯାହା ୧୨.୩୪ କୋଟି ପରିବାରର ୫୫ କୋଟି ଲୋକଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରୁଛି ।

ନିକଟରେ ୨୦୨୪ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନକୁ ସ୍ୱୀକୃତି ମିଳିଛି, ଯାହା ଏକ ଐତିହାସିକ ନିଷ୍ପତ୍ତି ।

ପୂର୍ବ ବିଜେଡି ସରକାର ମୋଦି ସରକାରଙ୍କ ଆୟୁଷ୍ମାନ୍ ଯୋଜନା କାର୍ଯ୍ୟକାରୀ ନ କରି ଗରିବଙ୍କୁ ପ୍ରତାରଣା କରୁଥିଲେ ଏବଂ ନିଜର ପ୍ରଚାର ପାଇଁ ଶସ୍ତା ରାଜନୀତି କରିବାକୁ ମଧ୍ୟ ପଛାଉ ନ ଥିଲେ, ଯାହା ବିଡ଼ମ୍ବନାର ବିଷୟ ଥିଲା । ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଭୟରେ ରାଜ୍ୟ ସରକାର ଓ ଗରିବ ପରିବାରକୁ ଆୟୁଷ୍ମାନ୍ ଭାରତ ଯୋଜନାରୁ ବଞ୍ଚିତ ରଖିଥିଲେ ।

ତେବେ ଓଡ଼ିଶା ପାଇଁ ଆୟୁଷ୍ମାନ୍ ଭାରତ ଯୋଜନା ନିହାତି ଆବଶ୍ୟକ ଥିଲା । ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ତାମିଲନାଡୁ, ଗୁଜରାଟ, ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି । ଭାରତର ଏମିତି ରାଜ୍ୟ ନାହିଁ ଯେଉଁଠି ଓଡ଼ିଆ ଭାଇ ଭଉଣୀମାନେ ଶ୍ରମଦାନକରି ଓଡ଼ିଶାକୁ ସେ ରାଜ୍ୟଗୁଡ଼ିକର ବିକାଶରେ ଭାଗୀଦାରି କରିନାହାନ୍ତି । ବାହାର ରାଜ୍ୟରେ କାମ କରୁଥିବା ଏହି ଓଡ଼ିଆ ଭାଇଭଉଣୀମାନେ ସେମାନଙ୍କର କଷ୍ଟ ଅର୍ଜିତ ଅର୍ଥକୁ ନିଜ ପରିବାରକୁ ପଠାଇବା ପରିବର୍ତ୍ତେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବେଳେ ସେ ଅର୍ଥକୁ ଡାକ୍ତରଖାନାକୁ ଦେବାକୁ ବାଧ ହେଉଥିଲେ । ଏବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ସେଠାରେ ମାଗଣାରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପାଇପାରିବେ ।

ପୂର୍ବ ସରକାରଙ୍କ ନିଜସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଲୋକମାନେ ସୀମିତ ଡାକ୍ତରଖାନାରେ ସୁବିଧା ପାଉଥିଲେ । ଏବେ ଆୟୁଷ୍ମାନ୍ ଭାରତ ଯୋଜନା ସହ ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ଲୋକ ଏବଂ ରାଜ୍ୟର ପ୍ରବାସୀ ଲୋକମାନେ ବିଶେଷ ଉପକୃତ ହେବେ ।

ଏହି ଯୋଜନା ଅଧୀନରେ ହସ୍ପିଟାଲରେ ଭର୍ତ୍ତିହେବାର ୩ ଦିନ ପୂର୍ବରୁ ଏବଂ ୧୫ ଦିନ ପର୍ଯ୍ୟନ୍ତ ଉପଚାର ଓ ଔଷଧ ମାଗଣା ଉପଲବ୍ଧ ହୋଇଥାଏ ।

ଡାକ୍ତରୀ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ, ସମସ୍ତ ପ୍ରକାର ସେବାଯତ୍ନ, କ୍ଲିନିକାଲ ଏବଂ ଲାବରେଟୋରି ଇନ୍‌ଭେଷ୍ଟିଗେଶନ, ରହିବା ଏବଂ ଖାଦ୍ୟ ସେବା ଓ ମେଡିସିନ ଏବଂ ଚିକିତ୍ସା ଉପଯୋଗୀ ସାମଗ୍ରୀ ସୁବିଧା ମିଳିବ ।

ଓଡ଼ିଶା ସମେତ ଦେଶର ୩ଟି ରାଜ୍ୟରେ ମୋଦିଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଲାଗୁ ହୋଇପାରି ନ ଥିଲା । ଇତିମଧ୍ୟରେ ଲାଗୁ ହୋଇ ନ ଥିବା ଆମ ରାଜ୍ୟ ଓଡ଼ିଶାରେ ଏହି ଯୋଜନା ଆଜିଠାରୁ ଲାଗୁହେଲା । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଉକ୍ତ ଯୋଜନା ଲାଗୁ ପାଇଁ ସବୁ ଯୋଜନା ପ୍ରସ୍ତୁତ । ବାକି ରହିଲା ଆମର ପଡ଼ୋଶୀ ପଶ୍ଚିମବଙ୍ଗ । ମୁଁ ନିଶ୍ଚିତ ଆମ ପଡ଼ୋଶୀ ରାଜ୍ୟରେ ଖୁବ୍‌ଶୀଘ୍ର ସେ ରାଜ୍ୟର ଲୋକଙ୍କ ମୋଦିଙ୍କ ପ୍ରତି ଆଶୀର୍ବାଦ, ସାହାଯ୍ୟ ଓ ସମର୍ଥନ ସେ ରାଜ୍ୟରେ ବି ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ରାସ୍ତା ଖୋଲିବ ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୭୬

- ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଖଣି କର୍ମଚାରୀମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ଖଣି କର୍ପୋରେସନ ପକ୍ଷରୁ ସ୍ଥିର କରାଯାଇଛି ।
- ବିଶିଷ୍ଟ ରବୀନ୍ଦ୍ର ସଙ୍ଗୀତ ଗାୟିକା ରାଜେଶ୍ୱରୀ ଦତ୍ତଙ୍କ ୫୫ ବର୍ଷ ବୟସରେ ପରଲୋକ ।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶତକଡ଼ା ୧୫ ଭାଗ ସ୍ଥାନ ତଫସିଲଭୁକ୍ତ ଜାତି ଓ ଉପଜାତି ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷିତ କରାଯିବା ନେଇ ନିଷ୍ପତ୍ତି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | 9 | | |
| | | 9 | 6 | | | 2 | 7 | |
| | 7 | 5 | | | | | | |
| | | | | | | | | |
| | | | 7 | 2 | 5 | | | |
| | | | 8 | 9 | 1 | 6 | 2 | |
| | 2 | | | 3 | | | 4 | |
| 7 | | 8 | | | 4 | 1 | | |
| 1 | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 4 | 1 | 2 | 8 | 3 | 6 |
| 6 | 8 | 3 | 5 | 9 | 7 | 4 | 2 | 1 |
| 2 | 4 | 1 | 3 | 8 | 6 | 7 | 5 | 9 |
| 7 | 6 | 4 | 9 | 3 | 5 | 1 | 8 | 2 |
| 1 | 3 | 5 | 6 | 2 | 8 | 9 | 4 | 7 |
| 8 | 2 | 9 | 1 | 7 | 4 | 3 | 6 | 5 |
| 5 | 7 | 8 | 2 | 4 | 9 | 6 | 1 | 3 |
| 3 | 9 | 6 | 8 | 5 | 1 | 2 | 7 | 4 |
| 4 | 1 | 2 | 7 | 6 | 3 | 5 | 9 | 8 |

ଗତକାଲିର ଉତ୍ତର



# ବଞ୍ଚିବାକୁ ଦିଅ

ବିପ୍ଳବ

ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନିକଟରେ ଏକ ଆଇଟି ପାର୍କ ନିର୍ମାଣ ପାଇଁ ୪ ଶହ ଏକର ଜଙ୍ଗଲକୁ ବୁଲ୍‌ଡୋଜର ଲଗେଇ ରାତାରାତି ସଫା କରିବାର ଅମାନବୀୟ ନିଷ୍ପତ୍ତି ଆଜି ସମସ୍ତ ପରିବେଶବିତ୍ ଏବଂ ପଶୁପକ୍ଷୀପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି । ମୁଖ୍ୟତଃ ମୟୂର ଏବଂ ହରିଣଙ୍କର ଚରାଭୂମି ଥିବା ଏହି ଜଙ୍ଗଲ ସୁରକ୍ଷା ପାଇଁ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ, ସାମାଜିକ ଗଣମାଧ୍ୟମରେ ଜନ ଆନ୍ଦୋଳନ ଏବଂ ଶେଷରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ନିରୀହଙ୍କ ପ୍ରତି ଅତ୍ୟାଚାର ବିରୋଧରେ ମାନବତାର ବିଜୟ ବୋଲି ଧରିନେବାକୁ ହେବ ।

ମଣିଷ ଆଗରେ ଏବେ ଦୁଇଟି ବଡ଼ ସମସ୍ୟା ମୁଣ୍ଡ ଟେକିଛି । ଗୋଟିଏ ହେଉଛି ତାପମାତ୍ରାର ଭୟଙ୍କର ବୃଦ୍ଧି ଏବଂ ଅନ୍ୟଟି ହେଉଛି ଭୂତଳ ଜଳର ହ୍ରାସ । ଏହା ବିଶ୍ୱର ମାନବସମାଜ ଏବଂ ଜୀବଜଗତକୁ ପ୍ରଭାବିତ କରୁଛି । ଏ ଦୁଇଟି ସମସ୍ୟାର କାରଣ ଆଉ ନିରାକରଣର ବାଟ ନ ଖୋଜିଲେ ଆମେ ଭବିଷ୍ୟତ ପିଢ଼ିଙ୍କ ପାଇଁ ମୃତ୍ୟୁର କବର ପ୍ରସ୍ତୁତ କରି ରଖୁଛେ ବୋଲି ଭାବିବାକୁ ହେବ ।

ଓଡ଼ିଶା କଥା ଆଲୋଚନା ପରିସରକୁ ନିଆଯାଉ । କିଛି ବର୍ଷ ହେବ ଓଡ଼ିଶାର ପ୍ରତ୍ୟେକ ଜିଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ପାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସରକାର ୫ ହଜାରରୁ ଉର୍ଦ୍ଧ୍ୱ ନଳକୂପ ଖନନ କରିଛନ୍ତି । ଏହା ସତ୍ତ୍ୱେ କେତେକ ଜିଲାରେ କେବଳ ଗ୍ରୀଷ୍ମ ଋତୁରେ ନୁହେଁ ବର୍ଷ ସାରା ବି ପାନୀୟ ଜଳ ସଙ୍କଟ ଲାଗିରହିଛି । ଏହାର ମୁଖ୍ୟ କାରଣ ସ୍ୱଳ୍ପ ଜଳ ବୃଷ୍ଟି ଏବଂ ଭୂତଳ ଜଳର ଭୟଙ୍କର ହ୍ରାସ ।

ଓଡ଼ିଶା ସରକାରଙ୍କର ପ୍ରଦୂଷଣ ବିଭାଗ



ତରଫରୁ ଜାରି ହୋଇଥିବା ଏକ ରିପୋର୍ଟରୁ ଜଣାଯାଏ କି ୨୦୨୦ରୁ ୨୦୨୪ ଭିତରେ ଗଜପତିରେ ୩. ୮୯ ମିଟର, କେନ୍ଦୁଝରରେ ୧. ୨୬ ମିଟର, ବୌଦ୍ଧ ୧. ୫୧ ମିଟର, କଟକ ୧. ୩୮ ମିଟର, ଖୋର୍ଦ୍ଧା ୧. ୪୦ ମିଟର ଏବଂ ରାୟଗଡ଼ା ଜିଲାରେ ୨. ୦୫ ମିଟର ଭୂତଳ ଜଳ ହ୍ରାସ ପାଇଛି । ସରକାର ଏ ଦିଗରେ ବିଭିନ୍ନ ଯୋଜନା ହାତକୁ ନେଇ ସଫଳ ହୋଇ ପାରି ନାହାନ୍ତି । ଏହାର ଅନେକ କାରଣ ରହିଛି । ସରକାରୀ ଭାବରେ ବୃକ୍ଷରୋପଣ ଏବଂ ଜଙ୍ଗଲ ବୃଦ୍ଧିର ମିଛ ରିପୋର୍ଟ, ଶିଳ୍ପାୟନ ଏବଂ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟାପକ ବୃକ୍ଷ ଛେଦନ, ଶିଳ୍ପ ସଂସ୍ଥାଗୁଡ଼ିକରେ ଜଳର ବ୍ୟାପକ ବେଆଇନ ବ୍ୟବହାର, ଭୂପୃଷ୍ଠରେ ମାତ୍ରାଧିକ କଂକ୍ରିଟ ଜଙ୍ଗଲ ଏବଂ ଶେଷରେ ସଂଗୃହୀତ ଜଳର ବହୁଳ ବ୍ୟବହାର ଇତ୍ୟାଦି । ଅଧିକାଂଶ ନଦୀ ଏବେ ବାଲିଚର, ଶୁଷ୍କ ଆଉ ବେଗହୀନ । ଏପରିକି ମହାନଦୀ ଏବେ ଜଳହୀନ । ବୋରିଂ କରି ଯେଉଁ ସବୁ ପ୍ରକଳ୍ପ ଚାଲୁଛି ସେଗୁଡ଼ିକ ପାନୀୟ ଜଳ ପରିବର୍ତ୍ତେ କେତେକ ଅସାଧୁ ଲୋକ ତାକୁ ସଂଗ୍ରହ କରି ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ତ କେଉଁଠି ଟ୍ୟାପ ଖୋଲା ହୋଇ ଅନବରତ ପାଣି ଝରୁଛି । ସବୁଥିରେ ସରକାରଙ୍କୁ ଦୋଷ ଦେଇ ହେବନି । ଲୋକେ ସଚେତନ ହେବା ଦରକାର ।

ତିରିଶ ବର୍ଷ ପଛକୁ ଫେରିଗଲେ ଦେଖିବା ପରିବେଶର ଉତ୍ତାପ ବୃଦ୍ଧି ଭୟଙ୍କର ନ ଥିଲା । ଖରାଦିନେ ଲୋକେ ବିଞ୍ଚଣାର ବ୍ୟବହାର କରୁଥିଲେ । ଏବେ ଘରେ ଘରେ ଫ୍ରିଜ, କୁଲର, ଏସି । କିନ୍ତୁ ତା'ର ପ୍ରତିକୂଳ ପ୍ରଭାବ ଶରୀର ଆଉ ପରିବେଶ ଉପରେ କ'ଣ ପଡୁଛି ତାକୁ ଆମେ ଅଣଦେଖା କରୁଛେ । ସଚେତନ ହେବା ପାଇଁ ବିଜ୍ଞାପନ ଦିଆହେଉଛି, ସଭା ସମିତିରେ ସଚେତନତାର ବାର୍ତ୍ତା ବଣ୍ଟା ଚାଲିଛି । ଲାଭ କ'ଣ ? ତମେ ଯେତେବେଳେ ଅନ୍ୟକୁ ଧ୍ୱଂସ କରିବାର କାରଣ ହେବ ନିଜେ ଧ୍ୱଂସ ହୋଇଯିବ । ଅତଏବ ହେ ପ୍ରକୃତିର ଶ୍ରେଷ୍ଠ ଜୀବ ନିଜେ ସଚେତନ ହୁଅ, ନିଜେ ବଞ୍ଚ, ଅନ୍ୟକୁ ବଞ୍ଚିବାକୁ ଦେଇ ମାନବ ଧର୍ମ ସାର୍ଥକ କର ।

**ମକୁନ୍ଦ ପୁର, ବାଙ୍କୀ**
**ମୋ : ୯୪୩୭୪୬୮୦୧୬**

## ଏଇ ଭାରତରେ

ମହାରାଷ୍ଟ୍ରର ଏଭଳି ଅନେକ ଆଦିବାସୀବହୁଳ ଗାଁଗୁଡ଼ିକରେ ସୌରଶକ୍ତି ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି କେମିକାଲ ଇଞ୍ଜିନିୟର ତନବୀର ଇନାମଦାର । କେବଳ ଏତିକି ନୁହେଁ, ସେ ପାହାଡ଼ ଉପରେ ଥିବା ଗାଁ ନିକଟରେ ଜଳପ୍ରପାତ ଥିଲେ ସେଥିରୁ ବିଦ୍ୟୁତ ଉତ୍ପାଦନ କରି ଯୋଗାଇ ଦେଉଛନ୍ତି । ତାଙ୍କ ଉଦ୍ୟମରେ ମିଶନ ଉର୍ଜାରେ ଅନେକ ଘର ଆଲୋକିତ ହୋଇପାରିଛି । ୨୦୧୮ରେ ଟ୍ରି (ଟେକ୍‌ନୋଲୋଜି ରିୟୁଜ ଏନ୍‌ଭାଇରନ୍‌ମେଣ୍ଟ ଏମ୍ପାୱାରମେଣ୍ଟ ଇନୋଭେଶନ)ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ୨୦୨୨ରୁ ଏହି ଅଭିଯାନ ଚଳାଇଛନ୍ତି । ମିଶନ ଉର୍ଜାରେ ସ୍ଥାୟୀ ଭାବେ ପ୍ୟାନେଲ ବସାଇ ସୌର ବିଦ୍ୟୁତ ଉତ୍ପାଦନ କରାଯାଉଛି । ଏହା ସହ ସାଙ୍ଗରେ ନେଇଯିବା ଭଳି ଛୋଟ ସୋଲାର ସିଷ୍ଟମ ମଧ୍ୟ ଯୋଗାଇ ଦେଉଛନ୍ତି । ଦରକାର ହେଲେ ଲୋକେ ବାହାରକୁ କାମ କରିବାକୁ ଗଲାବେଳେ ତାହାକୁ ସାଙ୍ଗରେ ନେଇପାରୁଛନ୍ତି । ଏହାର ସୁପରିଚାଳନା ପାଇଁ ସେ ଉର୍ଜା କମିଟି ଗଠନ କରିଛନ୍ତି । ବିଦ୍ୟୁତ ଉପଯୋଗ ପରିମାଣକୁ ନେଇ ପରିବାର ୧୦ରୁ ୫ହ ଟଙ୍କା ଦେଉଛନ୍ତି । ଏହାକୁ ଉର୍ଜା କମିଟିର ପାସ୍‌ବୁକ୍‌ରେ ଜମା କରାଯାଉଛି । ଏହି ଅର୍ଥରେ ସୋଲାର ସିଷ୍ଟମର ଦେଖାରଖା କରାଯାଉଛି । ଏବେସୁଦ୍ଧା ୯୪୫ ପରିବାର ଉପକୃତ ହୋଇସାରିଲେଣି । ୨୦୨୮ ସୁଦ୍ଧା ୧୦୦ରୁ ଅଧିକ ଗାଁକୁ ସୌରଶକ୍ତି ଯୋଗାଇ ଦେବାକୁ ତନବୀର ଯୋଜନା କରିଛନ୍ତି । ଏହା ସହ ପ୍ରତି ଗାଁରେ ସେ ୧୦ ଜଣ ଯୁବକଙ୍କୁ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି ।

## ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରମ୍ପଙ୍କ କଠୋର ଚେତାବନୀ

ମହାଶୟ,

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାରେ ଦ୍ୱିତୀୟ ଥର ରାଷ୍ଟ୍ରପତି ରୂପେ କ୍ଷମତାସୀନ ହେବା ପରେ କେତେକ ପ୍ରସଙ୍ଗରେ ନିଜର ମତାମତ ବ୍ୟକ୍ତ କରିଛନ୍ତି, ଯାହା ଆନ୍ତର୍ଜାତିକ ସ୍ତରରେ ଅସ୍ଥିରତା ସୃଷ୍ଟି କରିଛି । କାନାଡ଼ାକୁ ଆମେରିକା ଅନ୍ତର୍ଭୁକ୍ତ କରିବାକୁ କହିଛନ୍ତି ଓ ଗ୍ରୀନ୍‌ଲାଣ୍ଡକୁ ନିଜ ଦେଶରେ ସାମିଲ କରବାକୁ କହିଛନ୍ତି । ଆମେରିକା ଉତ୍ପାଦିତ ଦ୍ରବ୍ୟଗୁଡିକ ଉପରେ କାନାଡ଼ା, ଭାରତ, ମେକ୍ସିକୋ, ଚାଇନା ଆଦି କେତେକ ଦେଶ ଉଚ୍ଚ ହାରରେ ଯେଉଁ ଟାରିଫ୍ ଲାଗୁ କରିଛନ୍ତି, ତା'ର ମୁକାବିଲା ପାଇଁ ସେ ସବୁ ଦେଶରୁ ଆମଦାନୀ ଦ୍ରବ୍ୟରେ ସେହି ପରିମାଣରେ ଟାରିଫ୍ ବୃଦ୍ଧି ପାଇଁ ଧମକ ଦେଇଛନ୍ତି । ଇରାନ୍ ଆଣବିକ ଚୁକ୍ତିରେ ସ୍ୱାକ୍ଷର ନ କଲେ ବୋମାମାଡ଼ ହେବ ବୋଲି ଚେତାବନୀ ଦେଇଛନ୍ତି । ଲେବାନନ୍‌ରେ ଆତଙ୍କବାଦୀ ହିଜ୍‌ବୁଲା ଗୋଷ୍ଠୀ ଉପରେ ବୋମାମାଡ଼ ହେଉଛି । ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ସମୟରେ ନୂଆ ନୂଆ ବିବୃତି ଦେଉଥିବାରୁ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଉଛି ।

**-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନବୀନଙ୍କ ମୁହଁରେ ମିଛ ଶୋଭା ପାଉନି: ପ୍ରଭାତ

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜେଡିରେ ନାହାନ୍ତି ବୋଲି ଦଳ ସଭାପତି ନବୀନ ପଟ୍ଟନାୟକ କହିବା ସହ ତାଙ୍କୁ ଟାର୍ଗେଟ କରିଥିଲେ। ଏହାର ଦିନକ ପରେ ପ୍ରଭାତ ତ୍ରିପାଠୀ ସଭାପତି ନବୀନଙ୍କ ମନ୍ତବ୍ୟ ଉପରେ କାଉଣ୍ଟର ଆଟାକ୍ କରିଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ପ୍ରଭାତ କହିଛନ୍ତି, ୱାକ୍‌ଫ ବିଲ୍‌କୁ ନେଇ ବିଜେଡିକୁ ଚାରିଆଡୁ ଯେଉଁ ଟାର୍ଗେଟ କରାଯାଉଛି ତାହା ଉପରୁ ନଜର ହଟାଇବାକୁ ଏଭଳି କରାଯାଇଛି। ନବୀନଙ୍କ ଭାବମୂର୍ତ୍ତିକୁ ତାଙ୍କ କାର୍ଯ୍ୟାଳୟ ଜାଣିଶୁଣି କ୍ଷୁଣ୍ଣ କରୁଛି। ବିଜେଡିର ତଥାକଥିତ ମୁଖିଆ ନିଜର ସ୍ଥିତି ଜାହିର କରିବା ପାଇଁ ନବୀନଙ୍କ ମୁହଁରେ ଯାହା କିଛି ବି କୁହାଇ ଦେଇପାରୁଛନ୍ତି। ମିଛ କହିବା ନବୀନ ପଟ୍ଟନାୟକଙ୍କ ମୁହଁରେ ଶୋଭାପାଉନାହିଁ।



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ।

ନବୀନ ବୁଧବାର ଏହି କଥା କହିବା ବେଳେ କେବଳ ଜାତୀୟ ଗଣମାଧ୍ୟମକୁ ଡାକି ପ୍ରତିକ୍ରିୟା ଦେଇଥିଲେ। ଓଡିଶାର କୌଣସି ଗଣମାଧ୍ୟମକୁ ଏ କଥା ନବୀନ କହି ନ ଥିଲେ। ୧୦ ମାସ ତଳେ ଓଡ଼ିଶା ଲୋକ ଜବାବ ଦେଇଛନ୍ତି, ଅଣଓଡ଼ିଆଙ୍କୁ କେବେ ଗ୍ରହଣ କରିବେ ନାହିଁ। ଗତ ନିର୍ବାଚନରେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଲା। ନବୀନ ପଟ୍ଟନାୟକ ଦୁଇଟି ସ୍ଥାନରୁ ଛିଡା ହୋଇଥିଲେ। ଦୁଇଟି ସ୍ଥାନରୁ ଜିତିଥିଲେ, ପାଣ୍ଡିଆନଙ୍କୁ ଛିଡା କରାଇ ଉପମୁଖ୍ୟମନ୍ତ୍ରୀ କରାଇଥାଆନ୍ତେ। ଏହାପରେ ନବୀନ ଓଡ଼ିଶା ଛାଡି ପଳାଇଥାଆନ୍ତେ ବୋଲି ଲୋକ ଭାବିଥିଲେ। ତେଣୁ ଲୋକ ଏହାକୁ ଗ୍ରହଣ କଲେ ନାହିଁ। ପାଣ୍ଡିଆନଙ୍କୁ ଘରେ ରଖି ବ୍ୟକ୍ତିଗତ ଭାବେ ପରାମର୍ଶ ନେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଗାଁ ଗହଳିର ଲୋକଙ୍କ ପାଖକୁ ଏକ ଖରାପ ମେସେଜ୍ ଯାଉଛି। 'ଲୁଚିଛି ନା ଗୋଡ଼ ଦି' ଟା ଦିଶୁଛି ' ନ୍ୟାୟରେ ଯଦି ବିଜେଡିର ସବୁ ନିଷ୍ପତ୍ତି ତାଙ୍କ ଦ୍ୱାରା ହେଉଥିବ ଏହା ଦଳ ପାଇଁ ଭଲ ନୁହେଁ ବୋଲି ପ୍ରଭାତ କହିଛନ୍ତି।

ପ୍ରଭାତ ଆହୁରି କହିଛନ୍ତି, ୱାକ୍‌ଫ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନବାବୁ ଏପରି କଥା ମୋ ନାଁରେ କହିଛନ୍ତି। ବର୍ତ୍ତମାନ ଯେଉଁମାନେ ଦଳରେ ବେଶି ପାଟି କରୁଛନ୍ତି, ସେମାନେ ମିଡନାଇଟ୍ ଅପରେସନରେ ପ୍ୟାରୀ ବାବୁଙ୍କ ସାଙ୍ଗରେ ଥିଲେ। ସେମାନେ ଦଳର ମେମ୍ବରଶିପ୍ ବିଷୟରେ କ'ଣ କହିବେ। ବିନା କାରଣରେ ଯେମିତି ଆଘାତ ପାଇଲି, ସେମାନେ ବି ଆଗକୁ ଅସୁବିଧାରେ ପଡିବେ। ଗୋଟିଏ ରାଜନୈତିକ ଦଳ କ'ଣ ଏମିତି ଚାଲିବ। ଜଣେ ଲୋକ ଜଣକୁ ଭରସା କରି ଚାଲିବ। ସେ ଲୋକ ଚାଲିଗଲେ କଣ ଆଉ ଚାଲିବନି। ଏହା ବ୍ୟକ୍ତିଗତ ପରିବାରର କଥା ନୁହେଁ, ଓଡ଼ିଶାର ଲୋକ ଏହି ଦଳ ସହ ଜଡିତ ଅଛନ୍ତି। ସେ ନିଜ ପାଇଁ ଫାଇଟ୍ କରୁନାହାନ୍ତି। ଗୋଟିଏ କାରଣ ପାଇଁ ଲଢେଇ କରୁଥିବା ସେ କହିଛନ୍ତି। ୱକଫ୍ ଭୋଟଦାନ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନ ବାବୁ ମୋ ବିରୋଧରେ ଏମିତି ପଦକ୍ଷେପ ନେଇଛନ୍ତି। କିନ୍ତୁ ଦଳର ଏମ୍‌ପିମାନଙ୍କୁ କେଉଁ ପରିସ୍ଥିତିରେ ବିବେକାନୁମୋଦିତ ଭୋଟ ଦେବା ପାଇଁ କୁହାଗଲା, ଏହା ପଛରେ କିଏ ତାକୁ ବିଜେଡିର ବରିଷ୍ଠ ନେତା ଓ ଓଡ଼ିଶା ଲୋକ ଜାଣିବାକୁ ଚାହୁଁଛନ୍ତି। ଏହାକୁ ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଦଳରେ ଶୃଙ୍ଖଳା ପାଇଁ ଏବଂ ଭବିଷ୍ୟତ ପାଇଁ କେତେକ ଅନୁଶାସନ ପାଳନ କରାଯିବା ଦରକାର। ସେ ବିଷୟରେ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। କର୍ମୀ ଏବଂ ନେତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ତାଙ୍କର ଏହି କଥାକୁ ସ୍ୱାଗତ। କୌଣସି ହୋଟେଲରେ ନେତା କର୍ମୀ ବୈଠକ କରିବା ଅନୁଚିତ ବୋଲି ଗଣେଶ୍ୱର କହିଛନ୍ତି।




ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନରୁ ଧାରା ୪୪(୩) ଉଚ୍ଛେଦ କରିବା ଦାବିରେ ନୂଆଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ନେତା ଗୌରବ ଗୋଗୋଇ, ପ୍ରିୟଙ୍କା ଚତୁର୍ବେଦୀ, ଜାଭେଦ ଅଲୀ ଏମ୍‌ଏମ୍ ଅବଦୁଲ୍ଲା, ଜନ୍ ବ୍ରିଟାସ ଓ ନଭଲ କିଶୋର ରାଇ । (ଫଟୋ: ଚମନ ଗୌତମ)

# ୩ବର୍ଷରେ ୫ଲକ୍ଷ ଅନ୍ତ୍ୟୋଦୟ ଗୃହ ବଣ୍ଟନ ହେବ: ମନ୍ତ୍ରୀ ଗଣ୍ଡ




ସମାବେଶରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟ ନେତୃବୃନ୍ଦ।

କେସିଙ୍ଗା, ୧୦।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଗୁରୁବାର ଭାଜପାର ଏକ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାରତ ମାତାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ଗଣ୍ଡ ଡବଲ ଇଞ୍ଜିନ ସରକାରଙ୍କ ୯ମାସର ସଫଳତା ବିଷୟରେ ସୂଚନା ଦେଇଥିଲେ। ସୁଭଦ୍ରା ଯୋଜନା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ କର୍ପସ ଫଣ୍ଡ ବ୍ୟବସ୍ଥା କରାଯାଇଥିବା କହିଥିଲେ। ଗରିବଙ୍କୁ ୨୩ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନ କରାଯାଇଥିବାବେଳେ ଆଉ ୪ଲକ୍ଷ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଆସନ୍ତା ୩ବର୍ଷ ମଧ୍ୟରେ ୫ଲକ୍ଷ ଅନ୍ତ୍ୟୋଦୟ ଯୋଜନା ଗୃହ ଯୋଗାଇଦେବା ପାଇଁ ମନ୍ତ୍ରୀ ଘୋଷଣା କରିଥିଲେ। ବୃଦ୍ଧାବୃଦ୍ଧ ଓ ବିକଳାଙ୍ଗଙ୍କୁ ୩୫୦୦ ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସହ ମାଣ୍ଡିଆ ଲଡୁ ବଣ୍ଟନ ଆଦି ବିଷୟରେ କହିଥିଲେ। ଶିକ୍ଷାର ବିକାଶ ପାଇଁ ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଥିବା ପ୍ରକାଶ କରିଥିଲେ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଖଡ଼ି ଛୁଆଁ, ଶିଶୁ ବାଟିକା ଆରମ୍ଭ କରାଯାଇଛି। ୪୬୨ ସ୍କୁଲରେ ପିଏମ୍‌ଶ୍ରୀ ଯୋଜନା ଲାଗୁ କରାଯିବା ସହ ଶହୀଦ ଲକ୍ଷ୍ମଣାନନ୍ଦ ନାଏକଙ୍କ ନାମରେ ଆଦର୍ଶ ସ୍କୁଲ ଖୋଲାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ସମାବେଶରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ପୂର୍ବତନ ବିଧାୟକ ଅନାମ ନାଏକ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଜେଡି, କଂଗ୍ରେସର ପ୍ରାୟ ୫୦ଜଣ କର୍ମୀ ଭାଜପାରେ ଯୋଗଦେଇଥିଲେ। ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦାର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ କର୍ମୀମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ।

# ଝାରସୁଗୁଡ଼ା ଜିଲା ବିଜେଡି ୨ ଭାଗ

ଝାରସୁଗୁଡ଼ା, ୧୦।୪ (ଆଶିଷ ରଞ୍ଜନ ଦାଶ)

## ସଭାପତି ପଦ, ସଙ୍ଗଠନକୁ ନେଇ ସବୁଠି ଚର୍ଚ୍ଚା

ବର୍ତ୍ତମାନ ୱାକ୍‌ଫ ବିଲ୍‌କୁ ନେଇ ରାଜ୍ୟ ବିଜେଡି ଭାଗ ଭାଗ ହୋଇ ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଝାରସୁଗୁଡ଼ାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ପରେ ଜିଲା ବିଜେଡି ପ୍ରାୟତଃ ଦୁଇ ଭାଗ। ଜିଲା ବିଜେଡିରେ ପୂର୍ବତନ ବିଧାୟିକା ଅଲକା ମହାନ୍ତି ଓ ଦୀପାଳି ଦାସଙ୍କ ମଧ୍ୟରେ ଟକରାଟକରି ଚାଲିଛି। ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ ଥିଲେ ପୂର୍ବତନ ବିଧାୟିକା ଅଲକାଙ୍କ ସମର୍ଥକ। କିନ୍ତୁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଓ ଭାଜପାର ଜଣେ ଆଗ ଧାଡ଼ିର ନେତାଙ୍କ ପ୍ରଚେଷ୍ଟାରେ ଏଇ କିଛି ଦିନ ହେବ ଅନାସ୍ଥା ଅଣାଯାଇ ଯାଜ୍ଞସେନୀଙ୍କୁ ହଟାଇ ଦିଆଯାଇଥିବା ଅଲକାଙ୍କ ଅନୁଗତମାନେ କହୁଛନ୍ତି, ଯାହା କି ଜିଲା ବିଜେଡିରେ ଫାଟ ସୃଷ୍ଟି ହେବା ମୁଖ୍ୟ କାରଣ। ଯଦି ଝାରସୁଗୁଡ଼ାର ୧୫ରୁ ୨୦ ବର୍ଷ ରାଜନୀତି ଇତିହାସକୁ ଦେଖିବା, ତେବେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଲୋକପ୍ରିୟତା ଥିଲା। ପରେ କଂଗ୍ରେସରୁ ଆସି ନବ ଦାସ ବିଜେଡିରେ ଯୋଗ ଦେଇଥିଲେ। ଫଳରେ ଉଭୟେ ଜିଲାରେ ବିଜେଡିକୁ ମଜଭୁତ କରିଥିଲେ। ତେବେ କିଶୋରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅଲକା କମ୍ ଦିନ ପାଇଁ ବ୍ରଜରାଜନଗର ବିଧାୟକ ହେବା ସହିତ ଗତ ନିର୍ବାଚନରେ ଭାଜପାର ସୁରେଶ ପୂଜାରୀଙ୍କଠାରୁ ହାରିଯାଇଥିଲେ। କିନ୍ତୁ ଏବେ ଅଲକାଙ୍କ ସହ ତାଙ୍କ ପୁଅ ଦୁର୍ଗେଶ ମହାନ୍ତି ପିତାଙ୍କ ଅନୁଗତଙ୍କ ସହ ମିଶି ଲୋକଙ୍କ ପାଇଁ କାମ କରୁଛନ୍ତି।



ଅଲକା ମହାନ୍ତି



ଦୀପାଳି ଦାସ

ବିଶ୍ୱସ୍ତ ସୂତ୍ରର ଖବର ଅନୁସାରେ ଜିଲା ସଭାପତି ପଦ ପାଇଁ ଅଲକା ମହାନ୍ତି ଅନ୍ୟତମ ନେତା ତାପସ ରାୟ ଚୌଧୁରୀଙ୍କ ନାମ ସୁପାରିସ କରିଥିବା ଜଣାପଡ଼ିଛି। ଚୌଧୁରୀ ଝାରସୁଗୁଡା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଥିଲେ। ଏବେ ସେ ଜିଲା ଆଥ୍‌ଲେଟିକ ଆସୋସିଏଶନ ସହିତ ବିଭିନ୍ନ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ସହିତ ଜଡ଼ିତ ଅଛନ୍ତି। ସେ ଯଦି ଜିଲା ସଭାପତି ହୁଅନ୍ତି, ତେବେ ଉଭୟ ଗୋଷ୍ଠୀର ଲୋକଙ୍କୁ ଏକଜୁଟ କରି ଜିଲାରେ ବିଜେଡି ସଙ୍ଗଠନକୁ ମଜଭୁତ କରିପାରିବେ ବୋଲି ଚର୍ଚ୍ଚା ହୁଏ।

ସେହିପରି ଦୀପାଳି ମଧ୍ୟ ଝାରସୁଗୁଡ଼ାରେ ତାଙ୍କ ପିତା ନବଙ୍କ ଦେହାନ୍ତ ପରେ ଝାରସୁଗୁଡାର ବିଧାୟକ ହୋଇଥିଲେ। ୨୦୨୪ ନିର୍ବାଚନରେ ଭାଜପାର ଟଙ୍କଧର ତ୍ରିପାଠୀଙ୍କଠାରୁ ଅଳ୍ପ ଭୋଟରେ ହାରିଯାଇଥିଲେ। ନବଙ୍କ ଏକାନ୍ତ ଅନୁଗତ ଥିବା ଅନେକ ଲୋକ ଏବେ ଦଳ ଛାଡି ଭାଜପାକୁ ଚାଲିଯାଉଥିବା ବେଳେ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବରେ ନିଜର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଦୀପାଳି ନିଜ ଲକ୍ଷ୍ୟ ହାସଲ କରିପାରିଲେ ନାହିଁ। ଅର୍ଥାତ୍ ଏକଦା ନବଙ୍କ ଗଡ଼ ଥିବା କିର୍ମିରାରେ ଭାଜପା ସମର୍ଥିତ ସମିତି ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିଲେ। ଏହାସତ୍ତ୍ୱେ ଭାଇ ବିଶାଳଙ୍କ ସହାୟତାରେ ଦୀପାଳି ନିଜ ସଙ୍ଗଠନକୁ ମଜଭୁତ କରିବାକୁ ଚେଷ୍ଟା କରୁଛନ୍ତି। ସେ ଜିଲା ସଭାପତି ପଦ ପାଇଁ ବର୍ତ୍ତମାନ ଥିବା ଜିଲା ସଭାପତି ରବି ସିଂ ଓ ହରିଶ ଗଣତ୍ରାଙ୍କ ନାମ ସୁପାରିସ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କୁହାଯାଉଛି ରବି ସିଂ ବୟସାଧିକ୍ୟ କାରଣରୁ ଭାଜପା କବ୍‌ଜାରେ ଥିବା ଝାରସୁଗୁଡା ଜିଲାରେ ଧାଁଧପଡ଼ କରି ସଙ୍ଗଠନକୁ ମଜଭୁତ କରିବା ସମ୍ଭବ ନୁହେଁ। ତେବେ ଜିଲା ସଭାପତି ପଦ ପାଇଁ ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲଙ୍କ ନାମକୁ ନେଇ ମଧ୍ୟ ଜିଲାରେ ଚର୍ଚ୍ଚା ହେଉଛି। ଏଭଳି ସ୍ଥଳେ ଝାରସୁଗୁଡ଼ାବାସୀ କାହା ନେତୃତ୍ୱ ପ୍ରତି ଆସ୍ଥା ରଖୁଛନ୍ତି ଓ ବିଜେଡି ମୁଖ୍ୟ କାହାର କେଉଁ ଅଭିଜ୍ଞତାକୁ ଆଖି ଆଗରେ ରଖି ଜିଲା ସଭାପତି ପଦ ଦେଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ନବୀନଙ୍କ ମୁଠା ହୁଗୁଳା: ତାରା

ଭୁବନେଶ୍ୱର, ୧୦।୪ (ରବିନାରାୟଣ ଜେନା)

ବିଜେଡିରେ ସଂପ୍ରତି ୱାକ୍‌ଫ ବିଲ୍‌କୁ ନେଇ ଯେଉଁ ରାଜନୈତିକ ଆରୋପ ପ୍ରତ୍ୟାରୋପ ଦେଖାଦେଇଛି, ସେଥିରୁ ଦଳର ନେତା ଓ କର୍ମୀଙ୍କ ଅସନ୍ତୋଷ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ତେଣୁ ବିଜେଡି ଆଉ ନବୀନବାବୁଙ୍କ ନିୟନ୍ତ୍ରଣରେ ନାହିଁ ଓ ତାଙ୍କ ହାତମୁଠା ଦିନକୁ ଦିନ କୋହଳ ହେଉଛି ବୋଲି ତାରା କହିଛନ୍ତି।

ଗୁରୁବାର ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଦେଇଥିବା ମନ୍ତବ୍ୟକୁ ନେଇ ତାରା କହିଛନ୍ତି, ବିଜେଡିରେ ଆଉ ଶୃଙ୍ଖଳା ନାହିଁ। ନବୀନବାବୁ କେତେବେଳେ କ'ଣ କହୁଛନ୍ତି ତାହା ରାଜ୍ୟବାସୀ କି ତାଙ୍କ ଦଳର ନେତା ଓ କର୍ମୀ ବୁଝିପାରୁନାହାନ୍ତି। ଯଦିଓ ବିଜେଡିର ଏହା ଆଭ୍ୟନ୍ତରୀଣ ବ୍ୟାପାର, ରାଜ୍ୟବାସୀଙ୍କ ସହିତ ନବୀନ ଯେଉଁ ଛଳନା କରୁଛନ୍ତି ତାହାକୁ ନେଇ ଦଳୀୟ ନେତୃବୃନ୍ଦ ଜଣକ ପରେ ଜଣେ ଗଣମାଧ୍ୟମ ସମ୍ମୁଖକୁ ଆସି ଦେଉଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଦୀର୍ଘଦିନ ଧରି ଦଳରେ ଥିବା ଅସନ୍ତୋଷ ଏବେ ପଦାକୁ ଫୁଟି ବାହାରୁଛି। ସ୍ଥିତି ଏପରି ହେଲାଣି ଯେ ଆଗାମୀ ଦିନରେ ଦଳର ଅସ୍ତିତ୍ୱ ହଜିଯିବ ବୋଲି ତାରା କହିଛନ୍ତି।

# ଖଣି ମାଫିଆମାନେ ଅବୈଧ ଖନନ କରୁଛନ୍ତି

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉପବାଚସ୍ପତି

ବର୍ତ୍ତମାନ ସମୟରେ ଓଡ଼ିଶାର ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଓ କୋଇଡା ଅଞ୍ଚଳରେ ବ୍ୟାପକ ଭାବେ ଅବୈଧ କୋଇଲା, ଆଇରନ ଏବଂ ମାଙ୍ଗାନିଜ ଖନନ ଚାଲିଛି। ଉପରୋକ୍ତ ଜଙ୍ଗଲ ଅଞ୍ଚଳରେ ଏହି କାର୍ଯ୍ୟକଳାପ ହେଉଥିବାରୁ ପରିବେଶ, ଜନଜୀବନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ମହାବିପଦ ସୃଷ୍ଟି ହୋଇଛି। ଖଣି ମାଫିଆମାନେ ଭାରି ଯନ୍ତ୍ରପାତି ସହିତ ଅବୈଧ ଖନନ କରୁଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳ ସହ ପଡ଼ୋଶୀ ରାଜ୍ୟକୁ ମଧ୍ୟ ଚୋରା ଚାଲଣ ହେଉଛି। ବହୁ ସ୍ଥାନରେ ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ, ଜିଲା ଖଣି ଅଧିକାରୀ ଦାୟିତ୍ୱରେ ଥିବା ବିଭାଗର ଅନ୍ୟ କର୍ମଚାରୀଙ୍କ ଅଭିଜ୍ଞତାର ଅଭାବ କିମ୍ବା ସହଯୋଗ ହୀନତା ଦେଖିବାକୁ ମିଳୁଛି ବୋଲି ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କହିଛନ୍ତି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗତ ୮ ତାରିଖରେ ଉପବାଚସ୍ପତି ଏନେଇ ଏକ ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି, ବଣାଇ ଉପଖଣ୍ଡର ମୂଷାପୋଷ ପଥର ଖଣି ମଧ୍ୟ ଲୁଟ ହେଉଛି। ଏହିସବୁ ଘଟଣା ଜିଲା ପ୍ରଶାସନର ଦୁର୍ବଳତା ଦର୍ଶାଉଛି। ଅବୈଧ ଖଣି ଖନନ ବିରୋଧରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରାଯାଉ। ଅଭିଯୁକ୍ତ ମାଫିଆ ଓ ସହଯୋଗ କରୁଥିବା କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅବୈଧ ଖଣି ଖନନ ରୋକିବାକୁ ଏକ ବିଶେଷ ଟାସ୍କଫୋର୍ସ ଗଠନ କରାଯାଉ। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ସଭ୍ୟତା ଓ ଗ୍ରାମବାସୀଙ୍କ ସହଯୋଗ ଜନସଚେତନତା ଅଭିଯାନ ଆରମ୍ଭ ହେଉ। ରାଜ୍ୟର ସମସ୍ତ ବର୍ଡର ଅଞ୍ଚଳରେ ଜୋର୍‌ଦାର ଚେକିଂ କରାଯାଉ। ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା କରୁଥିବା ଉପବାଚସ୍ପତି ତାଙ୍କ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି।


TPWODL

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/MK/O/SITC/ 2500000915: RC for SITC of 16mtr & 20mtr High mast at TPWODL.**
2. **TPWODL/PJ/O/SU/2500000917: Supply of 315KVA, 11/0.433KV BIS Lev-II Distribution Transformer.**

Interested bidders to submit Tender Participation Fee and Authorization Letter through email on or before **22nd April 2025, 18:00Hrs,** respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tp-westernodisha.com.** Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd/- **Head- Contracts & Procurement**



**GOVERNMENT OF ODISHA**
**(PANCHAYATI RAJ & DRINKING WATER DEPARTMENT)**
**OFFICE OF THE PANCHAYAT SAMITI, NANDAPUR, KORAPUT**

E-mail : ori-nandapur@nic.in

No.1489/2025 Dated : 05.04.2025

**NOTICE INVITING TENDER**

**Bid Identification No. - NDP01 of 2025-26 of B.D.O. Nandapur**

The Block Development Officer, Nandapur, Dist.-Koraput, PIN-764037 (Odisha) invites **Percentage Rate Bids in Single Cover System** on behalf of Governor of Odisha in electronic tendering system **(www.tendersodisha.gov.in)** for the construction of **8 (Eight)** Nos. of works detailed in the table from the eligible civil contractors. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No. | Name of the Work | Amount put to Tender (Approx. in Rupees) | Class of Contractor | Cost of Tender Paper | E.M.D. (Bid Security) in Rs. | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional class room at Netaji High School, Thuba | 13,51,165/- | "C" & "D" | 6,000/- | 13,550/- | 06 Months |
| 2 | Construction of Additional class room at Govt. UGHS, Attanda | 14,60,442/- | "C" & "D" | 6,000/- | 14,610/- | 06 Months |
| 3 | Construction of Additional class room at Khurji PS | 14,47,366/- | "C" & "D" | 6,000/- | 14,500/- | 06 Months |
| 4 | Construction of Additional class room at Mangrel PS | 14,50,769/- | "C" & "D" | 6,000/- | 14,510/- | 06 Months |
| 5 | Construction of Additional class room at Badel PS | 14,45,853/- | "C" & "D" | 6,000/- | 14,500/- | 06 Months |
| 6 | Construction of Additional class room at Kukudaput PS | 14,48,172/- | "C" & "D" | 6,000/- | 14,500/- | 06 Months |
| 7 | Construction of Additional class room at Talakondapalli PS | 14,48,639/- | "C" & "D" | 6,000/- | 14,500/- | 06 Months |
| 8 | Construction of BT Road from PWD Road to Chatwa | 25,28,210/- | "B" & "C" | 6,000/- | 26,000/- | 04 Months |

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | **15.04.2025 to 28.04.2025** up to 17.30 Hours |
| Bid clarification start date & closing date | **15.04.2025 to 28.04.2025** during office hours |
| Date, time and venue of opening of bid online | **(02.05.2025 at 11.30 Hours)**, Office of the Block Development Officer, Panchayat Samiti, Nandapur |
| If stipulation arises the tender will be decided through Lottery System | **(02.05.2025)** Office of the Block Development Officer, Panchayat Samiti, Nandapur |

**Sd./- Block Development Officer**
**Nandapur**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.05/ET/SBP/ENGG/2025-26, ତା.04.04.2025ରିଖ

(1)ଇ-ଟେଣ୍ଡର ସଂ.01-eT-DENE-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ତାରମାଳ ଷ୍ଟେସନ ଠାରେ 40 BOBYNs କୁ ସ୍ଥାନ ଯୋଗାଇ ଦେବା ପାଇଁ TM ତଥା ବାଲାଷ୍ଟ ସାଇଡ଼ିଂର ସମ୍ପ୍ରସାରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 6,45,67,606.21, ବିଡ୍ ସିକ୍ୟୁରିଟି (ଟଙ୍କାରେ): 4,72,900/-।

(2)ଇ-ଟେଣ୍ଡର ସଂ.02-eT-DENE-SBP-25

**କାର୍ଯ୍ୟର ନାମ :** ବର୍ଷ 2025-26 ନିମନ୍ତେ ସମ୍ବଲପୁର ମଣ୍ଡଳରେ USFD ପରୀକ୍ଷଣ ନିମନ୍ତେ ସହାୟକ କର୍ମଚାରୀଙ୍କ ନିଯୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 52,44,305/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-।

(3)ଇ-ଟେଣ୍ଡର ସଂ.07-eT-DENE-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝୁମୁରା-କେରେଜାଙ୍ଗା ସେକ୍ସନରେ କି.ମି.66/31-67/17 ଠାରେ କର୍ଭ ନଂ.32(UP) ର ସ୍ଥାୟୀ ଗତି ପ୍ରତିବନ୍ଧକ (PSR) ର ଅପସାରଣ ସମ୍ବନ୍ଧୀୟ P.Way ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 3,00,41,353.97, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,00,300/-।

କାର୍ଯ୍ୟ ଶେଷ ହେବା ଅବଧି: 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.04.2025ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର

PR-22/Q/25-26


See Career Appointment on every Wednesday & Saturday


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶୈଳଶ୍ରୀ ବିହାର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା:ମେସର୍ସ ସାଇ କ୍ରିଏସନ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଶକ୍ତି ପ୍ରସାଦ ପଣ୍ଡା,** ପିତା: ତ୍ରିଲୋଚନ ପଣ୍ଡା, **ଠିକଣା-୧:** ସା: ଏଚ୍‌ଆଇଜି ୧୧/୧୧୭, ସତ୍ୟ ସାଇ ଏନ୍‌କ୍ଲେଭ, ମଣିପାଲ ହସ୍ପିଟାଲ ନିକଟ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, **ଠିକଣା-୨:** ସା: ଫ୍ଲାଟ୍ ନଂ.: ୧୦୧, କ୍ରିପାଲୁ ରେସିଡେନ୍ସି, ପଟିଆ ଷ୍ଟେସନ୍ ରୋଡ, ଭୁବନେଶ୍ୱର-୭୫୧୦୨୪ | ୧) କ୍ୟାଶ କ୍ରେଡିଟ୍ / ଟ.୨୭,୦୦,୦୦୦/-<br>୨) ଏଫ୍‌ଆଇଟିଏଲ୍ /ଟ.୪,୦୭,୩୦୦/-<br>୩) ଜିଇସିଏଲ୍ /ଟ.୪,୭୦,୦୦୦/-<br>୪) ଜିଇସିଏଲ୍ /ଟ.୩,୪୦,୦୦୦/-<br>**ସମୁଦାୟ: ଟ.୩୯,୧୭,୩୦୦/-** | ୩୦.୦୩.୨୦୨୫ / ୦୨.୦୪.୨୦୨୫ | ଟ.୩୧,୩୧,୩୦୪.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | **୧)** ବନ୍ଧକପ୍ରାପ୍ତ ଫାଇବର ଏବଂ କାଠ ନିର୍ମିତ ଆସବାବପତ୍ରର ଷ୍ଟକ୍, **୨) ଶ୍ରୀମତୀ ଝୁନୁଲତା ପଣ୍ଡା,** ସ୍ୱାମୀ: ତ୍ରିଲୋଚନ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭୨/୪୧୩, ପ୍ଲଟ୍ ନଂ.: ୨୨୬୭/୫୨୬୯, କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରୀ, ମୌଜା: ନିମପୁର, ଥାନା: ଟାଙ୍ଗି, ଡିଏସ୍‌ଆରଓ: କଟକ, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋବିନ୍ଦ ଚନ୍ଦ୍ର ସାହୁ, ଦକ୍ଷିଣ: ରେଣୁବାଳା ମିଶ୍ର, ପୂର୍ବ: ରାସ୍ତା, ପଶ୍ଚିମ: ରେଲୱେ ଜମି |

ଉପରଦର୍ଶିତ **ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତା, ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ସେମାନଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ରେ ପରିଣତ କରାଯାଇଛି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡ଼ିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ,ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରିଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍, ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଯେକୌଣସି ସମୟରେ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି । ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନ୍‌କମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଉଛି।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୧.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମହିଳା ହକିର ସଫଳ ବିନ୍ଧାଣି

**ଦୀର୍ଘ ୧୫ ବର୍ଷ ଧରି ଭାରତୀୟ ମହିଳା ହକିର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିଆ। ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ୍ୟ ସେ ଲାଭ କରିଛନ୍ତି। ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ବନ୍ଦନା ଏଚ୍‌ଆଇଏଲ୍ ଓ ଅନ୍ୟ ଘରୋଇ ପ୍ରତିଯୋଗିତାରେ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି...**

ଭାରତୀୟ ମହିଳା ହକିକୁ ଦୀର୍ଘ ୧୫ ବର୍ଷର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିଆ। ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। କେବଳ ସେତିକି ନୁହେଁ ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ୍ୟ ସେ ଲାଭ ହାସଲ କରିଥିବା ଭାରତୀୟ ଦଳର ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। ଆର୍ଜେଣ୍ଟିନାର ଲୁସିଆନା ଆୟିମର ଥିଲେ ତାଙ୍କ ଆଦର୍ଶ ଖେଳାଳି। ଭାରତୀୟ ମହିଳା ହକିପ୍ରତି ଅବଦାନକୁ ଦୃଷ୍ଟିରେ ରଖି ୨୦୨୧ରେ ତାଙ୍କୁ ଅର୍ଜୁନ ଓ ୨୦୨୨ ମାର୍ଚ୍ଚରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ସେତେବେଳେ ଉତ୍ତର ପ୍ରଦେଶ (ବର୍ତ୍ତମାନ ଉତ୍ତରାଖଣ୍ଡ) ହରିଦ୍ୱାର ଜିଲାର ରୋଶନାବାଦରେ ଜନ୍ମଗ୍ରହଣ



ଦିଲୀପ ତିର୍କୀଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ବନ୍ଦନା।

> **"ମୁଁ ଅନ୍ତର୍ଜାତୀୟ ହକିରୁ ଦୂରକୁ ଯିବାର ନିଷ୍ପତ୍ତି ନେଇଛି। ଏହା ପଛର କାରଣ ନୁହେଁ ଯେ, ମୋ ଭିତରେ ଦେଶ ପାଇଁ ଖେଳିବା ଲାଗି ଥିବା ଭୋକ ମରି ଯାଇଛି। ମୁଁ ମୋ କ୍ୟାରିୟରର ଶୀର୍ଷରେ ଥାଇ ବିଦାୟ ନେବାକୁ ଚାହେଁ। ଥକି ପଡ଼ିଥିବାରୁ ନୁହେଁ, ବରଂ ମୁଁ ମୁଣ୍ଡ ଟେକି ଅନ୍ତର୍ଜାତୀୟ ହକି ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଦର୍ଶକଙ୍କ କୋଳାହଳ, ପ୍ରତ୍ୟେକ ଗୋଲର ରୋମାଞ୍ଚ ଓ ଭାରତୀୟ ଜର୍ସି ପିନ୍ଧିବାର ଗର୍ବ ମୋ ହୃଦୟରେ ସର୍ବଦା ରହିବ"**
>
> **– ବନ୍ଦନା କାଟରିଆ**

କରିଛନ୍ତି। ୧୯୯୨ ଏପ୍ରିଲ ୧୫ରେ ଜନ୍ମଗ୍ରହଣ କରିଥିବା ବନ୍ଦନା ଦେଶ ପକ୍ଷରୁ ୩୨୦ ମ୍ୟାଚରେ ପ୍ରତିନିଧିତ୍ୱ କରି ମୋଟ ୧୫୮ଟି ଗୋଲ ସ୍କୋର କରିଛନ୍ତି। ଏହା ତାଙ୍କ ଫିଟ୍‌ନେସ ଓ ଦକ୍ଷତାର ପ୍ରମାଣ ଦେଇଥାଏ।

୨୦୧୩ ଜୁନିୟର ମହିଳା ହକି ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରନ୍ତି ବନ୍ଦନା। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାବେଳେ ସେ ହୋଇଥିଲେ ଟପ୍ ସ୍କୋରର। ଟୁର୍ନାମେଣ୍ଟରେ ୫ ଗୋଲ ଦେଇଥିବା ବନ୍ଦନା ଆଉ ପଛକୁ ଫେରି ଚାହିଁ ନ ଥିଲେ। ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେଥିଲେ ଅନ୍ୟତମ ସଦସ୍ୟା। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ କରିଥିଲେ ବନ୍ଦନା। ହରିଦ୍ୱାରସ୍ଥିତ ବିଏଚଇଏଲ୍‌ରେ ତାଙ୍କ ବାପା ଜଣେ ମାଷ୍ଟର ଟେକ୍ନିସିଆନ ଥିଲେ। ଗତ କିଛିବର୍ଷ ଧରି ଯେଉଁ କେତେଜଣ ଖେଳାଳିଙ୍କ ପ୍ରଦର୍ଶନରେ ବ୍ୟାପକ ଉନ୍ନତି ହୋଇଥିଲା ତା' ମଧ୍ୟରେ ବନ୍ଦନା ଅନ୍ୟତମ। ୨୦୦୬ରେ ସେ ଜୁନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୦୯ରେ ସିନିୟର ସ୍ତରରେ ପ୍ରଥମେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ରୁଷିଆର କାଜାନରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଚ୍ୟାଲେଞ୍ଜ-୨ ଟୁର୍ନାମେଣ୍ଟ ଥିଲା ସିନିୟର ସ୍ତରରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ୨୦୧୩ ଜୁନିୟର ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିବାପରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଥମଥରପାଇଁ ତାଙ୍କ ବାପାଙ୍କ ସାକ୍ଷାତକାର ନେଇଥିଲେ। ଏହା ତାଙ୍କୁ ଖୁବ୍ ଗର୍ବିତ କରିଥିଲା ବୋଲି ପ୍ରକାଶ କରିଥିଲେ ବନ୍ଦନା। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାନାଡ଼ା ବିପକ୍ଷରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ ଏହି ଦକ୍ଷ ଫରୱାର୍ଡ। ସେହିବର୍ଷ ସେ ହକି ଇଣ୍ଡିଆର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ପାଇଥିଲେ। ୨୦୨୪-୧୫ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍‌ରେ ଭାରତ ଚାମ୍ପିୟନ ହୋଇଥିବାବେଳେ ବନ୍ଦନା ଟପ୍ ସ୍କୋରର ଭାବେ ୧୧ ଗୋଲ ସ୍କୋର କରିଥିଲେ।

୨୦୧୬ ନଭେମ୍ବରରେ ସେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଟୁର୍ ପାଇଁ ଅଧିନାୟିକା ଭାବେ ଅପରିବର୍ତ୍ତିତ ରହିଥିଲେ। ସେଠାରେ ଭାରତ ନଭେମ୍ବର ୨୩ରୁ ୩୦ ପର୍ଯ୍ୟନ୍ତ ଟେଷ୍ଟ ସିରିଜ ଖେଳିଥିଲା। ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ କୋରିଆଠାରୁ ହାରି ଭାରତ ରନରଅପ୍ ହୋଇଥିଲେ ମଧ୍ୟ ବନ୍ଦନା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ୨୦୧୮ରେ ଭାରତୀୟ ଦଳ ସ୍ପେନ୍ ଗସ୍ତରେ ଥିବାବେଳେ ୫ ମ୍ୟାଚ ବିଶିଷ୍ଟ ସିରିଜର ୩ୟ ମ୍ୟାଚ ଖେଳି ସେ ୨୦୦ ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହାପରେ ସେ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବନ୍ଦନା ପ୍ରଥମ ଭାରତୀୟ ମହିଳା ଭାବେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମାତ୍ର ସେମିଫାଇନାଲରେ ଆର୍ଜେଣ୍ଟିନାଠାରୁ ଭାରତ ହାରିବା ପରେ ତାଙ୍କ ପରିବାରକୁ ଜାତିଭିତ୍ତିକ ନିନ୍ଦା ଶୁଣିବାକୁ ମିଳିଥିଲା। ଦଳରେ ଅଧିକ ଦଳିତ ଖେଳାଳି ରହିଥିବାରୁ ଭାରତ ସେମିଫାଇନାଲରେ ହାରିଲା ବୋଲି କିଛି ଉଚ୍ଚଜାତିର ଲୋକ କହିବା ସହ ତାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ୨୦୨୧ ଅଗଷ୍ଟ ୮ରେ ତାଙ୍କୁ 'ବେଟୀ ବଚାଓ ବେଟୀ ପଢ଼ାଓ' ଅଭିଯାନର ଅନ୍ୟତମ ଆମ୍ବାସାଡର ନିଯୁକ୍ତ କରାଯାଇଥିଲା। କାଟାରିୟା ଗତ ଫେବୃୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗରେ ଭାରତ ପାଇଁ ଅନ୍ତିମ ମ୍ୟାଚ ଖେଳିଥିଲେ।

ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ସେ ସମ୍ପୂର୍ଣ୍ଣଭାବେ ହକିରୁ ଅବସର ନେଉନାହାନ୍ତି ବୋଲି ବନ୍ଦନା ସ୍ପଷ୍ଟ କରିଛନ୍ତି। "ମୁଁ ମୋ ଷ୍ଟିକ ଛାଡ଼ୁ ନାହିଁ। ମୁଁ ହକି ଇଣ୍ଡିଆ ଲିଗ ଓ ଅନ୍ୟ ଟୁର୍ନାମେଣ୍ଟରେ ଖେଳିବା ଓ ସ୍କୋର କରିବା ଜାରି ରଖିବି। ମୋତେ ମିଳିଥିବା ଭଲ ପାଇବା, ଅନୁଭୂତି ଓ ସ୍ମୃତିକୁ ନେଇ ଆଗକୁ ବଢ଼ିବି ବୋଲି ବନ୍ଦନା ପ୍ରକାଶ କରିଛନ୍ତି।

### ସଂକ୍ଷେପରେ...

ନାମ: ବନ୍ଦନା କାଟରିଆ
ଜନ୍ମ: ୧୫ ଏପ୍ରିଲ, ୧୯୯୨, ରୋଶନାବାଦ, ଉତ୍ତର ପ୍ରଦେଶ (ଏବେ ଉତ୍ତରାଖଣ୍ଡ)
ପ୍ଲେଇଂ ପୋଜିଶନ: ଫରୱାର୍ଡ
ଜାତୀୟ ଦଳରୁ ପ୍ରତିନିଧିତ୍ୱ (୨୦୦୯ରୁ ୨୦୨୫)
ମ୍ୟାଚ: ୩୨୦, ଗୋଲ୍: ୧୫୮।
ପଦକ ରେକର୍ଡ
ଏସିଆନ ଗେମ୍ସ: ୨୦୧୮ ଜାକର୍ତ୍ତା-ରୌପ୍ୟ, ୨୦୧୪ ଇଞ୍ଚିଅନ-ବ୍ରୋଞ୍ଜ, ୨୦୨୨ ହାଙ୍ଗଝୋ-ବ୍ରୋଞ୍ଜ।
ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୨୦୨୨ ବର୍ମିଂହାମ-ବ୍ରୋଞ୍ଜ।
ଏସିଆ କପ୍: ୨୦୧୭ ଗିଫୁ-ସ୍ୱର୍ଣ୍ଣ, ୨୦୧୩ କୁଆଲାଲମ୍ପୁର-ବ୍ରୋଞ୍ଜ, ୨୦୨୨ ମସ୍କଟ-ବ୍ରୋଞ୍ଜ।
ଏସିଆନ ଚାମ୍ପିୟନ୍ସ ଟ୍ରଫି: ୨୦୧୬ ସିଙ୍ଗାପୁର-ସ୍ୱର୍ଣ୍ଣ, ୨୦୨୩ ରାଞ୍ଚି-ସ୍ୱର୍ଣ୍ଣ, ୨୦୧୩ କାକାମିଗହରା-ରୌପ୍ୟ, ୨୦୧୮ ଡୋଙ୍ଘେ-ରୌପ୍ୟ।
ଏଫ୍‌ଆଇଏଚ୍ ନେସନ୍ସ କପ୍: ୨୦୨୨ ସ୍ପେନ୍-ସ୍ୱର୍ଣ୍ଣ।
ଜୁନିୟର ବିଶ୍ୱକପ: ୨୦୧୩ ମନଚେନ୍‌ଗ୍ଲାଡବ୍ୟାକ୍-ବ୍ରୋଞ୍ଜ।

**ପୁରସ୍କାର**
୨୦୨୧.............. ଅର୍ଜୁନ
୨୦୨୨.............. ପଦ୍ମଶ୍ରୀ



ବନ୍ଦନା କାଟରିଆ

## ବାପାଙ୍କ ସ୍ୱପ୍ନକୁ ସାକାରକଲେ ରେଣୁକା

# କପଡ଼ା ବଲରୁ ଅନ୍ତର୍ଜାତୀୟ କ୍ରିକେଟ

**ପିଲାଦିନେ ଗାଁରେ କପଡା ବଲରେ ଖେଳୁଥିଲି। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନ ହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଗଲି। କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କ ପିଲାଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି...**

ଓମେନ ପ୍ରିମିୟର ଲିଗ(ଡବ୍ଲ୍ୟୁପିଏଲ)ର ତୃତୀୟ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ରେଣୁକା ସିଂ ଠାକୁର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସେ ସିଜନରେ ୭ ମ୍ୟାଚ ଖେଳି ୧୦ ଉଇକେଟ ନେଇଛନ୍ତି। ଏକଦା ଗାଁରେ କପଡା ବଲରେ ଖେଳିବା ଆରମ୍ଭ କରିଥିବା ରେଣୁକା ଏବେ ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଜଣେ ପରିଚିତ ଚେହେରା। ନିଜ ଦକ୍ଷତା ପ୍ରଦର୍ଶନ କରି ସେ ଏବେ ଭାରତୀୟ ଦଳର ମୁଖ୍ୟ ଫାଷ୍ଟ ବୋଲର ପାଲଟି ଯାଇଛନ୍ତି। ରେଣୁକାଙ୍କ ଲାଗି କ୍ରିକେଟ କେବଳ ଏକ ଖେଳ ନୁହେଁ। ଏହା ତାଙ୍କ ସ୍ୱର୍ଗତ ବାପାଙ୍କର ପୂରଣ ହୋଇପାରି ନ ଥିବା ସ୍ୱପ୍ନ ଥିଲା। ସେ ସାମ୍ନାରେ ଥିବା ବାଧାବିଘ୍ନକୁ ଖାତିର ନ କରି ତାଙ୍କ ବାପାଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ମନ ସ୍ଥିର କରିଥିଲେ। "ମୁଁ ଛୋଟ ବେଳେ ଅଧିକ କ୍ରିକେଟ ଦେଖି ନ ଥିଲି। ଏହା ମୋର ହବି ଥିଲା। ଏହା ମୋ ପାଖକୁ କେଉଁଠୁ ଆସିଲା, ତାହା ମୋତେ ଜଣା ନାହିଁ। ଆମେ ଗାଁରେ ଆମେ କପଡା ବଲରେ ଖେଳୁଥିଲୁ। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଲି। ମୁଁ ମୋ ମା'ଙ୍କ ସହିତ ବାପାଙ୍କ ସମ୍ପର୍କରେ ଅଧିକ କଥା ହୁଏ ନାହିଁ। ଦିନେ ମୋ ମା' ମୋତେ କହିଥିଲେ ଯେ, କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କର ଛୁଆଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି। ଏଣୁ ସତ କହିବାକୁ ଗଲେ ମୋ ବାପାଙ୍କଠାରୁ ମୋତେ କ୍ରିକେଟ ମିଳିଛି। ଏହା ତାଙ୍କର ସ୍ୱପ୍ନ ଥିଲା।

ରେଣୁକାଙ୍କ ଲାଗି ସଫଳତାରେ ପହଞ୍ଚିବା ଆଦୌ ସହଜ ନ ଥିଲା। ସେ କ୍ରିକେଟ ଏକାଡେମୀରେ ଯୋଗ ଦେବା ପାଇଁ ଗାଁ ଛାଡ଼ିଥିଲେ। ଧୀରେ ଧୀରେ ଆଗକୁ ବଢୁଥିବା ବେଳେ ତାଙ୍କୁ ୧୯ ବର୍ଷରୁ କମ ଦଳରୁ ବାଦ୍ ଦିଆଯାଇଥିଲା। ଏହା ତାଙ୍କୁ ବାଧିଥିଲା। ଏ ସମ୍ପର୍କରେ ରେଣୁକା କୁହନ୍ତି ଯେ, "ସେହି ସମୟରେ ଅନେକ କିଛି ଘଟୁଥିଲା। ମୁଁ ଦଳରୁ ବାଦ୍ ପଡ଼ିଥିବା ବେଳେ ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଭଳି ପରିସ୍ଥିତିରୁ ମୁଁ କେଉଁ ଭଳି ବାହାରି ବି ମୋତେ ଜଣାନଥିଲା। କିନ୍ତୁ ମୋତେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପସନ୍ଦ। ୧୯ ବର୍ଷରୁ କମ୍ ଦଳରୁ ବାଦ ପଡ଼ିବା ପରେ ମୁଁ ନିଜକୁ ପଚାରିଥିଲି ଯେ, ସେମାନଙ୍କୁ କେଉଁ ଭଳି ଭୁଲ ସାବ୍ୟସ୍ତ କରିପାରିବେ। ଏଥିଯୋଗୁ ମୁଁ ଅଧିକ ପରିଶ୍ରମ କରିବା ଆରମ୍ଭ କରିଥିଲି। ଏହି ପରିଶ୍ରମର ଫଳ ମୋତେ ୨୦୨୧ ଅକ୍ଟୋବରରେ ମିଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ପାଇଁ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। ୨୦୨୩ରେ ମୋତେ ଆର୍‌ସିବି ଉଦ୍‌ଘାଟନୀ ଡବ୍ଲ୍ୟୁପିଏଲ୍ ପାଇଁ ସାଇନ କରିଥିଲା। ଯଦିଓ ପ୍ରଥମ ସିଜନରେ ମୋତେ ମାତ୍ର ଗୋଟିଏ ଉଇକେଟ ମିଳିଥିଲା, କିନ୍ତୁ ଶିଖିବା କଦାପି ଛାଡ଼ି ନ ଥିଲି। ଚାପକୁ କେଉଁ ଭଳି ନିୟନ୍ତ୍ରଣ କରାଯାଏ, ତାହା ମୁଁ ବିଶ୍ୱର ଶ୍ରେଷ୍ଠ ବୋଲର ଯଶପ୍ରୀତ ବୁମରାଙ୍କଠାରୁ ଶିକ୍ଷା କରିଥିଲି ବୋଲି ରେଣୁକା ପ୍ରକାଶ କରିଛନ୍ତି। ଡବ୍ଲ୍ୟୁପିଏଲ୍ ପରେ ମୁଁ ବୁମ୍‌ରାଙ୍କ ସହ ଅନେକ ଥର କଥା ହୋଇଥିଲି। ଚାପର କେଉଁ ଭଳି ସମ୍ମୁଖୀନ ହେବା ଦରକାର ବୋଲି ତାଙ୍କୁ ମୁଁ ପ୍ରଶ୍ନ କରିଥିଲି। ସେ ଉତ୍ତରରେ କହିଥିଲେ ଯେ, ତୁମେ ଯେତେ ଅଧିକ ମ୍ୟାଚ ଖେଳିବ, ସେତେ ଅଧିକ ଚାପ ସହିତ ଅଭ୍ୟସ୍ତ ହୋଇଯିବ।

ଚଳିତ ସିଜନରେ ଯଦିଓ ତାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲା, କିନ୍ତୁ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ସେ ସିଜନର ବିଭିନ୍ନ ପର୍ଯ୍ୟାୟରେ ପର୍ପଲ କ୍ୟାପର ଅଧିକାରୀ ହୋଇଥିଲେ। ଆର୍‌ସିବି ପାଇଁ ଖେଳିବାର ଅଭିଜ୍ଞତା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆର୍‌ସିବି ପାଇଁ ଖେଳୁଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। କାରଣ ଆର୍‌ସିବି ଫ୍ୟାନ୍ସ ଖୁବ୍ ଭଲ। ଆମେ ଯେତେବେଳେ ଷ୍ଟାଡିୟମ ଯାଉ, ପୂରା ଷ୍ଟାଡିୟମ ଆର୍‌ସିବି...ଆର୍‌ସିବି... ସ୍ୱରରେ ପ୍ରକମ୍ପିତ ହୋଇଉଠେ। ଉପସ୍ଥିତ ଦର୍ଶକ ଯେଉଁଭଳି ଆମ ନାମ ନିଅନ୍ତି, ମୋତେ ତାହା ଖୁବ ପସନ୍ଦ। ଏହା ଆମକୁ ଉତ୍ସାହିତ କରେ। କିନ୍ତୁ ମୋଟାମୋଟି ଭାବେ ଗତ କିଛି ବର୍ଷରେ ମହିଳା କ୍ରିକେଟ ଖୁବ୍ ଆଗକୁ ବଢ଼ିଛି। ବର୍ତ୍ତମାନ ସୁଦ୍ଧା ଅନେକ ସୁବିଧା ମିଳୁଛି, ଟଙ୍କା ମଧ୍ୟ ବୃଦ୍ଧି ପାଇଛି। ଏଣୁ ଅନେକ ଲୋକ ଏହାକୁ ଏବେ ଏକ କ୍ୟାରିୟର ଭାବେ ଦେଖିପାରନ୍ତି। ମୁଁ ଯେତେବେଳେ ଘରକୁ ଯାଏ, ଛୋଟ ଛୁଆମାନେ ଗାଁରେ ଖେଳୁଥାଆନ୍ତି। ସେମାନେ ମୋ ପାଖକୁ ଆସି, ଦିଦି.. ଦିଦି ମୁଁ ତୁମ ଭଳି ହେବାକୁ ଚାହେଁ ବୋଲି କୁହନ୍ତି, ତାହା ମୋତେ ଖୁବ୍ ଆନନ୍ଦ ଦିଏ।

୧୯୯୬ ମସିହା ଜାନୁଆରୀ ୨ ତାରିଖରେ ହିମାଚଳ ପ୍ରଦେଶର ଶିମ୍‌ଲାରେ ରେଣୁକାଙ୍କ ଜନ୍ମ। ସେ ୨୦୧୯-୨୦ ସିଜନରେ ସିନିୟର ମହିଳା ଦିନିକିଆ ଲିଗ୍‌ରେ ସର୍ବାଧିକ ୩୩ ଉଇକେଟ ନେଇଥିଲେ। ଏଥିଯୋଗୁ ୨୦୨୧ ଅଗଷ୍ଟରେ ତାଙ୍କୁ ଭାରତୀୟ ମହିଳା ଦଳରୁ ପ୍ରଥମ ଥର ଡାକରା ଆସିଥିଲା। ସେହି ବର୍ଷ ଅକ୍ଟୋବର ୭ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟରେ ପଦାର୍ପଣ କରିଥିଲେ। ୨୦୨୨ ଜାନୁଆରୀରେ ତାଙ୍କୁ ଭାରତୀୟ ମହିଳା କ୍ରିକେଟ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। ସେ ଫେବୃଆରୀ ୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରେ ପଦାର୍ପଣ ମ୍ୟାଚ ଖେଳିଥିଲେ। ସେହି ବର୍ଷ ଜୁଲାଇରେ ତାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏଥିରେ ଭାରତ ରୌପ୍ୟ ପଦକ ଜିତିଥିଲା। ୨୦୨୩ ମହିଳା ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ କ୍ୟାରିୟରରେ ପ୍ରଥମ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ଠାକୁର ୨୦୨୩ ଡିସେମ୍ବରରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ୨୦୨୪ ଡିସେମ୍ବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ କ୍ରିକେଟରେ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ପାଇଥିଲେ। ସେ ଏପର୍ଯ୍ୟନ୍ତ ଭାରତ ପାଇଁ ୩ ଟେଷ୍ଟ, ୧୯ ଦିନିକିଆ ଓ ୫୪ ଟି୨୦ ମ୍ୟାଚ ଖେଳିଛନ୍ତି। ଏଥିରୁ ସେ ୯୫ ଉଇକେଟ ନେଇଛନ୍ତି।



**ରେଣୁକାଙ୍କ କ୍ୟାରିୟର**

| ଫର୍ମାଟ | ମ୍ୟାଚ | ଉଇକେଟ | ଶ୍ରେଷ୍ଠ ପ୍ରଦର୍ଶନ |
|---|---|---|---|
| ଟେଷ୍ଟ | ୩ | ୨ | ୧/୩୦ |
| ଦିନିକିଆ | ୧୯ | ୩୫ | ୫/୨୯ |
| ଟି୨୦ | ୫୪ | ୫୮ | ୫/୧୫ |

### ଫିଟ୍/ଅନ୍‌ଫିଟ

ଜାତୀୟ ମାଉଣ୍ଟେନ
ବାଇକ୍ ଚାମ୍ପିୟନଶିପ୍
ମୋ ଓଡ଼ିଶା ଭାଗନେବ
ହରିୟାଣାରେ ଏକୋଇଶତମ
ଏ କଣ୍ଟେଷ୍ଟ
ମୋର୍ନି ହିଲ୍ସରେ ହେବ
ତାପମାତ୍ରା ହାଇ ଥିବ
ହିଲ୍ ସାଇଡ୍ ରୋଡ୍ ପରିବେଶ କେଡ଼େ
ହାର୍ଡ ୱର୍କ ଥରେ ଭାବ।

ଅଠରତମ ଜାତୀୟ ଦୃଷ୍ଟି ବାଧିତ ଚେସ୍
ଚାମ୍ପିୟନଶିପ୍ ଶେଷ
ଟାଇ-ବ୍ରେକ୍ ସ୍କୋରରେ ଦର୍ପନ
ଇନାନୀ
ଚାମ୍ପିୟନ ମୋଢ଼େ ନିଶ
ଇଏ ଗୁଜରାଟ ଯଶ
ଇମ୍ପଶିବଲକୁ ପଶିବୁଲ କରେ
ଆଜିର ଦିବ୍ୟାଙ୍ଗ କୁଶ।




ଜାପାନିଜ୍ ଫର୍ମୁଲାୱାନ ଗ୍ରାଁ ପ୍ରି
ମୋଟର ରେସ୍‌କୁ ଜିତି
ସେବାଷ୍ଟିଆନ ରେକର୍ଡ
ସଙ୍ଗେ ଇକ୍ୟୁଆଲ
ଭର୍ଷ୍ଟାପେନ୍ ଏଠି ମାତି
ୱାକିଂ ସାଇକ୍ଲିଂ ନିତି
କରୁଥିବା ଲୋକ ଫିଟ୍, ଅନ୍‌ଫିଟ
ପେଟ୍ରୋଲ ପୋଡ଼ିଲେ ନାତି।

–ସୁବାସ ଚନ୍ଦ୍ର ପ୍ରଧାନ

# ଶୈଳଶ୍ରୀକ୍ଷେତ୍ର ମନ୍ଦିରରୁ ଚୋରି ଘଟଣାର ପର୍ଦ୍ଦାଫାଶ

ଅନୁଗୋଳ,୧୦।୪ (କୋଟିରଞ୍ଜନ ସାହୁ)

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିରରୁ ଗତ ଜାନୁଆରୀ ୧୭ ତାରିଖରେ ଠାକୁରଙ୍କ ପୂଜା ଅଳଙ୍କାର ସହ ଦାନହୁଣ୍ଡି ଭାଙ୍ଗି ଟଙ୍କା ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ଧରିଛି ପୋଲିସ। ନୟାଗଡ଼ ପୋଲିସ ହାତରେ ଧରାପଡ଼ିଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଅନୁଗୋଳ ପୋଲିସ ରିମାଣ୍ଡରେ ଆଣି ପଚରାଉଚରା କରିବା ସହ ମନ୍ଦିରକୁ ନେଇ ସିନ୍ ରିକ୍ରିଏଶନ କରିଛି। ତେବେ ସିନ୍ ରିକ୍ରିଏଶନ ବେଳେ ସମ୍ପୃକ୍ତ ଅଭିଯୁକ୍ତ ମନ୍ଦିରରେ ଠାକୁରଙ୍କୁ ମୁଣ୍ଡିଆ ମାରିଥିବା ଦେଖାଯାଇଛି।


ମନ୍ଦିର ପରିସରରେ ଅଭିଯୁକ୍ତଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି।

■ନୟାଗଡ଼ରୁ ରିମାଣ୍ଡରେ ଆଣିଲା ଅନୁଗୋଳ ପୋଲିସ
■ଘଟଣାସ୍ଥଳରେ କରାଗଲା ସିନ୍ ରିକ୍ରିଏଶନ
■ମନ୍ଦିରରେ ଠାକୁରଙ୍କୁ ମୁଣ୍ଡିଆ ମାରିଲେ ଅଭିଯୁକ୍ତ

ସୂଚନା ଅନୁଯାୟୀ, ମନ୍ଦିରରୁ ଚୋରି ଘଟଣା ପରେ ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଧରିପାରି ନ ଥିଲା। ତେବେ ନୟାଗଡ଼ ପୋଲିସ ବିଭିନ୍ନ ମନ୍ଦିରରେ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ଧରିଥିଲା। ଗ୍ୟାଙ୍ଗରେ ଥିବା ଜଣେ ସଦସ୍ୟ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିରରୁ ଚୋରି କରିଥିବା କହିବା ପରେ ଅନୁଗୋଳ ପୋଲିସକୁ ଏ ନେଇ ସୂଚନା ମିଳିଥିଲା। ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ତଦନ୍ତ କରିବା ସହ ଅପରାହ୍ଣରେ ମନ୍ଦିର ପରିସରକୁ ନେଇ ସିନ୍‌ରିକ୍ରିଏଶନ କରାଇଥିଲା। ଘଟଣା ଦିନ କିପରି ମନ୍ଦିର ଭିତରକୁ ପଶିଲେ ସେ ସମ୍ପର୍କରେ ଅଭିଯୁକ୍ତ ଜଣକ ପୋଲିସକୁ ତଥ୍ୟ ଦେଇଥିଲେ। ମନ୍ଦିର ପଛ ପାଖରେ ଥିବା ଲକ୍ଷ୍ମୀ ମନ୍ଦିର ପାଖରେ ସେ ପଶିଥିଲେ। ହେଁ ସେଠାରୁ କିଛି ପାଇ ନ ଥିଲେ। ପରେ ଜଗନ୍ନାଥ ମନ୍ଦିର ଦକ୍ଷିଣ ଦ୍ୱାର ଗେଟ୍ ତାଲା ଭାଙ୍ଗି ଭିତରକୁ ପଶି ଠାକୁରଙ୍କ ମୁଖ୍ୟଦ୍ୱାର ତାଲା ଭାଙ୍ଗି ରତ୍ନ ସିଂହାସନ ଉପରେ ଥିବା ଠାକୁରଙ୍କ ମଥାମଣି ଚୋରି କରି ଆଣିଥିଲେ। ଏହାପରେ ଦାନହୁଣ୍ଡି ଭାଙ୍ଗି ସେଥିରେ ଥିବା ପାଖାପାଖି ୨୫ ହଜାର ଟଙ୍କା ନେଇଯାଇଥିବା ଦେଖାଇଥିଲେ।

# ଭିନ୍ନ ଜାତିର ପୁଅ ସହ ଚାଲିଯିବାରୁ ଝିଅଙ୍କୁ ହତ୍ୟାକଲେ ବାପା

ପାଟନା, ୧୦।୪

ଅନ୍ୟ ଜାତିର ଜଣେ ଯୁବକଙ୍କ ସହ ଝିଅ ଘରୁ ପଳାଇଯିବାରୁ କ୍ରୋଧରେ ଜର୍ଜରିତ ଜଣେ ବାପା ନିଜ ଝିଅଙ୍କୁ ହତ୍ୟା କରିବାକୁ ପଛାଇ ନାହାନ୍ତି। ଏପରି କି ଏହି ହତ୍ୟା ସମ୍ପର୍କରେ ଅନ୍ୟ କାହାରିକୁ ନ ଜଣାଇ ମୃତଦେହକୁ ଗାଧୁଆ ଘରେ ଲୁଚାଇ ରଖିଥିଲେ। ଏଭଳି ଏକ ଘଟଣା ବିହାର ସମସ୍ତିପୁର ଜିଲାରେ ଘଟିଥିବାବେଳେ ଅଭିଯୁକ୍ତ ବାପା ମୁକେଶ ସିଂଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ଝିଅ ସାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନାନୁଯାୟୀ, ସାକ୍ଷୀଙ୍କ ବାପା ମୁକେଶ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସାକ୍ଷୀ ଏବଂ ତାଙ୍କର ଜଣେ ପୁରୁଷବନ୍ଧୁ ସାଙ୍ଗ ହୋଇ କଲେଜ ଯିବାଆସିବା କରନ୍ତି। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ

## ମାମୁଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ବାପା ଗିରଫ

ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ ଯୁବକ ଜଣକ ଭିନ୍ନ ଜାତିର ହୋଇଥିବାରୁ ଏହି ସମ୍ପର୍କକୁ ଝିଅର ପରିବାର ଗ୍ରହଣ କରିପାରି ନ ଥିଲେ। ଗତ ମାର୍ଚ୍ଚ ୪ରେ ସାକ୍ଷୀ ନିଜର ପୁରୁଷବନ୍ଧୁଙ୍କ ସହ ଘରଛାଡ଼ି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଜଣେ ସମ୍ପର୍କୀୟଙ୍କ ଘରେ ରହିଥିଲେ। ଘରୁ ଝିଅ କୁଆଡ଼େ ଚାଲିଯାଇଥିବା ନେଇ ମୁକେଶ ମୋଇଉଦ୍ଦିନ ନଗର ଥାନାରେ ଏକ ନିଖୋଜ ରିପୋର୍ଟ କରିଥିଲେ। ସପ୍ତାହେ ତଳେ ପୁରୁଷ ବନ୍ଧୁଙ୍କ ସମ୍ପର୍କୀୟମାନେ ଉଭୟଙ୍କୁ ବୁଝାଶୁଝା କରିବା ସହ ସାକ୍ଷୀଙ୍କୁ ତାଙ୍କ ଘର ଲୋକଙ୍କୁ ଫେରାଇ ଦେଇଥିଲେ। ତେବେ କିଛିଦିନ ପରେ ସାକ୍ଷୀଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା। ଏନେଇ ମୁକେଶଙ୍କୁ ତାଙ୍କ ସ୍ତ୍ରୀ ପଚାରିଥିଲେ ସୁଦ୍ଧା ସେ କୌଣସି ଉତ୍ତର ଦେଇ ନ ଥିଲେ। ପରେ ସାକ୍ଷୀଙ୍କ ମା' ନିଜ ଭାଇ ବିପିନ କୁମାରଙ୍କୁ ଏନେଇ ଜଣାଇଥିଲେ। ବିପିନ ଭାଣିଜୀଙ୍କ ସମ୍ପର୍କରେ ମୁକେଶଙ୍କୁ ପଚାରିବାରୁ ସାକ୍ଷୀ ପୁଣି ଥରେ ଘର ଛାଡ଼ି ଚାଲିଯାଇଥିବା କହିଥିଲେ। ତେବେ ମୁକେଶଙ୍କ ଏହି କଥାରେ ସନ୍ଦେହ ହେବାରୁ ବିପିନ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ମୁକେଶଙ୍କ ଘରକୁ ଆସି ତଦନ୍ତ ଆରମ୍ଭ କରିଥିଲା। ମୁକେଶଙ୍କ ଘରର ବନ୍ଦ ପଡ଼ିଥିବା ଏକ ଗାଧୁଆଘର ମଧ୍ୟରୁ ଦୁର୍ଗନ୍ଧ ଆସିବାରୁ ପୋଲିସ ଉକ୍ତ ଗାଧୁଆ ଘର ଖୋଲିଥିଲା ଓ ସେଠାରୁ ସାକ୍ଷୀଙ୍କ ମୃତଦେହ ଜବତ କରିଥିଲା। ପରେ ପୋଲିସ ମୁକେଶଙ୍କୁ ଗିରଫ କରିଥିଲା। ଝିଅ ସାକ୍ଷୀଙ୍କୁ ହତ୍ୟା କରିଥିବା ନେଇ ମୁକେଶ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି।

# ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗୀର,୧୦।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଏହାର ବିଚାରକରି ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୨୨ ଅକ୍ଟୋବର ୨୨ରେ ବଲାଙ୍ଗୀର ଜିଲା ତୁଷରା ଥାନା ମହୀପୁର ଗ୍ରାମର ରଜନୀକାନ୍ତ ଭୋଇ ତୁଷରା ଥାନାରେ ତାଙ୍କ ପୁଅ ଦିବ୍ୟସିଂହ ଭୋଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ଦିବ୍ୟସିଂହଙ୍କ ସ୍ତ୍ରୀ ଯଶୋଦା ଭୋଇ (୩୦) ଏହି ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେ ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ସେତେବେଳେ ଏକ ମାମଲା (ନଂ.୧୬୨/୨୨) ରୁଜୁ ହୋଇଥିଲା । ତତ୍କାଳୀନ ପୋଲିସ ଅଧିକାରୀ ସଞ୍ଜୀବ ପ୍ରଧାନ ଘଟଣାର ତଦନ୍ତ କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ଯଶୋଦାଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା । ଶେଷରେ ୨୦୨୨ ଅକ୍ଟୋବର ୨୧ ବିଳମ୍ବିତ ରାତିରେ ଦିବ୍ୟସିଂହଙ୍କୁ ଶୋଇଥିବା ଅବସ୍ଥାରେ ଯଶୋଦା ଏକ ଟାଙ୍ଗିଆ ସାହାଯ୍ୟରେ ହତ୍ୟାକରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ମାମଲାର ବିଚାରକରି ଜିଲା ଦୌରାଜଜ୍ ଡ. ସାମଲ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଓକିଲ ସୁବାସ ଚନ୍ଦ୍ର ମାହାନ୍ତ ପରିଚାଳନା କରିଥିଲେ।

# ରାଉରକେଲାରେ ଡବଲ ମର୍ଡର, ଜଣେ ଗିରଫ

ରାଉରକେଲା,୧୦।୪ (ସଙ୍ଗୀତା ଜେନା)

ରାଉରକେଲା ସହରରେ ବୁଧବାର ରାତିରେ ୨ଟି ହତ୍ୟାକାଣ୍ଡ ଘଟିଛି। ପ୍ଲାଣ୍ଟସାଇଟ୍ ଥାନା ଗାନ୍ଧୀରୋଡ୍‌ରେ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଛୁରିରେ ଜଣେ ଯୁବକଙ୍କ ତଣ୍ଟିକାଟି ହତ୍ୟା କରାଯାଇଛି। ମୃତକ ହେଲେ ମଧୁସୂଦନପାଲୀ ଅଞ୍ଚଳର ସୁଦୀପ କର(୩୭) ଓରଫ ବଙ୍ଗାଳୀ। ଏହି ମାମଲାରେ ପୋଲିସ ଗୁରୁବାର ବିହାର ରାଜ୍ୟ ଗୟାର ମୂଳନିବାସୀ ତଥା ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ସଞ୍ଜୟ ରବିଦାସ(୪୪)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଧାରୁଆ ଛୁରି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୨/୨୫) ରୁଜୁ କରି ଅପରାହ୍ନ ୫ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଏବଂ ବଙ୍ଗାଳୀ ଜରି ଓ ବର୍ଜ୍ୟବସ୍ତୁ ସଂଗ୍ରହ କରି ଚଳୁଥିଲେ। ଉଭୟ ବୁଧବାର

■ ଶୋଇଥିବାବେଳେ ଯୁବକଙ୍କ ତଣ୍ଟିକାଟି ହତ୍ୟା
■ ପୂର୍ବଶତ୍ରୁତାରୁ ବିଟ୍ ବଜାରରେ ଗୋଡ଼ାଇ ହାଣିଲେ

ରାତି ପ୍ରାୟ ୧୦ଟା ସମୟରେ ଗାନ୍ଧୀ ରୋଡ୍ ପାର୍ଶ୍ୱରେ ଶୋଇଥିଲେ। ଏହାପୂର୍ବରୁ ସଞ୍ଜୟ ମଦ ପିଇବା ପାଇଁ ବଙ୍ଗାଳୀଙ୍କୁ ଟଙ୍କା ମାଗିଥିଲେ। ଏଥିରେ ବଙ୍ଗାଳୀ ରାଜି ନ ହୋଇ ଶୋଇପଡ଼ିଥିଲେ। ସଞ୍ଜୟ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ବଙ୍ଗାଳୀଙ୍କ ତଣ୍ଟି କାଟି ଦେଇଥିଲେ। ସ୍ଥାନୀୟ ଲୋକେ ସଞ୍ଜୟଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସେହିପରି ବୁଧବାର ରାତିରେ ଛେଣ୍ଡ ଥାନା ଅଞ୍ଚଳରେ ଚାଲିଥିବା ଆଖଡା ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ବିଟ୍ ବଜାରରେ ଗୋଡାଇ ଗୋଡାଇ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଛେଣ୍ଡ କଳିଙ୍ଗ ବିହାର କୋ-ଅପରେଟିଭ୍ କଲୋନିର ମୁକେଶ କର(୨୧)। ମୃତକଙ୍କ ସମ୍ପର୍କୀୟ ବିଶ୍ୱରଞ୍ଜନ କର ରାତି ପ୍ରାୟ ୩ଟାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୯୭/୨୫) ରୁଜୁ କରି ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ୪/୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସିସିଟିଭି ଓ ସାଇଣ୍ଟିଫିକ୍ ଟିମ୍ ଏହାର ଅନୁସନ୍ଧାନ କରୁଛନ୍ତି। ଅପରପକ୍ଷେ ଗୁରୁବାର ସକାଳେ ମୃତକଙ୍କ ପିତା ସୁଧୀର କର ଛେଣ୍ଡ ଥାନାରେ ପହଞ୍ଚି ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କହିଛନ୍ତି। ଅପରାହ୍ନ ୪ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ ଜେଲ

ଢେଙ୍କାନାଳ,୧୦।୪ (ରତନ ନାୟାର)

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବେଢାପାଳ ଅଞ୍ଚଳରେ ୨୦୨୦ରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯ୍ୟାତନା ଓ ବଳାତ୍କାର ଉଦ୍ୟମ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି । ଏହି ମାମଲାର ରାୟ ପ୍ରକାଶ କରି ଢେଙ୍କାନାଳ ପୋକ୍‌ସୋ କୋର୍ଟ ବିଚାରପତି ସୁଶିଲ କୁମାର ସାହୁ ଅଭିଯୁକ୍ତ ହିମାଂଶୁ ଲେଙ୍କାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଜଣାପଡିଛି ଯେ, ଗତ ୧.୦୯.୨୦୨୦ ସନ୍ଧ୍ୟା ୫ଟାରେ ଅଭିଯୁକ୍ତ ହିମାଂଶୁ ଲେଙ୍କା ଜଣେ ୭ବର୍ଷର ନାବାଳିକାଙ୍କୁ କୁସୁମ କୋଳି ଖାଇବାକୁ ଡାକିଥିଲେ । ସେହି ସମୟରେ ନାବାଳିକାଙ୍କ ମା', ବାପା ନିକଟସ୍ଥ ଗ୍ରାମକୁ ଚାଉଳ ଆଣିବାକୁ ଯାଇଥିଲେ। ନାବାଳିକା ଜଣକ କୋଳି ଖାଇବାକୁ ମନା କରିବାରୁ ଅଭିଯୁକ୍ତ ହିମାଂଶୁ ତାଙ୍କୁ ବଳପୂର୍ବକ ଟେକିନେଇ ନିକଟସ୍ଥ ହାଇସ୍କୁଲ କାନ୍ଥ ଡେଇଁ ବିଦ୍ୟାଳୟ ପରିସରରେ ଚୁମ୍ବନ ଦେବା ସହ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସୌଭାଗ୍ୟକ୍ରମେ ନାବାଳିକା ଜଣକ ଅଭିଯୁକ୍ତଙ୍କ କବଳରୁ ଖସି ଆସିବାକୁ ଚେଷ୍ଟା କଲାବେଳେ ଅଭିଯୁକ୍ତ ନାବାଳିକାଙ୍କ ଗାଲକୁ ଦୁଇ ଚାପୁଡା ମାରି ଏହି କଥା ପ୍ରଘଟ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ନାବାଳିକା ଜଣକ ଖସିଆସି ମା, ବାପାଙ୍କୁ ସମସ୍ତ କଥା କହିଥିଲେ । ମା, ବାପା କାମାକ୍ଷାନଗର ଥାନାରେ ସେହି ସମୟରେ କେସ୍ ନଂ-୨୯୯/୨୦୨୦ରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗତ ୪.୦୯.୨୦୨୦ରେ ଗିରଫ କରିଥିଲା। ଗତ ୧୫.୧୨.୨୦୨୦ରେ ସେ ଜାମିନରେ ଆସିଥିଲେ । ଏହି ମାମଲାର ସିଟି ସ୍ପେଶାଲ ପୋକ୍‌ସୋ କେସ୍ ନଂ-୫୧।୨୦୨୦ର ବିଚାର କରି ୧୪ଜଣଙ୍କ ସାକ୍ଷ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନକୁ ବିଚାରକୁ ନେଇ ବିଚାରପତି ସୁଶିଲ କୁମାର ସାହୁ ଅଭିଯୁକ୍ତ ହିମାଂଶୁ ଲେଙ୍କାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୫ହଜାର ଟଙ୍କା ଜୋରିମନା ଆଦେଶ କରିଥିଲେ। ଜୋରିମନା ଅନାଦେୟ ଏକବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏତଦବ୍ୟତୀତ ପୀଡିତାଙ୍କୁ କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ସାହୁ ପରିଚାଳନା କରୁଥିଲେ ।

# ଚାକିରି କରାଇଦେବା ନାଁରେ ୬୪ ଲକ୍ଷ ଠକେଇ, ଜଣେ ଗିରଫ

ପଦ୍ମପୁର, ୧୦।୪ (ପ୍ରଶାନ୍ତ କୁମାର କର)

ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବା ନାଁରେ ଠକେଇ। ୪ ଜଣ ଯୁବକଙ୍କଠାରୁ ୬୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ବ୍ଲକ୍ ଅଧୀନ କେନ୍ଦୁଗୁଡ଼ା ନିକଟସ୍ଥ ରାଜପୁରର ଗ୍ରାମର ପ୍ରସନ୍ନ କରଡ଼ା। ନିକଟରେ ଭୁବନେଶ୍ୱରରୁ ଗିରଫ ହୋଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ

## ଗିରଫ ନକଲି ଡିଏସ୍‌ପିଙ୍କ ସହ ଲିଙ୍କ୍ ଥିବା ସନ୍ଦେହ

ସେନାପତିଙ୍କ ସହ ପ୍ରସନ୍ନଙ୍କ ଲିଙ୍କ୍ ଥିବା ପୋଲିସ ସନ୍ଦେହ କରିଛି। ତେବେ ଏହି ଠକେଇ କାର୍ଯ୍ୟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ସେ ନେଇ ଖୋଳତାଡ଼ କରୁଥିବା ଜଣାପଡିଛି ।

ପୋଲିସ ସୂଚନା ଅନୁଯାୟୀ, ଖମ୍ବାରିଗୁଡ଼ାର ଶ୍ରୀଧର ପ୍ରହରାଜଙ୍କ ପୁଅଙ୍କୁ ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବାକୁ କହି ପ୍ରସନ୍ନ ୪୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହାପରେ ସେ ଆଉ ଧରାଛୁଆଁ ନ ଦେବାରୁ ଶ୍ରୀଧର ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. ୫୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ପ୍ରସନ୍ନ ଚାକିରି କରାଇଦେବା ନାଁରେ ପଦ୍ମପୁର ଅଞ୍ଚଳର ଆଉ ୩ଜଣ ବ୍ୟକ୍ତିଙ୍କଠାରୁ ୨୪ ଲକ୍ଷ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତ ସମୟରେ ଜଣାପଡ଼ିଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୧୦।୪ (ମାନସ ବିଶ୍ୱାଳ)

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଏକ ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଚନ୍ଦନ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୪ ଜାନୁଆରୀ ୭ ଅପରାହ୍ନରେ ନାବାଳିକା ଜଣକ ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ଚନ୍ଦନ ନାବାଳିକାଙ୍କୁ ନିକଟସ୍ଥ ଶାଗୁଆନ ବାଡ଼ିକୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ଝିଅକୁ ଉଦ୍ଧାର କରିବା ସହ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଥିଲା। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଦୋଷୀ ଚନ୍ଦନଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିବା ସହ ପୀଡ଼ିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥିକ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ପେଶାଲ ପି.ପି. ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ କୂଅରୁ ଜବତ

ବନ୍ତଲା,୧୦।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ଖିଣ୍ଡା ଗାଁରୁ ନିଖୋଜ ଥିବା ପ୍ରଶାନ୍ତ ସାହୁ (୩୬)ଙ୍କ ମୃତଦେହ ଗୁରୁବାର ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ପୋଲିସ ଜବତ କରିଛି। ପୋଲିସ କହିଛି, ଖିଣ୍ଡା ଗ୍ରାମର ପ୍ରସନ୍ନ ସାହୁଙ୍କ ପୁଅ ପ୍ରଶାନ୍ତ ୨ଦିନ ହେଲା ଘରୁ ନିଖୋଜ ଥିଲେ। ଘର ଲୋକେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳୁ ଗାଁ ଭିତରେ ଥିବା ଏକ ପରିତ୍ୟକ୍ତ କୂଅରେ ପ୍ରଶାନ୍ତଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ପ୍ରଶାନ୍ତଙ୍କ ସ୍ତ୍ରୀ ରିଙ୍କୁ ସାହୁ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅନୁଗୋଳ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିବା ସହ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧୋବ ଧାଉଳିଆ ଯେଉଁଠି**
**ପୁଳା ଟଙ୍କା ପଡ଼େ ସେଇଠି ।**

ବଡ଼ବଡ଼ିଆଙ୍କ ପାଖରେ ସମସ୍ତେ ନେଇ ଅର୍ଥ ଠୁଳ କରନ୍ତି। କ୍ଷମତାଶାଳୀଙ୍କ ପାଖରେ ଟଙ୍କା ଭୋଗ ନ ଥୋଇଲେ କାମ କିଛି ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧେଇ ଧେଇ ଧେଇକି ନାଟ**
**ପେଯ ପିଆଠାରେ ବସିଛି ହାଟ ।**

ସାଧାରଣତଃ ବଡ଼ ଲୋକ ଭୁଲ୍ କଲେ କିଛି ହଇଗୋଳ ହୋଇ ନ ଥାଏ। କିନ୍ତୁ ଗରିବ ବା ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟ କଚେରିକୁ ଯାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଏହାହିଁ ଏ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଚୁନୁରିରେ ତଣ୍ଟିକୁ ଭିଡ଼ି ମାରିଥିଲେ ପ୍ରେମିକ

**ଦୟାନଦୀ ପଠାରୁ ଯୁବତୀଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ**

ଭୁବନେଶ୍ୱର,୧୦।୪ (ସତ୍ୟଜିତ୍ ରାଉତ)

ପ୍ରାୟ ଅଢ଼େଇ ମାସ ତଳେ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ମେଳଣପଡ଼ିଆ ନିକଟ ଦୟାନଦୀ ପଠାରେ ଜଣେ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହ ଜବତ ଘଟଣାରେ ସତ ପଦାକୁ ଆସିଛି। ଏହା ଏକ ହତ୍ୟାକାଣ୍ଡ ଥିଲା ବୋଲି କମିଶନରେଟ୍ ପୋଲିସ କହିବା ସହ ପରଦା ପଛରେ ଥିବା ରହସ୍ୟ ଉନ୍ମୋଚନ କରିଛି। ମୃତା ଯୁବତୀ ହେଲେ କନ୍ଧମାଳର ସ୍ନେହା ବେହେରା ଓରଫ ଅପର୍ଣ୍ଣା (୩୦)। ନିବିଡ଼ ପ୍ରେମ ସମ୍ପର୍କ ଭିତରେ କୁହୁଳୁଥିବା ସନ୍ଦେହରୁ ଏହି ବର୍ବରୋଚିତ କାଣ୍ଡ ଘଟିଥିଲା। ଧଉଳି ବୁଲାଇବାକୁ ନେଇ ଫେରିବା ବେଳେ ପ୍ରେମିକ ହିଁ ଚୁନୁରିରେ ତାଙ୍କ ବେକକୁ ଭିଡ଼ି ଜୀବନ ନେଇଥିଲେ। ଗୁରୁବାର ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ଧଉଳି ପାଲିସ ଏକ ହତ୍ୟା ମାମଲା (ନଂ.୬୦/୨୦୨୫) ରୁଜୁ କରି ଅଭିଯୁକ୍ତ ପ୍ରେମିକ ଚନ୍ଦନ ପରିଡା ଓରଫ ମଙ୍ଗୁ (୨୭)ଙ୍କୁ ଗିରଫ କରିଛି। ଚନ୍ଦନଙ୍କ ଘର ଜଗତ୍‌ସିଂପୁର ଜିଲା କୁଜଙ୍ଗ ଥାନା ଅଧୀନ କାଠକୋଟା ଗାଁରେ ଓ ସେ ଭୁବନେଶ୍ୱର କଟକରୋଡ୍‌ସ୍ଥିତ


ଅଭିଯୁକ୍ତ ଚନ୍ଦନ ପରିଡା

ଏକ ହୋଟେଲରେ ସିକ୍ୟୁରିଟି ଗାର୍ଡ ଥିଲେ। ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଚନ୍ଦଙ୍କ ନାଁରେ କୁଜଙ୍ଗ ଥାନାରେ ଦୁଇଟି ମାମଲା ରହିଛି। ପୋଲିସ ଟିମ୍ ଚନ୍ଦନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଟ୍ କରିବା ସହ ପୂରା ଘଟଣାର ତଥ୍ୟ ହାସଲ କରିଛି।

## ଫେସ୍‌ବୁକ୍‌ରୁ ପ୍ରେମ

ସ୍ନେହାଙ୍କ ଘର କନ୍ଧମାଳରେ ହୋଇଥିବା ସେ ଭୁବନେଶ୍ୱର ନୟାପଲ୍ଲୀ ବରମୁଣ୍ଡା ବେହେରା ସାହିରେ ରହି ଏକ ଧୂପ କାରଖାନାରେ କାମ କରୁଥିଲେ। ଏଥିସହ ଅନ୍ୟାନ୍ୟ ଛୋଟମୋଟ କାମ ମଧ୍ୟ କରୁଥିଲେ। ଗତବର୍ଷ ମାର୍ଚ୍ଚରେ ଫେସବୁକ୍‌ରେ ଚନ୍ଦନଙ୍କ ସମ୍ପର୍କରେ ଆସିଥିଲେ। ଉଭୟ ଫ୍ରେଣ୍ଡ୍ ହେବା ପରେ ମେସେଞ୍ଜର୍‌ରେ ଚାଟିଂ ଏବଂ ନମ୍ବର ଦିଆନିଆ ହୋଇଥିଲେ। ପରେ ଉଭୟ ବିଭିନ୍ନ ସମୟରେ ପାର୍କ ଆଦି ବୁଲିଯିବା ସହ ପ୍ରେମ ସମ୍ପର୍କରେ ଘନିଷ୍ଠତା ବଢ଼ିଥିଲା। ସ୍ନେହାଙ୍କୁ ଚନ୍ଦନ ଏକ ନୂଆ ମୋବାଇଲ ଦେଇଥିଲେ। ଏପରିକି ଅଧିକାଂଶ ସମୟରେ ଟଙ୍କା ମଧ୍ୟ ଦେଉଥିଲେ।

## ଜାନୁଆରୀ ୧୦ ସ୍ନେହାଙ୍କ ପାଇଁ ଥିଲା ଶେଷଦିନ

ସ୍ନେହା ଜାନୁଆରୀ ୧୦ରେ ଘରୁ ଭୁବନେଶ୍ୱର ଫେରିଥିଲେ। ପରେ ଚନ୍ଦନଙ୍କ ସହ ସେ ମୋ ବସ୍‌ରେ ଧଉଳି ଶାନ୍ତିସ୍ତୁପକୁ ବୁଲିବାକୁ ଯାଇଥିଲେ। ତେବେ ସ୍ନେହାଙ୍କ ମୋବାଇଲ ପ୍ରାୟ ସମୟରେ ବିଜି ରହୁଥିବାରୁ ସେ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ବଢ଼ାଉଥିବା ଚନ୍ଦନଙ୍କ ମନରେ ସନ୍ଦେହ ଉପୁଜିଥିଲା। ବୁଲାବୁଲି ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିଥିଲା। ଚନ୍ଦନଙ୍କ ପ୍ରଶ୍ନକୁ ସ୍ନେହା ବାଆଁରେଇ ଦେଇଥିଲେ। ଉଭୟ ଅଟୋ ଯୋଗେ ଧଉଳିଛକକୁ ଫେରିଥିଲେ। ଝଗଡ଼ାଭିତରେ ଉଭୟ ଆଗ ପଛ ହୋଇ ଚାଲି ଚାଲି ଦୟାନଦୀ ପଠା ଆଡକୁ ଆସିଥିଲେ। ସନ୍ଧ୍ୟାରେ ବାଲିଯାତ୍ରା ପଡିଆ ପାଖରେ ଝଗଡା ଉଗ୍ରରୂପ ନେଇଥିଲା। ହଠାତ୍ ସ୍ନେହାଙ୍କୁ ଚନ୍ଦନ ଶକ୍ତ ଚାପୁଡା ମାରିବା ସହ ଗାଳି ଦେଇଥିଲେ। ସ୍ନେହା ତଳେ ପଡ଼ିଯିବାରୁ ରାଗରେ ଜର୍ଜରିତ ଚନ୍ଦନ ଚୁନୁରିରେ ତାଙ୍କ ବେକକୁ ଭିଡ଼ି ହତ୍ୟା କରିଥିଲେ। ସେଠାରେ ହିଁ ସ୍ନେହାଙ୍କ ପ୍ରାଣବାୟୁ ଉଡ଼ିଯିବା ପରେ ରାସ୍ତା କଡରେ ମୃତଦେହ ଫିଙ୍ଗି ଚନ୍ଦନ ଚାଲିଆସିଥିଲେ।

# ଶ୍ମଶାନ ମାଟି ତଳୁ ଶବ ଗାଏବ

ଭଣ୍ଡାରିପୋଖରୀ,୧୦।୪ (ରାଜେନ୍ଦ୍ର ଶତପଥୀ)


ମୃତଦେହ ଗାଏବ ହୋଇଥିବା ସ୍ଥାନ

ଶ୍ମଶାନରୁ ଶବ ଗାଏବ। ଗାଁ ଶ୍ମଶାନରେ ମା'ଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ପୁଅ ଗଲାବେଳକୁ ଶ୍ମଶାନରେ ମୃତଦେହ ନାହିଁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀପଠାରେ ଥିବା ଶ୍ମଶାନରେ ଗୁରୁବାର ସକାଳେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତା ମହିଳା ହେଲେ ମଣିନାଥପୁର ଗ୍ରାମର ରୁକ୍ମିଣୀ ସାମଲ। ଗତ ୧ ତାରିଖରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ନଦୀପଠାରେ ଥିବା ଶ୍ମଶାନରେ ତାଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ମୁଖାଗ୍ନି ଦେଇଥିବା ତାଙ୍କ ପୁଅ ତପନ ସାମଲ ସକାଳେ ଉକ୍ତ ସ୍ଥାନକୁ ଯାଇଥିବା ବେଳେ ଗାତ ଖୋଳାଯାଇ ଶବ ଗାଏବ ହୋଇଥିବା ସେ ଦେଖିବାକୁ ପାଇଥିଲେ। ସେଠାରେ ପାଣି ଓ ମଦ ବୋତଲ ପଡ଼ିଥିଲା। ପ୍ରାୟ ୨ଶହ ମିଟର ଘୋଷରା ଯାଇଥିବା ସ୍ଥାନରେ ପଚି ଯାଇଥିବା ମାଂସ ଓ ଅନ୍ତଃବସ୍ତ୍ର ପଡ଼ିଥିବା ସେ

## ପୋତାଯାଇଥିଲା, ଦଶାହ କର୍ମବେଳକୁ ନାହିଁ

ଦେଖିଥିଲେ। ମୃତା ରୁକ୍ମିଣୀଙ୍କ ସ୍ୱାମୀ ଶ୍ରୀମନ୍ତ ସାମଲ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ମୃତଦେହ ଚୋରି ହୋଇଥିବା ନେଇ ଦର୍ଶାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ପ୍ରକାଶଥାଉ କି, ୨୦୨୩ ଜୁନ୍ ୨୩ ରାତିରେ ଏହି ଶ୍ମଶାନରୁ ଏକକାଳୀନ ୩ ମୃତଦେହ ଗାଏବ ହୋଇଯାଇଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ୨୦୨୩ ଏପ୍ରିଲ ୨୪ରେ ମୃତକ ଗ୍ରାମର ଶ୍ରୀକାନ୍ତ ବେହେରା, ୩ରେ ମୃତକ ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନ ଥିବା ଚିହ୍ନଟ ହୋଇଥିଲା। ଖୋଳାଯାଇଥିବା ୩ଟି ଗାତ ନିକଟରୁ ସଂସ୍କାର ସମୟରେ ମୃତଦେହର ପିନ୍ଧାବସ୍ତ୍ର ପଡ଼ିଥିଲା। ଏଥିପୂର୍ବରୁ ୨୦୧୬ରେ ମୃତଦେହ ଚୋରି ହୋଇଥିବା ସମ୍ପର୍କରେ ଗ୍ରାମବାସୀ ପ୍ରଥମେ ଅବଗତ ହୋଇଥିଲେ। ନଦୀର ବାଲି ଖାଲରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଜଣେ ଶିଶୁର ମୃତଦେହ ପୋତାଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା। ଏହା ଗୁଣିଗାରେଡ଼ି କିମ୍ବା ବିଜ୍ଞାନ ପରୀକ୍ଷାଗାର କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୋରି କରାଯାଇଥାଇପାରେ ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି।

**ପରିତ୍ୟକ୍ତ କୂଅରୁ ଷଣ୍ଢ ଉଦ୍ଧାର**

ବନ୍ତଲା,(ସୁଶିତ ସାହୁ): ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ ମୁଣ୍ଡାଡ଼ିପ ଗାଁର ଏକ ପରିତ୍ୟକ୍ତ କୂଅରେ ଖସିପଡ଼ିଥିବା ଷଣ୍ଢକୁ ଅଗ୍ନିଶମ ବିଭାଗ କର୍ମଚାରୀ ଗାଁ ଲୋକଙ୍କ ସହାୟତାରେ ଉଦ୍ଧାର କରିଛନ୍ତି। ଗାଁର ଅଶୋକ ସାହୁଙ୍କ ବଗିଚାରେ ଥିବା ଏହି କୂଅରୁ ଜୀବିତ ଅବସ୍ଥାରେ ଷଣ୍ଢଟି ଉଦ୍ଧାର ହୋଇଥିବାରୁ ଗାଁ ଲୋକେ ଅଗ୍ନିଶମ ବାହିନୀକୁ ଧନ୍ୟବାଦ ଜଣାଇଛନ୍ତି।

**ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟ ପ୍ଲାଟିନମ ଜୟନ୍ତୀ**

# ବିକଶିତ ଭାରତ ପାଇଁ ଯୁବଶକ୍ତିଙ୍କୁ ଆହ୍ୱାନ

ଅନୁଗୋଳ,୧୦।୪ (ଜ୍ୟୋତିରଞ୍ଜନ ସାହୁ)/ (ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୭୦ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପ୍ଲାଟିନମ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ଲାଟିନମ ସ୍ମାରକୀ ଉଦ୍‌ଘାଟନ କରିବା ସହିତ ଶିକ୍ଷାର୍ଥୀମାନଙ୍କୁ ବିକଶିତ ଭାରତର ଜୟଯାତ୍ରାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦାନ କରି ଶିକ୍ଷାର୍ଥୀମାନଙ୍କୁ ଆଗାମୀ ଜୀବନରେ ଭଲ ଶିକ୍ଷକ ହେବା ସହିତ ଶିକ୍ଷାଦାନ ଏବଂ ଗୁରୁଶିଷ୍ୟ ପରମ୍ପରାକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସମାଜ ପ୍ରତି ଅଙ୍ଗୀକାରବଦ୍ଧତା ପ୍ରକାଶ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଏସ୍‌ପି ରାହୁଲ ଜୈନ, ଅନୁଗୋଳ ଜେଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଉପସ୍ଥିତ ରହି ଶିକ୍ଷାନୁଷ୍ଠାନର ଉନ୍ନତି ନିମନ୍ତେ ସହଯୋଗର ହାତ ବଢାଇବା ସହିତ ଆଗାମୀ ଦିନରେ ମହାବିଦ୍ୟାଳୟର ବିକାଶ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।



ଉଦ୍‌ଘାଟନୀ ମଞ୍ଚରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହିତ ଅନ୍ୟ ଅତିଥିମାନେ।

ଏହି ଅବସରରେ ମହାବିଦ୍ୟାଳୟରେ ପୂର୍ବରୁ କାର୍ଯ୍ୟ କରିଥିବା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚକ୍ରଧର ବିଶ୍ୱାଳ, ଡ. ଚୈତନ୍ୟ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଛାତ୍ର ସଂଘ ସଭାପତି ସରୋଜ କୁମାର ପାଣିଗ୍ରାହୀ ଓ ସମସ୍ତ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭିନ୍ନ ସାଂସ୍କୃତିକ ଏବଂ ସାହିତ୍ୟ ଆସର ପ୍ରତିଯୋଗିତାର ବିଜୟୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ବେହେରା, ଛାତ୍ର ସଂସଦ ଉପଦେଷ୍ଟା ଡ. ପ୍ରତ୍ୟୁଷ ରଞ୍ଜନ ସାହୁ ଓ ସହ ଉପଦେଷ୍ଟା ବନମାଳୀ ବାଗ, ନିର୍ବାହୀ କମିଟି ସଦସ୍ୟ ଡ. ଅଜୟ କୁମାର ସ୍ୱାଇଁ, ମିତାଲି ସାଇଁ, ଡ. ପ୍ରାଚୀ ବଳ, ଚନ୍ଦ୍ରଶେଖର ବେହେରା, ବିପିନ କୁମାର ଓଝା, ପ୍ରମୋଦ କୁମାର ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏଥିରେ ସାମିଲ ହୋଇଥିଲେ। ସହକାରୀ ପ୍ରଫେସର ବନମାଳୀ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମହାବିଦ୍ୟାଳୟ ପରିଦର୍ଶନ

**ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବିପତ୍ର**

ଅନୁଗୋଳ,୧୦।୪ (ଜ୍ୟୋତିରଞ୍ଜନ ସାହୁ)/ (ମାନସ ବିଶ୍ୱାଳ)

ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ମହାବିଦ୍ୟାଳୟରେ ପହଞ୍ଚିବା ପରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲ, ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମହାବିଦ୍ୟାଳୟରେ ଡାଲିଆବା ମୂଲ୍ୟାୟନ କେନ୍ଦ୍ର ପରିଦର୍ଶନ କରି ମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିବା ସହିତ ଜାତୀୟ ସେବା ଯୋଜନା ଅଧୀନରେ ଆୟୋଜିତ ଜଳଛତ୍ର ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଏହି ସମୟରେ ପୁରାତନ ଛାତ୍ର ସଂସଦର ଏକ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କୁ ଭେଟି ଅନୁଗୋଳ ସରକାରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ବୁଝିବା ସହିତ ଛାତ୍ରଛାତ୍ରୀ ଓ ଅନୁଷ୍ଠାନର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଦେବାଶିଷ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ସମୀର ପରିଡ଼ା, ପୁରୁଷୋତ୍ତମ ନାୟକ, ପ୍ରଦୀପ ନାୟକ, ସଚ୍ଚିଦାନନ୍ଦ ପ୍ରଧାନ, ସଞ୍ଜୀବ ପଣ୍ଡା, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ସେହିପରି ଅନୁଗୋଳ ସ୍ୱେଚ୍ଛାସେବୀ ସମୂହ ସଂଘ ପକ୍ଷରୁ ମଧ୍ୟ ସର୍କିଟ୍ ହାଉସଠାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଦର୍ଶାଯାଇଛି, ଅନୁଗୋଳ ମହାବିଦ୍ୟାଳୟର ଉନ୍ନତି ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ନାହିଁ। ଅଧ୍ୟାପକ ଓ କର୍ମଚାରୀଙ୍କ ଘୋର ଅଭାବ ରହିଛି। ମହାବିଦ୍ୟାଳୟର ଅନେକ ଜାଗାରେ ପାଚେରି ହୋଇପାରିନାହିଁ। ଅଧ୍ୟାପକଙ୍କ ଅଭାବ ହେତୁ ଶିକ୍ଷାଦାନ ବ୍ୟାହତ ହେଉଛି। ତେଣୁ ଅନୁଗୋଳ ମହାବିଦ୍ୟାଳୟର ଉନ୍ନତିକରଣ ସହ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ସାମାଜିକ କର୍ମୀ ପର୍ଶୁରାମ ନାୟକ, ପ୍ରତାପ ମହାପାତ୍ର, ସୋମ ପ୍ରସାଦ ଦାଶ, ଦୀପ୍ତି ରଞ୍ଜନ ସାହୁ, ରୋହନ ବେହେରା ଓ ସୁନେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା

ତାଳଚେର,୧୦।୪(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୧ଦମ ଲୋକ ମହୋତ୍ସବ ଶୁକ୍ରବାର ୧୧ ତାରିଖ ଠାରୁ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଆରମ୍ଭ ହେବ। ଏଥିପାଇଁ ଉପଖଣ୍ଡ ପ୍ରଶାସନ ଓ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଶେଷ ହୋଇଛି। ମା'ଙ୍କ ଉଭାସ୍ଥଳୀ ଚଳିତ ବର୍ଷ ଗୋପାଳପ୍ରସାଦ ହାଇସ୍କୁଲ ପାରେଡିଗ୍ରାଉଣ୍ଡରେ ହୋଇଥିବାରୁ ସେଠାରେ ବ୍ୟାପକ ଆୟୋଜନ କରାଯାଇଛି। ପ୍ରବଳ ଜନସମାଗମ ହେବାକୁ ଥିବାରୁ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳାକୁ କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ଫୋର୍ସକୁ ନିୟୋଜିତ କରାଯାଇଛି। ମନ୍ଦିର, ଯାତ୍ରାସ୍ଥଳୀ, ଉଭାସ୍ଥଳୀ ତଥା ବିଭିନ୍ନ ସ୍ଥାନରେ ୫୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ସମ୍ମୁଖ ଭାଗରେ ବ୍ୟାରିକେଡ ବ୍ୟବସ୍ଥା ହୋଇଛି। ସେହିପରି ୯ ଦିନ ବ୍ୟାପି ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର କୋଣ ଅନୁକୋଣରୁ ପ୍ରତିଷ୍ଠିତ କଳାକାରଙ୍କ ସହ ସ୍ଥାନୀୟ କଳାକାର ଅଂଶଗ୍ରହଣ କରିବେ ବୋଲି ଟ୍ରଷ୍ଟବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ଡ୍ୟାମ୍‌ରେ ବୁଡ଼ି ଯୁବକଙ୍କ ମୃତ୍ୟୁ



ଅନୁଗୋଳ,୧୦।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହର ନିକଟସ୍ଥ ଡେରେଙ୍ଗ ଡ୍ୟାମ୍‌ରେ ବୁଡ଼ି ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ପୁରୁଣାକୋଟ ଥାନା ଟାଇଁସି ଗ୍ରାମର ରଞ୍ଜନ ପ୍ରଧାନଙ୍କ ପୁଅ ଶ୍ରୀତମ ପ୍ରଧାନ (୨୧)। ସୂଚନା ଅନୁଯାୟୀ, ହାଇଦ୍ରାବାଦରେ ପଢୁଥିବା ଶ୍ରୀତମ କିଛିଦିନ ହେବ ଛୁଟିରେ ଘରକୁ ଆସିଥିଲେ। ଜଣେ ସାଙ୍ଗଙ୍କ ଜନ୍ମଦିନ ପାଳିବା ପାଇଁ ସେ ବୁଧବାର ଅନୁଗୋଳ ସହରକୁ ଆସିଥିଲେ। ସକାଳ ପ୍ରାୟ ୭ଟା ବେଳେ ୨ ସାଙ୍ଗଙ୍କ ସହ ଶ୍ରୀତମ ଡ୍ୟାମ୍‌କୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ୨ ସାଙ୍ଗ ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଡ୍ୟାମ୍‌ରୁ ଶ୍ରୀତମଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦିନବେଳା ଭାରିଯାନ ଚଳାଚଳ ବନ୍ଦ ଦାବି



ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଅନୁଗୋଳ,୧୦।୪ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଜରାସିଂହା ଗ୍ରାମ ଦେଇ ଯାଇଥିବା ରାଜପଥରେ ଦିନବେଳା ଭାରିଯାନ ଚଳାଚଳ ରୋକିବା ବା ନୋ ଏଣ୍ଟ୍ରି ପାଇଁ ଦାବି କରାଯାଇଛି। ଏଥିସହ ବେଆଇନ ଭାବେ ଗ୍ରାମର ଜମି ହଡ଼ପ ଓ ଜବରଦଖଲ ନେଇ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଦାବିପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, ଅନୁଗୋଳ-ଦେବଗଡ଼କୁ ସଂଯୋଗ କରୁଥିବା ୬୩ ନମ୍ବର ରାଜ୍ୟ ରାଜପଥ ଜରାସିଂହା ଗ୍ରାମ ମଧ୍ୟ ଦେଇ ଯାଇଛି। ଫଳରେ ଗାଁ ଦେଇ ରାଜପଥରେ ପ୍ରତିଦିନ ସହସ୍ରାଧିକ ଭାରିଯାନ ଚଳାଚଳ କରୁଛି। ବିଶେଷକରି ଦିନବେଳା ଭାରିଯାନ ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ବିଗତ ଦିନରେ ବହୁବାର ଦାବି ଆପତ୍ତି ପରେ ପ୍ରଶାସନ ପକ୍ଷରୁ ଦିନବେଳା ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଯାଇଥିଲା। ହେଲେ କିଛି ମାସର ବ୍ୟବଧାନ ପରେ ପୁଣି ନୋ ଏଣ୍ଟ୍ରି ହଟାଯାଇଥିଲା। ତେଣୁ ପୁନର୍ବାର ନୋ ଏଣ୍ଟ୍ରି ଲଗାଯିବା ସହ ବେଆଇନ ତଥା ଜବରଦଖଲ ଜମିକୁ ଜବରଦଖଲମୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ୭ ଦିନ ମଧ୍ୟରେ ଜିଲା ପ୍ରଶାସନ ଦାବି ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମ ସଭାପତି ପ୍ରହ୍ଲାଦ ପ୍ରଧାନ ଓ ସମ୍ପାଦକ ଘନଶ୍ୟାମ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସାପକାମୁଡ଼ା ପ୍ରତିରୋଧ ସଚେତନତା କର୍ମଶାଳା



କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ।

ଅନୁଗୋଳ,୧୦।୪ (ଜ୍ୟୋତିରଞ୍ଜନ ସାହୁ)

ସାପକାମୁଡ଼ା ପ୍ରତି ଥିବା ଭ୍ରାନ୍ତଧାରଣା, ଭୟ ଓ ଅନ୍ଧବିଶ୍ୱାସ ଯୋଗୁ ସାପକାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହାସହ ସାପ ସଂଖ୍ୟାରେ ମଧ୍ୟ ହ୍ରାସ ଘଟୁଛି। ବୈଜ୍ଞାନିକ ପଦ୍ଧତିରେ ସାପ ଓ ସାପକାମୁଡ଼ା ବିଷୟରେ ଜ୍ଞାନ ଆହରଣ ଏବଂ ସଚେତନ ହୋଇପାରିଲେ ଏସବୁର ସରଳ ସମାଧାନ ହୋଇପାରିବ ବୋଲି ଗଡ଼ତରାସ ଜନତା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସାପକାମୁଡ଼ା ପ୍ରତିରୋଧ ସଚେତନ କର୍ମଶାଳାରେ ମତପ୍ରକାଶ ପାଇଛି। ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସଦସ୍ୟ ସର୍ପମିତ୍ର ଅଦିତ୍ୟ ବେହେରା ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ପ୍ରକାଶ ଚନ୍ଦ୍ର ସାହୁ ଏବଂ ସୁବ୍ରତ ପ୍ରଧାନ ସରକାରୀ ଅନୁକମ୍ପା କ୍ଷତିପୂରଣ ରାଶି ଏବଂ ସାପ-ମଣିଷ ବିବାଦ ରୋକିବା ବିଗରେ ଅବଗତ କରାଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆ, ସୌଦାମିନୀ ନାୟକ, ସାଗରିକା ମହାପାତ୍ର, ସହକାରୀ ଶିକ୍ଷକ କୁନା ଦେଇଙ୍ଗ, ସୁଶାନ୍ତ କୁମାର ବେହେରା ଏବଂ ସର୍ପ ଉଦ୍ଧାରକାରୀ ଅଭୟ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ସିକ୍ୟୁରିଟି ଗାର୍ଡଙ୍କୁ ମାରପିଟ, ୩ ଗିରଫ



ଅନୁଗୋଳ,୧୦।୪(ସନ୍ତୋଷ ପରିଡ଼ା)

ଏକ ସିକ୍ୟୁରିଟି କମ୍ପାନୀର ଇନ୍‌ଚାର୍ଜ ଅଭୟ ନାୟକଙ୍କୁ ମାରପିଟ କରି ହଜାରେ ଟଙ୍କା ଓ ମୋବାଇଲ ଛଡ଼ାଇନେବା ଅଭିଯୋଗରେ ଗୁରୁବାର ବଁଶପାଳ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଣିଓଲା ଗ୍ରାମର ହିମାଂଶୁ ସିଂହ(୨୦), ଭୋଗବେରେଣୀ ଗ୍ରାମର ନବୀନ ନାଏକ(୩୯) ଏବଂ ଅନୁଗୋଳ ଖଲାରୀ ଗ୍ରାମର ସୁବ୍ରତ ନାଥ (୧୯)। ପୋଲିସ କହିଛି, ଅଭୟଙ୍କ ଘର ଖଡ଼ଗପ୍ରସାଦ ଅଞ୍ଚଳରେ ହୋଇଥିବାବେଳେ ସେ ଭୋଗବେରେଣୀ ପାଖ ଲେବର କଲୋନୀରେ ରହୁଥିଲେ। ଏହି ଯୁବକମାନେ ଚଳିତ ମାସ ୩ ତାରିଖ ସନ୍ଧ୍ୟାରେ ପହଞ୍ଚି ଅଭୟଙ୍କୁ ମାଡ଼ମାରି ଲୁଟ୍ କରିଥିଲେ। ଏ ନେଇ ଅଭୟ ବଁଶପାଳ ପୋଲିସରେ ଦ୍ୱାରସ୍ଥ ହେବା ପରେ ପୋଲିସ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏହି ଘଟଣାରେ ଆଉ ୨ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି।

# ପ୍ରାଚୀନ ଲୋକକଳା ଓଡ଼ିଶାର ପରିଚୟ ଓ ଗୌରବ

ଆଠମଲ୍ଲିକ,୧୦।୪ (ଉଦିତ୍ତ ପୁରୋହିତ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରରୁ ଗୁରୁବାର କଳାକାର ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟ୍‌ସ ମହାନନ୍ଦିଆ ଯୋଗଦେଇ କଳା, ସଂସ୍କୃତି, ପରମ୍ପରାକୁ ସାମୂହିକ ପ୍ରୟାସ ଦ୍ୱାରା ବଞ୍ଚାଇ ହେବ ଓ ପ୍ରାଚୀନ ଲୋକକଳା ଆମର ସ୍ୱତନ୍ତ୍ର ପରିଚୟ ଏବଂ ଗୌରବ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ଲକ କଳା ସାଂସ୍କୃତିକ ସଂଘ ଉପ ସଭାପତି ତଥା ପାଲା ଗାୟକ ଶ୍ରୀକାନ୍ତ ମାହାର ଓ ତାଙ୍କ ସାଥୀ ପାଲା ପରିବେଷଣ କରିଥିଲେ। ବିପିନ୍ ଡ୍ୟାନ୍ସ ଗ୍ରୁପ, ଓିକ୍ରମ ଇଣ୍ଟର ନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀ ନୃତ୍ୟ, କେନ୍ଦରା ବାଦକ ଦୁର୍ଯ୍ୟୋଧନ ସ୍ୱାଇଁ କେନ୍ଦରା ବଜାଇ ଗୀତ ଗାଇଥିଲେ। ଅଞ୍ଚଳର ବରିଷ୍ଠ କଳାକାର ଚୈତନ୍ୟ ସେଠୀ, ସୁରେନ୍ଦ୍ର ଭୁରଭୁରୀ, ସୁମନ୍ତ ପ୍ରଧାନ, ସୁଦର୍ଶନ ଗଡ଼ନାୟକ, ହୃଷୀକେଶ ପ୍ରଧାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ଦାସ ସହଯୋଗ କରିଥିଲେ। ବ୍ଲକ କଳା ସାଂସ୍କୃତିକ ସଂଘ ଉପ ସଭାପତି ମାହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଠମଲ୍ଲିକ ବିଡିଓଙ୍କ ସହ ସମ୍ମାନିତ ବରିଷ୍ଠ କଳାକାରମାନେ।

## ମାଣ୍ଡିଆରୁ ପ୍ରସ୍ତୁତ ବ୍ୟଞ୍ଜନ ଉପରେ ତାଲିମ

ତାଳଚେର,୧୦।୪(ମନୋଜ ନନ୍ଦ)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେସନ ତରଫରୁ ସ୍ଥାନୀୟ ମହାବିଦ୍ୟାଳୟ ତାଲିମ ଗୃହଠାରେ ଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ମାଣ୍ଡିଆରୁ ପ୍ରସ୍ତୁତ ବ୍ୟଞ୍ଜନ ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ନେତର ସୁବ୍ରତ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀ ଯୋଗଦାନ କରିଥିଲେ। ଅଧ୍ୟାପକ ସରୋଜ ରଥ ମାଣ୍ଡିଆର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଲିମଦାତ୍ରୀ ଭାବେ ବଳାହର ଛକସ୍ଥିତ ମମତା ଉଦ୍ୟୋଗର ମମତାରାଣୀ ବିଶିମାଝି ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ମହାଦେବ ଦାସ, ମନୋରଞ୍ଜନ ସ୍ୱାଇଁ, ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବୁଦ୍ଧଦେବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ତାଲିମ କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ।

# ଓଡ଼ିଆ ଭାଷା ସାହିତ୍ୟର ବ୍ୟାପକତା ଉପରେ ଗୁରୁତ୍ୱାରୋପ



ଓଡ଼ିଆ ପକ୍ଷ ପାଳନ ଅବସରରେ ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା ଛାତ୍ରୀ ଓ ଅନ୍ୟମାନେ।

ବଣ୍ଡା,୧୦।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ସ୍ୱାତକ ମହାବିଦ୍ୟାଳୟ ପରିସରରେ ଗୁରୁବାର ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ଅଧ୍ୟାପିକା ବାଣୀପାଣି ସାହୁ, ରୁଚିସ୍ମିତା ପରିଡ଼ା, ରୋଜାଲିନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବ୍ୟାପକତା ଓ ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ପୋଷାକ, ପରମ୍ପରା, କଳା, ଐତିହ୍ୟ ଓ ବିକଶିତ ଓଡ଼ିଶାର ରୂପରେଖ ଉପରେ ଜ୍ଞାନ ଆହରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା, ପ୍ରବନ୍ଧ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଳ୍ପନା ସାହୁ, ବିଦ୍ୟୁତ୍‌ଲତା ବିଶ୍ୱାଳ, ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା, କାଜଲ ପ୍ରଧାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି ନ ହେଲେ ଆନ୍ଦୋଳନ

ତାଳଚେର,୧୦।୪(ମନୋଜ ନନ୍ଦ)

ତାଳଚେରରେ ମାଳ ମାଳ ଶିଳ୍ପ ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଟିପିସି ରହିଛି। ସହରର ସ୍ୱିଧାଂଶ ଅଞ୍ଚଳକୁ ଏନ୍‌ଟିପିସି ନିଜ ସୁବିଧା ଅନୁଯାୟୀ ବ୍ୟବହାର କରୁଛି। କିନ୍ତୁ ଏଠିକାର ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତିରେ ଅନିୟମିତତା ତଥା ପକ୍ଷପାତିତା କରୁଛି। ଏପରିକି ଥର୍ମାଲ ପ୍ରକଳ୍ପ ପାଇଁ ଏହି ଅଞ୍ଚଳର ଲୋକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏନ୍‌ଟିପିସି ଏହା ଉପରେ ଧ୍ୟାନ ଦେଇ ତୁରନ୍ତ ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ଠିକା ନିଯୁକ୍ତି ମାଗଣା ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ସହିତ ସ୍ଥାନୀୟ ଅଞ୍ଚଳର ବିକାଶ ଦିଗରେ ପଦକ୍ଷେପ ନେବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାୟକ ପୂର୍ଣ୍ଣଚନ୍ଦ୍ର ଏମ୍ପି ମଲ୍ଲିକ ସାହୁ ଦାବି କରିଛନ୍ତି। ନଚେତ୍ ଏନ୍‌ଟିପିସି ଥର୍ମାଲ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଡ୍ରେନ୍‌ରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ଜିଲାପାଳଙ୍କୁ ଅଭିଯୋଗ

ବଣ୍ଡା,୧୦।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଣ୍ଡା ଠାରେ ନିର୍ମାଣ ଚାଲିଥିବା ଫ୍ଲାଏ ଓଭର ବ୍ରିଜ୍‌ର ଦୁଇପାର୍ଶ୍ୱରେ ବିଦ୍ୟୁତ ଖୁଣ୍ଟ ପୋତା ଯାଇଥିବାବେଳେ ଅନେକ ଖୁଣ୍ଟ ଡ୍ରେନ୍ ମଝିରେ ରହିଛି। ଫଳରେ ତାରଗୁଡ଼ିକ ନୂତନ ବିଦ୍ୟୁତ୍ ଖୁଣ୍ଟକୁ ସ୍ଥାନାନ୍ତର କରାଯାଇ ପାରୁନାହିଁ। ଏ ନେଇ ଅଞ୍ଚଳବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ୪ ଲେନ୍ କାମ ଚାଲୁଛି। ଜାମୁନାଳୀ ଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ରାସ୍ତା କାମ ୯୦ ପ୍ରତିଶତ ସରିଥିବାବେଳେ ଅନେକ ସ୍ଥାନରେ ଡ୍ରେନ କାମ ସରି ନ ଥିବାରୁ ବିଦ୍ୟୁତ୍ ତାର ଟଣା ଯାଇପାରୁନାହିଁ। ବଣ୍ଡା ଅଞ୍ଚଳରେ ଅନେକ ବିଦ୍ୟୁତ୍ ଖୁଣ୍ଟ ଡ୍ରେନରେ ପୋତାଯାଇଥିବାରୁ ସମସ୍ୟା ଦେଖାଯାଉଛି। ରାସ୍ତା ଉପରେ ଥିବା ଖୁଣ୍ଟ ଓ ଟ୍ରାନ୍ସଫର୍ମରଗୁଡ଼ିକ ଠିକାସଂସ୍ଥା ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ମଧ୍ୟ ତତ୍‌ବର୍ତ୍ତୀ ଭାବେ ଅନେକ ସ୍ଥାନରେ ଡ୍ରେନ୍ ଭିତରେ ଖୁଣ୍ଟ ପୋତା ଯାଇଥିବା ଯୋଗୁ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନାହିଁ। ଏ ନେଇ ବଣ୍ଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅକ୍ଷୟ କୁମାର ସାହୁ କହିଛନ୍ତି, ଡ୍ରେନରେ ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇଥିବାରୁ ଖୁଣ୍ଟଗୁଡ଼ିକରେ ଲାଇନ୍ ସଂଯୋଗ କରିବା ସମ୍ଭବ ହୋଇପାରୁ ନାହିଁ। ସମସ୍ତ ଖୁଣ୍ଟ ବଦଳାଇବା ପାଇଁ ଠିକାସଂସ୍ଥାକୁ ଚିଠି ଦ୍ୱାରା ଅବଗତ କରାଯାଇଛି।



ଡ୍ରେନ୍ ଭିତରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି।

# ସନସ୍ୟୁର ଏନର୍ଜି ସହ ଜେଏସ୍ଏଲ୍ ସୁପର ଷ୍ଟିଲ୍ର ବୁଝାମଣା

ଭୁବନେଶ୍ୱର,୧୦।୪ (ଅଭୟ ଦାଶ)

ଭାରତର ସର୍ବବୃହତ୍ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସର ଗାଜିଆବାଦସ୍ଥିତ ସହାୟକ କମ୍ପାନୀ ଜେଏସ୍ଏଲ ସୁପର ଷ୍ଟିଲ୍ ଏବଂ ଶକ୍ତି ଉତ୍ପାଦନକାରୀ କମ୍ପାନୀ ସନସ୍ୟୁର ଏନର୍ଜି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥା ୧୧ ମେଗାୱାଟର ଦୀର୍ଘମିଆଦୀ ଶକ୍ତି କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁଯାୟୀ ଉତ୍ତର ପ୍ରଦେଶର ଅଗସାଇଠାରେ ଥିବା ୪୯ ମେଗାୱାଟ୍ ପିକ ସୌର ପ୍ରକଳ୍ପରୁ ଏହା ୧୧ ମେଗାୱାଟ୍ ସୌର ଶକ୍ତି ଗ୍ରହଣ କରିବ ଏବଂ ଏହାର ପ୍ଲାଣ୍ଟରେ ପ୍ରାୟ ୫୦% ସ୍ୱଚ୍ଛ ଶକ୍ତି ଉପଯୋଗ କରିବ। ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ ବୋଲି କୁହାଯାଉଛି। ଜିନ୍ଦଲ ଷ୍ଟେନ୍ଲେସ୍ର ପୂର୍ଣ୍ଣକାଳୀନ




ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ଜଗମୋହନ ସୁଦ୍ କହିଛନ୍ତି, ଜେଏସ୍ଏଲ ସୁପର ଷ୍ଟିଲ୍ର ଏହି ଭାଗୀଦାରି ଆମର ନେଟ୍ ଜିରୋ ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପଦକ୍ଷେପ ଏବଂ ୨୦୩୫ ସୁଦ୍ଧା ୫୦% କାର୍ବନ ନିର୍ଗମନ ହ୍ରାସ କରିବାର ଆମର ସ୍ୱଳ୍ପକାଳୀନ ଲକ୍ଷ୍ୟରେ ଏକ ଅଂଶ। ଆମର ଉତ୍ପାଦନ ପ୍ରକ୍ରିୟାରେ ଅକ୍ଷୟ ଶକ୍ତିକୁ ସମନ୍ୱିତ କରି ଆମେ କେବଳ କାର୍ବନ ଫୁଟ୍ପ୍ରିଣ୍ଟ ହ୍ରାସ କରୁନାହୁଁ ବରଂ ଭାରତରେ ଧାତୁ ଶିଳ୍ପ ପାଇଁ ନୂତନ ମାନଦଣ୍ଡ ମଧ୍ୟ ସ୍ଥାପିତ କରୁଛୁ। ଷ୍ଟେନ୍ଲେସ୍ ଷ୍ଟିଲ ଶିଳ୍ପରେ ଏକ ଅଗ୍ରଣୀ କମ୍ପାନୀ ହିସାବରେ ସବୁଜ ହାଇଡ୍ରୋଜେନ ବ୍ୟବହାର, ଜୈବ ଇନ୍ଧନର ବ୍ୟବହାର, ଗ୍ରିଡରୁ ଅକ୍ଷୟ ଶକ୍ତି ଅଂଶ ବୃଦ୍ଧି ଇତ୍ୟାଦି ମାଧ୍ୟମରେ ସ୍ୱଚ୍ଛ ଉପାୟ ଅବଲମ୍ବନ କରିବା ଏକ ଦାୟିତ୍ୱ ବୋଲି ଆମେ ବିଚାର କରୁଅଛୁ। ସେହିଭଳି ସନସ୍ୟୁର ଏନର୍ଜିର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ସିଇଓ ଶଶାଙ୍କ ଶର୍ମା କହିଛନ୍ତି, ଶିଳ୍ପ କ୍ଷେତ୍ର ଭାରତରେ ଅକ୍ଷୟ ଶକ୍ତି ଲକ୍ଷ୍ୟ ସହ ଯୋଡ଼ି ହୋଇଥିବାରୁ ଏଭଳି ସହଯୋଗ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଚୁକ୍ତି ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଅକ୍ଷୟ ଉତ୍ସରୁ ଶକ୍ତି ସଂଗ୍ରହ କରି ଉତ୍ତର ପ୍ରଦେଶରେ ଧାତୁ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ସାଜିଛି। ଏହା ଦର୍ଶାଉଛି ଯେ ସ୍ୱଚ୍ଛ ଶକ୍ତି କେବଳ ଏକ ବିକଳ୍ପ ନୁହେଁ, ବରଂ ଶିଳ୍ପ ପ୍ରଗତିର ଭବିଷ୍ୟତ। ନିରନ୍ତର ବିକାଶ ପଦକ୍ଷେପ ପାଇଁ ଜେଏସ୍ଏଲ୍ର ସୁପରିଚିତ ଏବଂ ସେମାନଙ୍କୁ ଆମର ଗ୍ରାହକ ପରିବାରରେ ସ୍ୱାଗତ କରି ଆମେ ଗର୍ବ ଅନୁଭବ କରୁଛୁ। ଅପରପକ୍ଷରେ ଜେଏସ୍ଏଲ୍ ସୁପର ଷ୍ଟିଲ ସହ ସନସ୍ୟୁର ଏନର୍ଜିର ବୁଝାମଣା (ଭାଗୀଦାରି) ଭାରତର ବାଣିଜ୍ୟିକ ଏବଂ ଶିଳ୍ପ କ୍ଷେତ୍ରରେ ଅକ୍ଷୟ ଶକ୍ତିକୁ ଆଗକୁ ବଢ଼ାଇବାର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବ। ଏହି ଭାଗୀଦାରି ଜେଏସ୍ଏଲ୍ ସୁପର ଷ୍ଟିଲ୍କୁ ବାର୍ଷିକ ୧୬.୫ ମିଲିୟନ ୟୁନିଟ୍ (ଏମୟୁ) ସ୍ୱଚ୍ଛ ଶକ୍ତି ପାଇବାରେ ସକ୍ଷମ କରିବ ଏବଂ କମ୍ପାନୀକୁ ବାର୍ଷିକ ୧୨ ମିଲିୟନ କିଲୋଗ୍ରାମ କାର୍ବନ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିବ, ଯାହା ୫ ଲକ୍ଷ ୪୫ ହଜାରରୁ ଅଧିକ ଗଛ ଲଗାଇବା ସହିତ ସମାନ। ଏହି ପଦକ୍ଷେପ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଭାରତର ପ୍ରୟାସକୁ ସୁଦୃଢ଼ କରିବ ଏବଂ ଏକ ଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ଆଣିବ, ଯାହାର ଉଦ୍ଦେଶ୍ୟ ହେଉଛି ଶକ୍ତି ଭିତିକ ଶିଳ୍ପ କ୍ଷେତ୍ରରେ କାର୍ବନ ନିର୍ଗମନକୁ ରୋକିବ।

# ଫିଜିକ୍ସୱାଲାର ୨ୟ ଅଫ୍ଲାଇନ ସେଣ୍ଟର ଉଦ୍ଘାଟିତ




ପିଡବ୍ଲ୍ୟୁର ଦ୍ୱିତୀୟ ଅଫ୍ଲାଇନ ସେଣ୍ଟର ଉଦ୍ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୪

ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ଦ୍ୱିତୀୟ ଅଫ୍ଲାଇନ ସେଣ୍ଟର 'ବିଦ୍ୟାପୀଠ କେନ୍ଦ୍ର' ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଇନ୍ଫିନିଆ ଟାୱାରରେ ଉଦ୍ଘାଟିତ ହୋଇଯାଇଛି। ବିଶେଷକରି ଏହା ଏକ ନୂତନ ଟେକ୍-ସକ୍ଷମ 'ପିଡବ୍ଲ୍ୟୁ ବିଦ୍ୟାପୀଠ କେନ୍ଦ୍ର' ହୋଇଥିଲାବେଳେ ଏଠାରେ ଛାତ୍ରୀଛାତ୍ରମାନେ ଅନୁଭବୀ ଶିକ୍ଷକଙ୍କ ନେତୃତ୍ୱରେ ପାଠ ପଢ଼ି ପାରିବେ। ଏହି ଅବସରରେ ଫିଜିକ୍ସୱାଲାର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ବିବେକ ଗୌର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡବ୍ଲ୍ୟୁର ବହୁ ବରିଷ୍ଠ ଅଧିକାରୀ ଓ ସେଣ୍ଟର କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଫିଜିକ୍ସୱାଲାର ସିଇଓ (ଅଫ୍ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଆମେ ସର୍ବଦା ଛାତ୍ରୀଛାତ୍ରମାନଙ୍କର ଶିକ୍ଷା ଗ୍ରହଣ ଅନୁଭବକୁ ଉନ୍ନତ କରିବାର ଉପାୟ ଖୋଜିବାକୁ ଚେଷ୍ଟା କରୁଛୁ। ଭୁବନେଶ୍ୱରରେ ଆମର ପୂର୍ବ କେନ୍ଦ୍ର ସହିତ ଏକ ନୂତନ କେନ୍ଦ୍ର ଖୋଲି ଆମେ ଅଧିକ ଛାତ୍ରୀଛାତ୍ରଙ୍କୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କ ଘର ନିକଟରେ ଉଚ୍ଚ ଗୁଣବତା ଶିକ୍ଷା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ଏହା ବ୍ୟତୀତ ପିଡବ୍ଲ୍ୟୁଏସ୍ଏଟି ପାଇଁ ମଧ୍ୟ ନାମଲେଖା ଆରମ୍ଭ ହୋଇଛି, ଯାହା ଛାତ୍ରୀଛାତ୍ରମାନଙ୍କୁ ଅଫ୍ଲାଇନ କୋର୍ସଗୁଡିକ ପାଇଁ ଟ୍ୟୁଶନ ଫି ଛାଡ଼ ସୁଯୋଗ ପ୍ରଦାନ କରିବ। ଏହି ପରୀକ୍ଷା ଅଫ୍ଲାଇନ ଏବଂ ଅନ୍ଲାଇନ ଉଭୟ ମୋଡ୍ରେ ଆୟୋଜିତ ହେବ ଏବଂ ଏଥିରେ ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏବଂ ଜେଇଇ କିମ୍ବା ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରମାନେ ଭାଗ ନେଇପାରିବେ।

ପିଡବ୍ଲ୍ୟୁ ବିଦ୍ୟାପୀଠ ହେଉଛି ଟେକ୍-ସକ୍ଷମ ଅଫ୍ଲାଇନ କେନ୍ଦ୍ର, ଯେଉଁଠାରେ ଛାତ୍ରୀଛାତ୍ରମାନେ ଅନୁଭବୀ ଶିକ୍ଷକଙ୍କ ନେତୃତ୍ୱରେ ବ୍ୟକ୍ତିଗତଶ୍ରେଣୀରେପାଠପଢୁଛନ୍ତି।

# ବଜାରରେ ରିଅଲ୍ମିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୦।୪

ରିଅଲ୍ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲମି ନାର୍ଜୋ ୮୦ ପ୍ରୋ ୫ଜି ଏବଂ ରିଅଲ୍ମି ନାର୍ଜୋ ୮୦ଏକ୍ସ ୫ଜିର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ରିଅଲ୍ମିର ମୁଖପାତ୍ର କହିଛନ୍ତି, ନିରବଚ୍ଛିନ୍ନ ପ୍ରଦର୍ଶନ ଚାହୁଁଥିବା ଯୁବା ଉପଭୋକ୍ତାଙ୍କ ପାଇଁ ନାର୍ଜୋ ୮୦ ସିରିଜରେ ଆମର ସବୁଠାରୁ ଶକ୍ତିଶାଳୀ ସୁବିଧାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ୮୦ପ୍ରୋର ଗେମିଂ ଆଧିପତ୍ୟ ଏବଂ ୮୦ଏକ୍ସର ସନ୍ତୁଳିତ ଉତ୍କର୍ଷତା ସହିତ ଆମେ ମଧ୍ୟମ ସେଗ୍ମେଣ୍ଟରେ ପ୍ରିମିୟମସ୍ତରର ଉଦ୍ଭାବନ ଆଣିଛୁ। ୮୦ ପ୍ରୋରେ ୪୫୦୦ ନିଟ୍ସ ଡିସ୍ପ୍ଲେ ଏବଂ ୬୦୦୦ ଏମ୍ଏଏଚ୍ ବ୍ୟାଟେରି ସହିତ ୮୦ଏକ୍ସର ସେଗମେଣ୍ଟ-ପ୍ରଥମ ମିଡିଆଟେକ୍ ଡାଇମେନସିଟି ୬୪୦୦ ଚିପ୍ସେଟ 'ମେକ୍ ଇଟ୍ ରିୟଲ' ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସେନ୍କୋରେ ବ୍ୟାଙ୍ଗଲ ଉତ୍ସବର ଶୁଭାରମ୍ଭ

ଭୁବନେଶ୍ୱର,୧୦।୪

ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍କୋ)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ବ୍ୟାଙ୍ଗଲ ଉତ୍ସବ'ର ଶୁଭାରମ୍ଭ ହୋଇଯାଇଛି। ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଉପଲକ୍ଷେ ଆୟୋଜିତ ଏହି ନୂତନ ବ୍ୟାଙ୍ଗଲ ଉତ୍ସବ ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ। ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଗର୍ବର ସହ ଖୁସିଯୋଁ କି ରିତ ଉପସ୍ଥାପନ କରୁଛି, ସେନ୍କୋ କାରିଗରିର ୮୫ ବର୍ଷରୁ ଅଧିକ ଗୌରବମୟ ବର୍ଷ ପାଳନ କରୁଥିବା ବେଳେ 'ଆପ୍କା ଶୁକ୍ରିୟା ପ୍ରତ୍ୟେକ ଫିଲିଗ୍ରୀ, ନକ୍ଷୀ ଖୋଦିନ ଏବଂ ହୀରା ସେଟିଂ ପଛରେ ଥିବା କାରିଗରମାନଙ୍କୁ ସ୍ୱୀକୃତି ପ୍ରଦାନ କରୁଛି। ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଆପ୍କା ଶୁକ୍ରିୟା ଅଭିଯାନ ହେଉଛି କାରିଗର ଏବଂ କାରିଗରି ଉପରେ ନିର୍ମିତ ସେନ୍କୋର ବିରାସତର ଏକ ଉଦାହରଣ। ଆମର କାରିଗରମାନଙ୍କୁ ସେମାନଙ୍କର ସମର୍ପଣ ଏବଂ ପିଢ଼ି ପିଢ଼ି ଧରି ଆମ ସହିତ ରହିବା ପାଇଁ ଧନ୍ୟବାଦ ଜଣାଉଛୁ। ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମଡି ତଥା ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ଏଥର ଆମେ ଐତିହ୍ୟକୁ ସମସାମୟିକ ସୁନ୍ଦରତା ସହିତ ମିଶାଇ ସୁନା, ହୀରା ଏବଂ ପ୍ଲାଟିନମରେ ଚୁଡ଼ି, ବ୍ରେସଲେଟ୍, ଚାର୍ମ, ଚୁର, ବଳା, ପୋଲା ଏବଂ ଶଙ୍ଖା ୧୦୦ରୁ ଅଧିକ ନୂଆ ଡିଜାଇନ୍ ଆଣିଛୁ।


## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
### INVITATION FOR BIDS (IFB)

E-mail ID : cebuildings_orissa@yahoo.co.in, cebuildings@rediffmail.com,
No.B-17 Tel. (0674)-2391523

File No.B-I-Home-24/2025 Lr.No. 14444 Dtd. 4th Apr., 2025

NOTICE INVITING REQUEST FOR PROPOSAL (RFP)

Bid Identification No: C.E. (B) - 01 / 2025-26

1. Chief Engineer (Buildings-II), Odisha, Bhubaneswar on behalf of Governor of Odisha invites proposals from experienced and reputed Consulting firms to provide Service of Programme Management Consultancy.

| Sl. No. | Name of Project | EMD | Bid Processing Fee | Period of Service |
|---|---|---|---|---|
| 1. | Selection of Programme Management Consultant (PgMC) for the work, "Construction of New Building of Odisha Bhawan at New Delhi, Chanakyapuri, New Delhi." | 2,00,000/- | 10,000/- | 30 (Thirty) Calendar Months |

1. The bidders must participate in Online bidding only. The website for "ONLINE BIDDING" is https://www.tendersodisha.gov.in
2. Bid documents will be available in the above website from **15.04.2025 to 05:00 P.M. of 07.05.2025** "ONLINE BIDDING".
3. The Pre-Bid queries from the bidders shall be received through e-mail on cebuildings_orissa@yahoo.co.in on or before **dtd.24.04.2025 till 5.00 P.M.**
4. The Prebid meeting will be held on **dtd. 25.04.2025** in the Conference hall of Chief Engineer (Buildings), Nirman Soudh, Bhubaneswar.
5. The Prebid Clarification shall be uploaded on e-procurement portal on **dtd.28.04.2025**.
6. Last date/time for receipt of bid in web portal is **dtd. 07.05.2025**.
7. The tender will be opened on **dtd. 08.05.2025 at 11:00 A.M.** in the office of the E.I.C (Civil), Nirman Soudh Odisha, Bhubaneswar in the presence of the bidders, who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the scheduled date of opening, then the bid will be opened on the next working day at the same time and venue.
8. The bidder must possess compatible Digital Signature Certificate (DSC) of Class-II or Class-III. 9. Bids submitted other than e-procurement platform shall not be considered.
10. Further details can be seen from the e-Procurement portal https://www.tendersodisha.gov.in.
11. The authority reserves the right to cancel any or all bids without assigning any reason thereof.
12. The addendum / corrigendum if any will be posted in the e-procurement portal only.

Sd./- Chief Engineer (Buildings-II), Odisha, Bhubaneswar

OIPR-34117/11/0074/2425



No.A-29:

## ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
### ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: EE-DD-CTC-01/2025-26

୧.କାର୍ଯ୍ୟର ନାମ : ମୋଟ ୦୨ (ଦୁଇ) ଗୋଟି ଜଳନିକାସ କାର୍ଯ୍ୟ ।
୨.ଅଟକଳ ମୂଲ୍ୟ: ୭୩.୫୧ ଲକ୍ଷ ଟଙ୍କା ଏବଂ ୮୩.୭୫ ଲକ୍ଷ ଟଙ୍କା ।
୩.କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି : ୦୯ (ନଅ) ମାସ ।
୪.ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୧୧.୦୪.୨୦୨୫ର ୧୧.୦୦ ଘଣ୍ଟାରୁ ତା.୨୫.୦୪.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫.ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୨୫.୦୪.୨୦୨୫ ର ୧୮.୦୦ ଘଣ୍ଟା ।
୬.ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ନିର୍ବାହୀ ଯନ୍ତ୍ରୀ, ଜଳନିକାସ ବିଭାଜନ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩; ଇ-ମେଲ୍:eeddcuttack@gmail.com

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖା ଯାଇପାରିବ । ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍ରେ ପ୍ରକାଶ କରାଯିବ ।

ସ୍ୱା./-ନିର୍ବାହୀ ଯନ୍ତ୍ରୀ
ଜଳନିକାସ ବିଭାଜନ, କଟକ

OIPR-32466/11/0003/2425



## OFFICE OF THE DISTRICT FISHERIES OFFICER, KAUSALYAGANGA

Email - dfo.kanga@gmail.com Phone : 0674-2465771
No. 323 /Date : 07.04.2025

CORRIGENDUM NOTICE TO THE TENDER CALL NOTICE NO. -297/DATE-29.03.2025
PROCUREMENT OF LIVE FISH BROOD STOCK

No.M-02 : In pursuance to the Tender Call Notice No.-297 Dated-29.03.2025 the following corrections/modifications have been made.

| Originally Published as | Corrections / Modifications |
|---|---|
| Date of opening of the tender - 20th April 2025 at 3 P.M. | Date of opening of the tender - 21st April 2025 at 3 P.M. |
| Sl. No. - 1 The rate should be quoted **per / kg pieces wise and they** must certify the species / origin of breeder. | Sl. No. - 1 The rate should be quoted **per kg (Species wise) and the supplier** must certify the species and origin of breeder |
| Sl. No. - 2 The payment will be made after delivery of the **healthy** in desired condition | Sl. No. - 2 The payment will be made after delivery of the **healthy live brood fish** in desired condition |
| All other terms and conditions of the tender call notice shall remain unchanged | |

Sd./- (B. P. Dwivedy)
District Fisheries Officer
Kausalyaganga

OIPR-06040/11/0003/2425



## NATIONAL COMPETITIVE BIDDING THROUGH e-Procurement

Tel.No.06752222092, e-mail id- eerwpuri@gmail.com
No.O-32: TCN No.TENDER ONLINE-02 OF 2025-26
No.4307/ Dt.7.04.2025

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri. 1. Total no. of works:**2 nos**., 2. Tender cost of packages: Amount varies from **Rs.71.64 lakhs**. 3. Class of Contractor: **As per DTCN**. 4. Period of completion: **5 (Five) Calendar Months**. 5. Period of availability of tenders on-line / Date and time of bidding on-line/ last date of seeking clarification/ Date of Opening of tender papers.

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-02 | 17.04.2025 at 11.00 A.M. | 30.04.2025 upto 5.00 P.M. | 29.04.2025 upto 01.30 P.M. | 01.05.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in."

OIPR-25065/11/0017/2425 Sd./- Superintending Engineer, R.W.Division, Puri



## OFFICE OF THE NOTIFIED AREA COUNCIL : KESINGA

No.1003 / NAC(K) Dated

CORRIGENDUM TO SHORT QUOTATION CALL
NOTICE NO. 882 DT.27.03.2025

**No.C-59** : The last date of submission of quotation is here by extended up to 3.00 P.M. on 09.04.2025 and will be opened on the same day at 4.00 P.M. All other terms and condition remain unchanged.

Sd./- Executive Officer
N.A.C., Kesinga

OIPR-13109/11/0030/2425



## INSTITUTE ON MANAGEMENT OF AGRICULTURAL EXTENSION (IMAGE)

(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar-751003, Odisha
Ph.- (0674) 2974145, E-mail:imagebbsr@rediffmail.com
No.1641/IMAGE Dated: 09.04.2025

### RFP for "Selection of Event Management Agency for Organization of State Level Krushak Divas-2025"

**No.CAD-74:**IMAGE invites RFP for **"Selection of Event Management Agency for Organization of State Level Krushak Divas-2025".** The detailed RFP document can be downloaded from the website www.agri.odisha.gov.in & https://image.odisha.gov.in from dt.09.04.2025. The last date for submitting the RFP documents alongwith Bid Processing Fees of Rs.5,000/- (Rupees Five Thousand) only in favour of Director, IMAGE payable at Bhubaneswar through Speed Post/ Registered Post/ Courier on or before dt.22.04.2025 upto 04.00 P.M. The Technical Bids will be opened on dt.23.04.2025 at 11.30 AM. The Financial Bids will be opened on dt.24.04.2025. IMAGE reserves the right to accept or reject any/ all proposals/ terminate the entire selection process at any stage without assigning any reason thereof.

OIPR-01408/11/0021/2425 Sd./- DIRECTOR, IMAGE



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-76

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

Tender Call Notice No.IDCO/H.O./P&C/ EST/E-1057/03/2024/ 10124, dated: 08.04.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. **Name of the Work:** Construction of RCC Drains with cover slab (infocity Road to Venkateswar School connecting to Sai Vihar) at Chandaka Industrial Estate, Bhubaneswar, Odisha.
2. **Value of the work:** Rs.44.32 Lakhs.
3. **Period of Completion:** 03 (Three) Calendar Months
4. **Other details :**

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/E-49/ 2024-25 | 11.04.2025 at 17.00 Hrs. | 24.04.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0131/2425



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

No.O-30

e-mail: serwsbd2003@yahoo.com
No.1304 **1st Corrigendum** Dt:07.04.25

In continuation to this office Bid Identification No- CCERWCSBD Online-24/2024-25 invited vide this office Notice No.972, Dtd.17.03.2025, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 26.03.2025 at 11.00 AM to 09.04.2025 upto 5.00 PM | Extended upto 17.04.2025, 5.00 PM |
| 2 | Date and Time of seeking tender clarification if any | 08.04.2025 upto 2.00 PM | 16.04.2025 upto 2.00 PM |
| 3 | Date & Time of opening of tender (Technical Bid) | 10.04.2025 at 11.00 AM | 19.04.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

OIPR-25182/11/0050/2425 Sd./- Chief Construction Engineer, Rural Works Circle, Sunabeda



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada
"e" Procurement Notice for Road Work
Identification No.-Online Tender-Road N.C.B. No.373 for 2024-25
Letter No.1700/ Date 5.4.25

**No.O-24:**Name of the Work: Post DLP Maintenance of PMGSY Road Works in the District of Mayurbhanj for the year 2024-25. 2. Total No. of Work: 01 No. (One). 3. Estimated Cost: Rs.110.80 Lakhs (approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.373 | Dt.10.04.2025 at 11.00 A.M. | Dt.24.04.2025 upto 5.00 P.M. | Dt.23.04.2025 upto 5.00 P.M. | Dt.25.04.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

OIPR-25130/11/0026/2425 Sd./-Chief Construction Engineer, R.W.Circle, Baripada



## OFFICE OF THE ANGUL MUNICIPALITY, ANGUL

No.C-63

e-Procurement Notice
Bid Identification No. - EO/RFP/AGLM-01/2025-26
e-mail ID - angulmunicipality@gmail.com
RFP Notice No. 1093 Date : 07.04.2025

1. Name of the Project : Providing Consultancy Services for Preparation of comprehensive Drainage Master Plan and DPR for Storm Water Drainage System of Angul Municipality, in the District of Angul, Odisha
2. Period of contract : 06 (six) Calendar month

**Date and Time Schedule :**

| Start | End | Technical bid Opening |
|---|---|---|
| 11.00 A.M. on 09.04.2025 | 5.00 P.M. on 22.04.2025 | 11.30 A.M. on 23.04.2025 |

Tender details can be seen from the procurement portal : www.tendersodisha.gov.in

Sd./- S.P. Tripathy
Executive Officer, Angul Municipality

OIPR-13085/11/0030/2425



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☏ (0663) 2460661,
No.CAD-81: Email-hpschiplima@yahoo.in, Fax No. (0663) 2460505

No.-CHEP/TW-112 (Part File)/1214 Date: 07.04.2025

TENDER CALL NOTICE NO.-CHEP-02/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned work from the Reputed Firms / Agencies having valid Firm's Registration Certificate and Experience in similar nature of works.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Repair & Replacement of damaged Roller Bearing of Gate No.2 & 6 of Head Regulator, CHEP, Chiplima | Rs.708.00 (Rs.600.00 + GST@18%) | Rs.1,33,062.00 / EMD = Rs.1,350.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.10.04.2025 up to 10:30 AM of dtd.23.04.2025.**

OIPR-04006/11/0070/2425 Sd/- C & P Head, CHEP, Chiplima



## Government of Odisha
## Office of the Superintending Engineer, Rural Works Division-II, Dhenkanal Kamakhyanagar

No.O-20

E-Mail : rw.kamakhyanagar@yahoo.co.in
e-procurement Notice No. 01 / Building Work / 2025-26

| | | | |
|---|---|---|---|
| 1 | Name of the work | : | Building Work |
| 2 | Total No. of Works | : | 04 (Four) Nos. |
| 3 | Tender Cost | : | Rs. 5.67 to 27.00 lakhs (approx) |
| 4 | Class of Contractor | : | "C" & "B" Class |
| 5 | Period of Completion | : | 6 calendar months |
| 6 | Availability of Tender online for bidding | : | 11.04.2025 at 11.00 A.M. to 22.04.2025 up to 5.00 P.M. |
| 7 | Last Date & Time of seeking tender clarification | : | 21.04.2025 upto 4.00 P.M. |
| 8 | Date & Time of opening of Bid | : | 23.04.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal
Kamakhyanagar

OIPR-25094/11/0023/2425



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☏ (0663) 2460661,
No.CAD-80: Email-hpschiplima@yahoo.in, Fax No. (0663) 2460505

No.-CHEP/TW-156 (Vol.-X)/1253 Date: 08.04.2025

TENDER CALL NOTICE NO.-CHEP-03/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible bidders dealing with Trash Rack Cleaning Machine with Hydraulic operated Telescopic Boom for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Operation & Maintenance Contract of GMW Make Trash Rack Cleaning Machine installed at CHEP, Chiplima | Rs.11,800/- (Rs.10,000/- + GST @18%) | Rs.65,43,073/- EMD=Rs.65,450/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.11.04.2025 up to 10:30 AM of dtd.22.04.2025.**

OIPR-04006/11/0071/2425 Sd/- C & P Head, CHEP, Chiplima



## GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR

No.A-28:

'e' Procurement Notice No. ACECIC-01/2025-26

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | NGR-01/ 2025-26 | Cement Concrete Lining in Right Distributary of Kuanria Irrigation Project from RD. 11.00 Km to 18.20 Km) | 834.63 | 834700/- Online | 10000/- (Online) | "A" & "Special" Class | 11.04.2025 At 10.00 Hours | 25.04.2025 At 17.00 Hours | 28.04.2025 At 11.00 Hours | 18 (Eighteen Calendar Months) |

**e-mail Id:secic_dowr@yahoo.com.**
**Further details conditions can be seen from Govt. website www.tenderorissa.gov.in.**

OIPR-32160/11/0025/2425 Sd./- Additional Chief Engineer, Central Irrigation Circle

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ

**ନୂଆଦିଲ୍ଲୀ,୧୦।୪(ପି.ଟି.)**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ। ଏହି ଇଭେଣ୍ଟ ଆୟୋଜନ ଲାଗି କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରୁଥିବା ସତ୍ତ୍ୱେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏଭଳି ଦୃଢ଼ୋକ୍ତି ଦେଇଛନ୍ତି। ମାର୍ଚ୍ଚ ୩୧ ତାରିଖ ସମୟସୀମା ମଧ୍ୟରେ ଉଭୟ କାନାଡା ଓ ନାଇଜେରିଆ ଏକ୍ସପ୍ରେଶନ ଅଫ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛନ୍ତି।

ମୋତେ ସୂଚନା ମିଳିଛି ଯେ, କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରିଛନ୍ତି। କିନ୍ତୁ ଆମେ ନିଶ୍ଚିତ ଯେ, ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିବ। ଯଦି ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳେ, ତେବେ ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଦକ୍ଷ ବୋଲି ପ୍ରଦର୍ଶିତ କରିପାରିବୁ। ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସହ ପରାମର୍ଶ ଚାଲିଛି। ଜୁନ୍‌ରେ ନୂଆ ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଦାୟିତ୍ୱ ନେଲା ପରେ ଭାରତ ତା'ର ଯୋଜନାକୁ ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ବୋଲି ମାଣ୍ଡବ୍ୟ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଭିକ୍ଟୋରିଆ ବଦଳରେ ଗ୍ଲାସଗୋରେ ହେବ। ଆୟୋଜନ ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭିକ୍ଟୋରିଆ ଆୟୋଜନରୁ ପଛଘୁଞ୍ଚା ଦେଉଛି। ଏଥିଯୋଗୁ ପରବର୍ତ୍ତୀ ସଂସ୍କରଣ ଗ୍ଲାସଗୋରେ ହେବ ଏବଂ ଏଥିରୁ ବକ୍ସିଂ, ରେସଲିଂ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଓ ଶୁଟିଂ ଆଦି ଇଭେଣ୍ଟକୁ ବାଦ ଦିଆଯାଇଛି।

# ଓଡ଼ିଶାକୁ ୬ ପଦକ



ପଦକ ବିଜେତା ଓଡ଼ିଶା ଦଳ।

**ଭୁବନେଶ୍ୱର,୧୦।୪(ଅନାଦି କର)**

## ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପ୍

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଚାଲିଥିବା ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପରେ ଓଡ଼ିଶା ଆଥଲେଟ୍‌ମାନେ ୬ ପଦକ ଜିତିଛନ୍ତି। ପଦକ ତାଲିକାରେ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ରହିଛି। ଓଡ଼ିଶା ଦଳର କୋଚ ରାହୁଲ ସା'ଙ୍କ ତତ୍ତ୍ୱାବଧାନରେ ୧୮ ଜଣ ଓଡ଼ିଆ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଟାଣ୍ଡିଂ ଇଭେଣ୍ଟର ୭୦ରୁ ୭୫ କେଜି ଓଜନ ବର୍ଗରେ ଖୋର୍ଦ୍ଧାର ପ୍ଲିଜାଲିନ ତରାଇ (କ୍ଲାସ ଏଫ୍) ରୌପ୍ୟ ପଦକ ଜିତିଥିବାବେଳେ ୬୦ରୁ ୬୫ କେଜି ବର୍ଗରେ ମୟୂରଭଞ୍ଜର ଗାୟତ୍ରୀ ବଦ୍ରା (କ୍ଲାସ ଡି') ଓ ୭୫ରୁ ୮୦ କେଜି ବର୍ଗରେ ସମ୍ବଲପୁରର ପାୟଲ ତାଣ୍ଡି (କ୍ଲାସ ଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସୋଲୋ ଇଭେଣ୍ଟରେ ଝାରସୁଗୁଡ଼ାର ତାନ୍ୟା ଠାକୁର, ଗାଣ୍ଡା ଇଭେଣ୍ଟରେ ମୟୂରଭଞ୍ଜର ଉମାବତୀ ପାତ୍ର ଓ ଝାରସୁଗୁଡ଼ାର ଲିଳାବତୀ ରଣା ବ୍ରୋଞ୍ଜ ପଦକ ହାତେଇଛନ୍ତି। ପ୍ରତିଯୋଗିତାରେ ସୁଚାରୁରୂପେ ରେଫ୍ରିଶିପ ତୁଲାଇଥିବାରୁ ପ୍ରେମ ସିଂ ଥାପାଙ୍କୁ ସାଇ ଓ ଖେଲୋ ଇଣ୍ଡିଆ ପକ୍ଷରୁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପେଞ୍ଚକ ସିଲାଟ ଆସୋସିଏଶନ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ଓ ପେଞ୍ଚକ ସିଲାଟ ଆସୋସିଏଶନ ଖୋର୍ଦ୍ଧାର ସମ୍ପାଦକ ତିତେନ୍ଦ୍ର କୁମାର ରାଉତ ଅଭିନନ୍ଦନ ଜଣାଇଛନ୍ତି।

# ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍, ମଣିପୁର ବିଜୟୀ

**ଭୁବନେଶ୍ୱର,୧୦।୪ (ଅନାଦି କର)**

## ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ଗୁରୁବାର ଖେଳାଯାଇଥିବା ଭିନ୍ନ ଭିନ୍ନ ମ୍ୟାଚରେ ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍ ଓ ମଣିପୁର ବିଜୟୀ ହୋଇଛନ୍ତି।

ଆଜିର ପ୍ରଥମ ମ୍ୟାଚରେ ସିଆଇଏସ୍‌ଏଫ୍ ୩-୨ ଗୋଲରେ ଏସ୍‌ଏସ୍‌ବିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିଏସ୍‌ଏଫ୍ ୬-୦ ଗୋଲରେ କେରଳ ପୋଲିସକୁ ହରାଇଥିଲା। ତୃତୀୟ ମ୍ୟାଚ ସିଆର୍‌ପିଏଫ୍ ଓ ତାମିଲନାଡୁ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆର୍‌ପିଏଫ୍ ୫-୨ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ମଣିପୁର ପୋଲିସ ୪-୨ ଗୋଲରେ ପଶ୍ଚିମବଙ୍ଗ ପୋଲିସକୁ ହରାଇଥିଲା। ଖେଳ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ, ଡିଆଇଜି (କ୍ରାଇମବ୍ରାଞ୍ଚ) ବାତୁଲା ଗଙ୍ଗାଧର, ରେଳବାଇ (କଟକ) ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ବିଭିନ୍ନ ମ୍ୟାଚରେ ଅତିଥି ଭାବେ ଯୋଗଦେଇଥିଲେ।

# ପୂର୍ବତନ ବାସ୍କେଟବଲ ଅଧିନାୟକଙ୍କ ପରଲୋକ

**ପିଥୋରାଗଡ଼, ୧୦।୪ (ପି.ଟି.)**

ବିଶିଷ୍ଟ ବାସ୍କେଟବଲ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ହରିଦତ୍ତ କାପ୍ରିଙ୍କର ୮୩ ବର୍ଷୀୟ ବୟସରେ ତାଙ୍କ ନିଜସ୍ୱ ବାସଭବନରେ ପରଲୋକ ଘଟିଛି। ସେ ତାଙ୍କର ସ୍ତ୍ରୀ ଓ ଦୁଇ ପୁତ୍ରସନ୍ତାନକୁ ଛାଡ଼ି ଚାଲିଯାଇଛନ୍ତି। କାପ୍ରି ୧୯୬୯ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ତାଙ୍କ ନେତୃତ୍ୱରେ ୧୯୬୯ରେ ଭାରତୀୟ ବାସ୍କେଟବଲ ଦଳ ଏସିଆରେ ୭ମରୁ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଥିଲେ। ତାଙ୍କ ଅଧିନାୟକତ୍ୱରେ ଭାରତ ୧୯୬୫ରୁ ୧୦୭୮ ମଧ୍ୟରେ ସିରିଜ କ୍ରମାଗତ ବିଜୟ ଲାଭ କରିଥିଲା। ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ସେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିଲେ।


# Classified Everyday
**0674-2580101, 9692975378**


**AUTOMOBILE**
**SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254


**REAL ESTATE**
**SALE**

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited SPA by expert female therapist. 9114559860. D-76907

Newly open Jyoti SPA positively health benefits (Expert therapist). 8458067955. D-76908

Positivelyhealthbenefited spa by expert female therapist, Bapujinagar. 8018429809 D-76906

**AFFIDAVIT**

By virtue of an affidavit CF No.-582, dated 10.4.2025 sworn before the Executive Magistrate, Kuchinda, I, Ashman Patel, Mob No.6370777415, R/o. Village- K.Jamankira, P.S.- Mahulpali, Dist.- Sambalpur, Odisha, PIN- 768227 declare that I have changed my name from Ashman Kumar Patel to Ashman Patel. Now onwards I shall be known as Ashman Patel for all future purposes. D-123

By virtue of an affidavit sworn before the Executive Magistrate, Dharmasala, dated- 08.04.2025, Indramani Malik, At- Pratappur, P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Paritis Mallik to Pratyush Malik. Henceforth, he shall be known as Pratyush Malik for all future purposes. Indramani Malik. D-119

ମୁଁ, ଭଗବାନ ପାତ୍ର, ପି- ସ୍ୱର୍ଗତ ହାଡ଼ିବନ୍ଧୁ ପାତ୍ର, ଜାତି କୁମୁଟି, ସା/ପୋ- ରଙ୍ଗଣୀପାଟଣା, ଥାନା- ଓଡ଼ଗାଁ, ଜିଲ୍ଲା- ନୟାଗଡ଼, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓଡ଼ଗାଁଙ୍କ ନିକଟରେ ସତ୍ୟପାଠ ଦ୍ୱାରା ଜଣାଉଛି ଯେ, ୩।୯।୧୯୮୩ ତାରିଖଠାରୁ ମୋ ଆଈ ମୋତେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବାରୁ ସେହିଦିନଠାରୁ ମୋର ନାମ ଭଗବାନ ସୁବୁଦ୍ଧି, ପି-କାଶୀନାଥ ସୁବୁଦ୍ଧି, ମାତା- ରୂପା ସୁବୁଦ୍ଧିଙ୍କର ପୁତ୍ର ରୂପେ ବିବେଚିତ ହୋଇ ଆସୁଛି। ବର୍ତ୍ତମାନ ଏହି ଘୋଷଣାନାମା ପ୍ରକାଶ କରୁଛି କି, ମୋର ନାମ ଭଗବାନ ପାତ୍ର, ପିତା- ହାଡ଼ିବନ୍ଧୁ ପାତ୍ର ବଦଳରେ ସର୍ବତ୍ର ଭଗବାନ ସୁବୁଦ୍ଧି, ପିତା- କାଶୀନାଥ ସୁବୁଦ୍ଧି, ମାତା ରୂପା ସୁବୁଦ୍ଧି ରୂପେ ବିବେଚିତ ହୋଇ ମୋର ନାମ ଭଗବାନ ସୁବୁଦ୍ଧି ସ୍ୱାକ୍ଷର କରୁଅଛି। ଧ-୧୨୫

I, Benar Patra, R/o. Village- Dhekunkupa, P.O.- Nunpur, P.S.- M. Rampur, Dist.- Kalahandi declare by this affidavit No.- 2025, dated 09.04.25 that I have changed my daughter's name from Mancini Patra to Nandini Patra. Now onwards she shall be known as Nandini Patra for all future purposes. D-114

I, Neemisha Rani Nanda, D/o- Basanta Nanda, R/o. At- Chandrapur, P.O.- Jarasingha, P.S.- Deogaon, Dist.- Balangir, Odisha, PIN- 767067 declare by this affidavit No. 2413, dated 03.03.25 that I have changed my name from Nimisarani Nanda to Neemisha Rani Nanda. Now onwards I shall be known as Neemisha Rani Nanda for all future purposes. D-113

By virtue of an affidavit sworn before the Executive Magistrate, Dhenkanal, dated- 07.04.2025, I, Swarnalata Sahoo, Address: At-Deogaon, P.O.-Kapilash, P.S.- Gondia, Dist.-Dhenkanal, PIN-759016, declare that I have changed my name from Swarnalata Mohapatra to Swarnalata Sahoo. Henceforth, I shall be known as Swarnalata Sahoo for all future Purposes. D-76810

By virtue of an affidavit sworn before Executive Magistrate, Bhubaneswar, date 09.04.2025, I, Rajakishor Srichandan, Address: At/P.O.- Mendhasal, P.S.- Chandaka, Dist.- Khurdha, declare that I have changed my daughter's name from DIBYASHREE SRICHANDAN to DIVYASHREE PRIYADARSHINI. Henceforth, she shall be known as DIVYASHREE PRIYADARSHINI for all purposes. Rajakishor Srichandan D-89

By virtue of an affidavit sworn before Executive Magistrate, Bhubaneswar, date 07.04.2025, I, Tapas Kumar Mallik, Address: At/P.O.- Kuanarpur, P.O.- Bhera, P.S.- Salipur, Dist.- Cuttack, declare that I have changed my daughter's name from Krishan Priyadarshini Mallik to Sudeshna Priyadarshinee. Henceforth, she shall be known as Sudeshna Priyadarshinee for all purposes. Tapas Kumar Mallik D-116

By virtue of an affidavit sworn before Executive Magistrate, Puri, dated 02.04.2025, I, Srimati Swain, At- Basukera, P.O.- Sakhigopal, P.S.- Satyabadi, Dist.- Puri, PIN-752014, declare that I have changed my name from Swarnalata Dei to Srimati Swain. Henceforth, I shall be known as Srimati Swain for all purposes. Srimati Swain D-117

By this affidavit sworn before the Notary Public, Birmaharajpur, I, Rusudh Samal, R/o. Village- Kardapal, P.O.- Mursundhi, P.S.- Birmaharajpur, Dist.- Subarnapur declare that in Aadhaar Card bearing No.xxxx xxxx 9541 my son's name has been wrongly mentioned as Maheswar Samal, S/o- Rushadha Samal instead of Pritam Samal, S/o- Rusudh Samal. Now I have changed his name to Pritam Samal, S/o- Rusudh Samal for all future purposes. D-124

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Biswajit Barpanda, S/o-Narasingh Barpanda, aged about 54 years, R/o-Matru Vihar, Danipali Near Sai Mandir, P.O.-Budharaja, P.S.-Ainthapali, Dist.- Sambalpur-768004, in the State of Odisha, solemnly declare that I have Changed my Name as Biswajit Badpanda vide affidavit No.- 16AA 549329 before the Notary Sambalpur, dated- 03.03.2025. Now onwards I shall be known as Biswajit Badpanda for all future purpose. D-122

Before the Notary Public, Athagarh, I, Biswabhusan Barik, aged about 46 years, S/o- Late Brajasundar Barik, At- Champapur, P.O.- Mahakalabasta, P.S.- Khuntuni, Dist.- Cuttack hereby declare that the power of Attorney holder namely Pabitra Mohan Sahu and Biswaranjan Barik Vide e-registration document No.- 40402301450 on dated- 03.05.2023, before the SRO, Athagarh has been cancelled/ revoked as per deed of revocation of power of Attorney vide e- registration document No.- 40402500643, dated- 27.03.2025. Athagarh date- 07.04.2025 Biswabhusan Barik D-126

I, Kalpana Manjari Singh, W/o- Akshaya Kumar Swain, resident of Plot No.-18, Sai Nivas, Near NH, Indira Housing Colony, P.O.- Old Town, P.S.-Sri Lingaraj, Bhubaneswar, Dist.- Khordha, PIN-751002, Odisha declare by this affidavit No.- C.F./92 dtd. 07.04.2025 that now onwards I shall be known as Kalpana Swain for all future purposes. D-76440

I, Anjela Dhanwar, aged about 34 years, W/o- Late Sachin Dhanwar, resident of Village-Junani, P.O.- Rangiatikra, P.S.- Govindpur, Dist.- Sambalpur, Odisha do hereby Solemnly affirm and declare as under- I have Aadhaar Card vide No.-XXXX XXXX 8415 in which my name has been wrongly mentioned as Anjali Dhanwar.That Anjela Dhanwar and Anjali Dhanwar denotes to one and same person, i,e myself.
Anjela Dhanwar D-127

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏଧୋବୁଣି ନାହାକ**
ଆବିର୍ଭାବ: ୦୧।୦୧।୧୯୪୫
ତିରୋଧାନ: ୦୧।୦୪।୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗା/ହତଭାଗିନୀ:
ଚିତ୍ତରଞ୍ଜନ ନାହାକ, ତପସ୍ୱିନୀ ନାହାକ, ରାମଚନ୍ଦ୍ର ନାହାକ, ବାସନ୍ତି ନାହାକ, ଦେବକୀ ନାହାକ, ସମାପ୍ତି ନାହାକ, ବନ୍ଧୁ ଓ ପରିବାରବର୍ଗ
ଧ-୧୧୨

**2nd Death Anniversary**
**In Treasured Memory of**



**NARENDRA PRASAD DAS**
**18.10.1936 to 11.04.2023**
"Baba" – We continue to love you every moment of our lives. Your presence surrounds us and your love is still our guide. With each passing day, we fondly recall the moments shared, finding solace in the enduring love you bestowed upon us. We miss you…
**Fondly Remembered by:**
**Arihant, Abhijat, Nirali, Biswajit (Tutu), Mamata, Niyati, Family & Friends.**
ଧ-୧୧୮


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସବୁଜିମା ପାଣିଓହଳା ପାହାଡ଼ ଜଙ୍ଗଲ ଜଳିଲା

ଢେଙ୍କାନାଳ, ୧୦।୪ (ରତନ ନାୟାର)


ସବୁଜିମା ପାଣିଓହଳା ପାହାଡ଼ ଜଙ୍ଗଲ ହୁ ହୁ ହୋଇ ଜଳୁଛି

ଢେଙ୍କାନାଳ ସହରକୁ ଲାଗିଥିବା ସବୁଜିମା ପାଣିଓହଳା ପାହାଡ଼ ଜଙ୍ଗଲରେ ଗୁରୁବାର ପୂର୍ବାହ୍ନରେ ଭୟଙ୍କର ନିଆଁ ଲାଗିଥିଲା। ନିଆଁ ଧୀରେ ଧୀରେ ପାହାଡ଼ ଉପରକୁ ଉଠୁଥିବା ଦେଖାଯାଇଥିଲା। ନିଆଁ ଲାଗିବାର କାରଣ ଜଣା ପଡ଼ି ନଥିବା ବେଳେ କୌଣସି ଶିକାରୀ ଶିକାର ଉଦ୍ଦେଶ୍ୟରେ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ଖବରପାଇ ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥା ପହଞ୍ଚି ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ବ୍ଲୋୟର ମେସିନ୍ ମାଧ୍ୟମରେ ନିଆଁ ଲିଭାଇବା ପାଇଁ ଉଦ୍ୟମ ଜାରି ରଖିଥିଲେ। ନିଆଁର ମାତ୍ରା ଅଧିକ ଥିବାରୁ ବନବିଭାଗ କର୍ମଚାରୀମାନେ ନାକେଦମ ହୋଇଯାଇଥିଲେ। ବାତ୍ୟା ବା ଭୟଙ୍କର ପବନ ସମୟରେ ପାଣିଓହଳା ପାହାଡ଼ ଢେଙ୍କାନାଳ ସହରର ରକ୍ଷା କବଚ ବୋଲି କୁହାଯାଉଥିବା ବେଳେ ଜଙ୍ଗଲ ଜଳିବାରୁ ବହୁ ପ୍ରଜାତିର ଜୀବଜନ୍ତୁଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି ଯେ, କେହି ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ଯେହେତୁ ପାହାଡ଼ ଉପରକୁ ନିଆଁ ଧରିଦେଇଥିଲା ତେଣୁ ଲିଭାଇବା ପାଇଁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ଅପରାହ୍ନ ୩ଟା ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଛି।

## ମଙ୍ଗଳବାର ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର

ଢେଙ୍କାନାଳ, ୧୦।୪ (ରତନ ନାୟାର)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ମଙ୍ଗଳବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତି ରହି ଆପତ୍ତି ଅଭିଯୋଗ ଶୁଣାଣି କରିବେ। ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ। ଅଭିଯୋଗକାରୀମାନେ ନିଜ ଅଭିଯୋଗଗୁଡିକ ଓଡିଶା ସରକାରଙ୍କ ଜନ ଶୁଣାଣି ପୋର୍ଟାଲରେ ଶୁକ୍ରବାର ୧୧ ତାରିଖ ସକାଳ ୧୧ଟାରୁ ୧୨ ତାରିଖ ଶନିବାର ରାତି ୧୧.୫୯ ମିନିଟ ସମୟ ମଧ୍ୟରେ ପଞ୍ଜିକରଣ ଓ ସ୍ଲଟ ବୁକିଂ କରିବା ସହିତ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଅଂଶୁଘାତଜନିତ ସଚେତନତା



ପରଜଙ୍ଗ, ୧୦।୪ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ସ୍ଥିତ ମହେଶ୍ୱନ୍ଦ୍ର ସୁବାହୁ ସିଂ ନୋଡାଲ ବିଦ୍ୟାପୀଠରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣୀ କବିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ତହସିଲଦାର ଶୁଦେବ କୁମାର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ବିଦ୍ୟାପୀଠ ର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ଓ ସହ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ଜନିତ ସତର୍କ କରାଇଥିଲେ। ଅଂଶୁଘାତ ସନ୍ଦେହ ହେଲେ ୧୦୮ ଆମ୍ବୁଲାନ୍ସ ସେବାର ଉପଯୋଗ କରି ତୁରନ୍ତ ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ମଦ୍ୟପାନ, ଧୂମପାନ ଓ କଫି ଜାତୀୟ ପାନୀୟଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ପରେ ବିଦ୍ୟାଳୟର ପିଲାଙ୍କୁ ନେଇ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ସ୍ଲୋଗାନ ଦିଆଯାଇ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବଜାର ପରିକ୍ରମା କରି ସତର୍କ କରାଇ ସଚେତନତା ପତ୍ର ବଣ୍ଟନ କରିଥିଲେ।

## ନଟରାଜ ଅନୁଷ୍ଠାନର କୋଷାଧ୍ୟକ୍ଷଙ୍କ ପରଲୋକ

ଢେଙ୍କାନାଳ, ୧୦।୪ (ରତନ ନାୟାର)

ଢେଙ୍କାନାଳ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ କୋଷାଧ୍ୟକ୍ଷ ତଥା ଗଣେଶ ବଜାର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ପ୍ରଣବାନନ୍ଦ ଦାସଙ୍କର



ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୬୩ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ କୃଷ୍ଣକୁମାର ମିଶ୍ର, ନବୀନଚନ୍ଦ୍ର ନାରାୟଣ ଦାସ, ମହାବୀର ତ୍ରିପାଠୀ, ସତ୍ୟନାରାୟଣ କର, ମଧୁସୂଦନ ରାଉତ ପ୍ରମୁଖ ଜୟଗୋପାଳ ସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ଅନୁଷ୍ଠାନର ଉପଦେଷ୍ଟା ତଥା ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ଓ ପୂର୍ବତନ ଏମ୍‌ପି ମହେଶ ସାହୁ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ସୁଆଗୀ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ରାୟନୃସିଂହପୁରରେ ଲୋକକଳା ପାଇଁ ଦିନଟିଏ

ଢେଙ୍କାନାଳ, ୧୦।୪ (ରତନ ନାୟାର)

**ଗ୍ରାମ ପରିକ୍ରମା ସହିତ କଳାକାରଙ୍କୁ ସମ୍ବର୍ଦ୍ଧନା**

ଓଡିଆ ପକ୍ଷ ପାଳନ ଅବସରରେ ଗୁରୁବାର 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ଗ୍ରାମରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି । ଜିଲାପାଳ ତଥା ଜିଲା କଳା ସଂସ୍କୃତି ସଂଘର ସଭାପତି ସୋମେଶ କୁମାର ଉପାଧ୍ୟାୟ, ସାଂସ୍କୃତିକ ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଜିଲା ପ୍ରଶାସନ ଓ କଳା ସଂସ୍କୃତି ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲୋକକଳା ଗ୍ରାମର ଶତାଧିକ କଳାକାରଙ୍କୁ ନେଇ ଗ୍ରାମ ପରିକ୍ରମା ହୋଇଥିଲା । ଏହି କାର୍ଯ୍ୟକ୍ରମ ବେଳେ ଗ୍ରାମର ପ୍ରତ୍ୟେକ ଘର ଆଗରେ ଗୋବରରେ ଲିପି ଶୁଭ କଳସ ବସାଇ ମା'ମାନେ ଶୁଭ ମନାସୀ ଥିଲେ । କାର୍ଯ୍ୟକ୍ରମକୁ ଉଦଘାଟନ କରି ଜିଲାପାଳ କହିଲେ ଓଡ଼ିଶାର ସଂସ୍କୃତି ଏବଂ କଳା ଅତୀବ ଗରିୟାନ । ଯାହାର ନିଛକ ନିଦର୍ଶନ ଆମ ଗ୍ରାମମାନଙ୍କରେ ରହିଛି । ଏହାର ବିକାଶ ଏବଂ ପ୍ରଚାର ପ୍ରସାର ସହିତ ନୂଆ ପିଢ଼ିମାନଙ୍କୁ ଏହି ସଂସ୍କୃତି ସହିତ ଯୋଡିବା ପାଇଁ ଏପରି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିଥିଲେ । ପରେ ରାୟନୃସିଂହପୁର କଲ୍ୟାଣ ମଣ୍ଡପରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଓଡ଼ିଶା ସରକାରଙ୍କ ପ୍ରଶଂସନୀୟ ଉଦ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, କାମାକ୍ଷାନଗର ଉପଜିଲାପାଳ ଦିନମଣୀ ନାୟକ, କାମାକ୍ଷାନଗରର ବିଡିଓ ପ୍ରଭୁକଲ୍ୟାଣ ଦାସ, କାମାକ୍ଷାନଗର ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ସଂପାଦକ ଅଜିତ କୁମାର ତ୍ରିପାଠୀ, ସମିତି ସଭ୍ୟା ପ୍ରବୀଣା ଖିଲାର, ସାରୁଆଳି ସରପଞ୍ଚ ମଦନ ଚନ୍ଦ୍ର ବେହେରା, ମହୁଲପାଳ ସମିତି ସଭ୍ୟ ସୁଶାନ୍ତ ପଟ୍ଟନାୟକ, ବିଧାୟକ ପରଜଙ୍ଗ ପ୍ରତିନିଧି ମୀନକେତନ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କଳା ଓ ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ରାୟନୃସିଂହପୁରର ସରପଞ୍ଚ ଶିଶିରକାନ୍ତ ବେହେରା ସ୍ୱାଗତ ଭାଷଣ ଏବଂ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ଲଳିତ କୁମାର ସାହୁ, କାମାକ୍ଷାନଗର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ବିଭୁତି ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଜିଲାର ଏବଂ ସଂପୃକ୍ତ ଲୋକକଳା ଗ୍ରାମର ବହୁବରିଷ୍ଠ ଏବଂ ବିଶିଷ୍ଟ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶକ୍ତି ସଂରକ୍ଷଣ ବୈଠକ

ଢେଙ୍କାନାଳ, ୧୦।୪ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗଡରେ ଶକ୍ତି ସଂରକ୍ଷଣ ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ୍ ଓ ପରିବେଶବିତ୍ ବିଜୟ କୁମାର ସାମନ୍ତ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ ଇନଚାର୍ଜ ଅଭୟ କୁମାର ଶତପଥୀ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଆଲୋଚନା ପରିସରକୁ ଗାରିମାମୟ କରିଥିଲେ। ପରେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା ।

## ୧୯ରେ ଜିଲାସ୍ତରୀୟ ନିଯୁକ୍ତିମେଳା

ଢେଙ୍କାନାଳ, ୧୦।୪ (ରତନ ନାୟାର)

ଓଡ଼ିଶା ଦକ୍ଷତା ବୃଦ୍ଧି ପ୍ରାଧୀକରଣ ଆନୁକୂଲ୍ୟରେ ଜିଲା ପ୍ରଶାସନ ସହଯୋଗରେ ଆସନ୍ତା ୧୯ ତାରିଖ ଶନିବାର କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ୫ମ ଶ୍ରେଣୀ ପାସଠାରୁ ୧୦ମ, +୨, +୩, ଆଇଟିଆଇ, ଡିପ୍ଲୋମା, ଏଏନଏମ, ଜିଏନଏମ, ବି. ଟେକ ପାସ ଓ ବୟସ ସୀମା ୧୫ରୁ ଊର୍ଦ୍ଧ୍ୱ ହୋଇଥିବା ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିପାରିବେ। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସେକ୍ଟରରେ ସୁଯୋଗ ଥିବା ନିଯୁକ୍ତିଦାତା ସଂସ୍ଥା, ସରକାରଙ୍କ ସହ ଚୁକ୍ତିବଦ୍ଧିତ ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନକାରୀ ସଂସ୍ଥା ଓ ଶିଳ୍ପ ତାଲିମ ଶିକ୍ଷା ଅନୁଷ୍ଠାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଣୁ ଢେଙ୍କାନାଳ ଜିଲାର ସମସ୍ତ ନିଯୁକ୍ତି ଆଶାୟୀ ଯୁବତୀ ଓ ଯୁବକମାନଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାରକାର୍ଡ ସହିତ ଉକ୍ତ ମେଳାରେ ସକାଳ ୮ଟାରୁ ଦିବା ୧ ଟା ମଧ୍ୟରେ ଯୋଗଦେବା ପାଇଁ ଜିଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି।

## ପିଏମ୍‌ଶ୍ରୀ ସାରଙ୍ଗଧର ହାଇସ୍କୁଲର ବାର୍ଷିକ ଉତ୍ସବ



କାମାକ୍ଷାନଗର, ୧୦।୪ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗରର ସର୍ବପୁରାତନ ପିଏମ୍‌ଶ୍ରୀ ସାରଙ୍ଗଧର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲ ଐତିହ୍ୟ ବିଷୟରେ କହିବା ସହ ଆଗକୁ ଏହି ସ୍କୁଲ କିପରି ତା'ର ଗାରିମାକୁ ବଞ୍ଚାଇ ରଖିବ ଓ ପାଠପଢା କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିପାରିବେ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାସ, ସହକାରୀ ଜିଲାପାଳ ଦିପକ କୁମାର ମିଶ୍ର, ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ସରୋଜ କୁମାର ସାହୁ, ପଞ୍ଚସଖା ଶିକ୍ଷାସେତୁର ସଭାପତି ଅଶ୍ୱିନୀ ମହାପାତ୍ର, କାନପୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟପ୍ରାଣୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ଲକ୍ଷ ମିଳିବ

ଢେଙ୍କାନାଳ, ୧୦।୪ (ରତନ ନାୟାର)

ବନ୍ୟପ୍ରାଣୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ମିଳିବ ବୋଲି କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କୁ ଗତ ୨୮ ତାରିଖରେ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଲୋକସଭାରେ ୭.୨.୨୦୨୫ରେ ବନ୍ୟପ୍ରାଣୀ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାର ଉତ୍ତରରେ କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଢେଙ୍କାନାଳ ଏମ୍‌ପିଙ୍କୁ ପ୍ରଦାନ କରିଥିବା ପତ୍ରରେ ଜଣାଇଛନ୍ତି ଯେ, ବନ୍ୟପ୍ରାଣୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ଲକ୍ଷ, ସାମାନ୍ୟ ଆହତଙ୍କୁ ଚିକିତ୍ସା ପାଇଁ ୨୫ହଜାର ଓ କ୍ଷୟକ୍ଷତି ସମ୍ପର୍କରେ ନିୟମ ଅନୁଯାୟୀ ଆକଳନ ପରେ ଅର୍ଥ ପ୍ରଦାନ କରାଯିବ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପର୍ଯ୍ୟାବରଣ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଜଣାଯାଇଛି ବୋଲି ସୂଚନା ଦେଇଛନ୍ତି। ଏଥିସହିତ ବନ୍ୟପ୍ରାଣୀଙ୍କ ପାଇଁ ଆବାସ ବ୍ୟବସ୍ଥା କରିବା ନିମନ୍ତେ ବନ୍ୟପ୍ରାଣୀ ଆବାସ ବିକାଶ ଯୋଜନା ଲାଗୁ କରାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ପତ୍ର ମାଧ୍ୟମରେ ଜଣାଇଥିବା ଏମ୍‌ପି ରୁଦ୍ର ନାରାୟଣ ପାଣି ସୂଚନା ଦେଇଛନ୍ତି ।

## ଭାପୁର ମେଡିକାଲ ଅବ୍ୟବସ୍ଥାକୁ ନେଇ ଆମରଣ ଅନଶନ



ଆମରଣ ଅନଶନରେ ବସିଛନ୍ତି ଅଞ୍ଚଳବାସୀ।

ଢେଙ୍କାନାଳ, ୧୦।୪ (ରତନ ନାୟାର)

ଢେଙ୍କାନାଳ ଛଦେଶ ବିକାଶ ପରିଷଦ ପକ୍ଷରୁ ଗୁରୁବାର ଭାପୁର ଡାକ୍ତରଖାନାର ବିଭିନ୍ନ ଅବ୍ୟବସ୍ଥାର ତୁରନ୍ତ ସମାଧାନ ଦାବିରେ ଡାକ୍ତରଖାନା ପରିସରରେ ଆମରଣ ଅନଶନ ଆରମ୍ଭ କରାଯାଇଛି। ସ୍ଥାୟୀ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ ନିଯୁକ୍ତି, ଲ୍ୟାବ୍ ବ୍ୟବସ୍ଥା, ୨୪ଘଣ୍ଟା ଡାକ୍ତର ଓ ଷ୍ଟାଫ୍ ନିଯୁକ୍ତ, ଡାକ୍ତରଖାନା ପରିସରର ସୌନ୍ଦର୍ଯ୍ୟକରଣ, ଜାଗା ସମସ୍ୟାର ସମାଧାନ, ଲେବର ରୁମର ଉନ୍ନତିକରଣ ଆଦି ଦାବିରେ ଏହି ଅନଶନ ହୋଇଥିଲା। ସମାଜସେବୀ ରାଜୀବ ଲୋଚନ ସିଂହଦେଓ, ଶୁଭ ପ୍ରସାଦ ପଣ୍ଡା, ଗଗନ ବିହାରୀ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଅନଶନରେ ବସିଥିଲେ । ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିଳମଣୀ ଦିଲୀପଚାନ୍ଦ ବେହେରା, ସଦର ତହସିଲଦାର ସ୍ୱାଧୀନ କୁମାର ବେହେରା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପୋଲିସ ଉପସ୍ଥିତିରେ ଅନଶନକାରୀଙ୍କୁ ବୁଝାସୁଝା କରିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ଟ୍ରେନ୍ ଧକ୍କାରେ ରେଳ କର୍ମଚାରୀଙ୍କ ମୃତ୍ୟୁ

ଓଡ଼ାପଡ଼ା, ୧୦।୪ (ରଞ୍ଜିତ ନାୟକ)



ହିନ୍ଦୋଳ ରୋଡ ରେଳ ଷ୍ଟେସନ ନିକଟରେ ଗୁରୁବାର ସକାଳ ସାଢ଼େ ୬ଟା ସମୟରେ କାର୍ଯ୍ୟରତ ରେଳ କର୍ମଚାରୀ ଅମରେନ୍ଦ୍ର ପରିଡ଼ା (୫୩)ଙ୍କ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଛି। ଅମରେନ୍ଦ୍ର ଟ୍ରେନ ଲାଇନ ରେଳଧାରଣା ତନଖି କରି ଯାଉଥିବା ବେଳେ ତାଳଚେରରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନ ଧକ୍କାରେ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଥିବା ଜଣାପଡିଛି।

## ବାଞ୍ଛେଶ୍ୱର ନାଟ୍ୟ ପରିଷଦ ପକ୍ଷରୁ ଗୁରୁଙ୍କୁ ସମ୍ବର୍ଦ୍ଧନା



ପରଜଙ୍ଗ, ୧୦।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଗ୍ରାମର ବାଞ୍ଛେଶ୍ୱର ନାଟ୍ୟପରିଷଦ ପକ୍ଷରୁ ବୁଧବାର ସନ୍ଧ୍ୟାରେ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଏକ ଗୁରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରଦିପ୍ତ କୁମାର ସାମନ୍ତ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ଶାନ୍ତନୁ କୁମାର ସାମଲ, ବାର ଆସୋସିଏଶନର ସଭାପତି ଅଶୋକ କୁମାର ଦଳବେହେରା ଓ ପୂର୍ବତନ ସଭାପତି ପ୍ରଦିପ କୁମାର ସାହୁ ଯୋଗଦେଇଥିଲେ। ଏହି ସଭାରେ ନାଟ୍ୟ ପରିଷଦର ବରିଷ୍ଠ କଳାକାର ଗୋକୁଳାନନ୍ଦ ଖିଲାର ଓ ଅଜୟ କୁମାର ବେହେରା, ନାଟ୍ୟ ନିର୍ଦ୍ଦେଶକ ପ୍ରଦିପ୍ତ କୁମାର ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ କଳାକାର ସର୍ବେଶ୍ୱର ଦଳବେହେରା, ନୃସିଂହ ଚରଣ ବେହେରା ଓ ବିଦ୍ୟାଧର ସେଠୀ ମିଳିତ ଭାବେ ବାର ଆସୋସିଏସନ ସଭାପତି ଓ ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାକୁ ନାଟ୍ୟ ପରିଷଦର ଯୁବ କଳାକାର ସନ୍ତୋଷ କୁମାର ସାହୁ ପରିଚାଳନା କରିଥିବାବେଳେ ସର୍ବେଶ୍ୱର ଦଳବେହେରା ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ। ଯୁବ କଳାକାର ଅଶୋକ କୁମାର ଦଳେଇ, ଅଭିନାଶ ବେହେରା, ଦୁଷ୍ମନ୍ତ ମହାରଣା, ସୁବ୍ରତ କୁମାର ଦଳବେହେରା, ଶାନ୍ତନୁ କୁମାର ଦଳବେହେରା, ଭୀମସେନ ଖଟୁଆ, ଯତୀନ ବଳିୟାରସିଂ, ଶେଷଦେବ ରାଉତ, ହାଡିବନ୍ଧୁ ଦଳବେହେରା, ବରିଷ୍ଠ କଳାକାର ଗୋକୁଳାନନ୍ଦ ଖିଲାର ଓ ଅଜୟ କୁମାର ବେହେରାଙ୍କ ସମସ୍ତ କଳାକାର ଉପସ୍ଥିତ ଥିଲେ।

## ୫୦ ହଜାର ଯୌତୁକ ପାଇଁ ହତ୍ୟା ଅଭିଯୋଗ

**ମହିଳାଙ୍କ ମୃତଦେହ ଜବତ ଘଟଣା**

**■୫ ଜଣଙ୍କ ନାମରେ ମାମଲା ରୁଜୁ**

ପରଜଙ୍ଗ, ୧୦।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇ କାଟେଣୀ ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ବୁଧବାର ମଧ୍ୟାହ୍ନରେ ପୋଲିସ ଜବତ କରିଥିଲା। ଏହି ଘଟଣା ଏବେ ନୂଆ ମୋଡ଼ ନେଇଛି। ୫୦ ହଜାର ଟଙ୍କା ଅଧିକ ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ପୋଲିସ ୫ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି।


ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୂଚନା ମୁତାବକ, ଗେହ୍ଲେଇ କାଟେଣୀ ଗ୍ରାମର ସନ୍ତୋଷ ନାୟକଙ୍କ ପୁଅ ବିକାଶ ୨ ବର୍ଷ ତଳେ ଜଗତସିଂହପୁର ଜିଲା ଏରସମା ଥାନା ମିର୍ଜାପୁର ଗ୍ରାମର ଗୌରୀ ନାୟକ (୨୨)ଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରଠାରୁ ଉଭୟ ପରିବାର କେହି କାହା ଘରକୁ ଯିବାଆସିବା କରୁନଥିଲେ ସୁଦ୍ଧା ଫୋନ ମାଧ୍ୟମରେ ଗୌରୀ ପରିବାର ଲୋକଙ୍କ ସହ କଥା ହେଉଥିଲେ। ବୁଧବାର ଗୌରୀଙ୍କ ମୃତଦେହ ତାଙ୍କ ଘର ଭିତରୁ ପୋଲିସ ଜବତ କରିଥିଲା। ଗୌରୀଙ୍କ ମା' ଟିକିନା ସେଠୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅକୁ ୫୦ ହଜାର ଟଙ୍କା ଯୌତୁକ ଆଣିବା ପାଇଁ ଅଧିକାଂଶ ସମୟରେ ଝିଅର ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଗାଳି ଗୁଲଜ କରୁଥିଲେ। ବୁଧବାର ସକାଳ ୯ଟାରେ ଗୌରୀ ଫୋନକରି ବାପାଙ୍କୁ କହିଥିଲେ ଯେ, ତୁମେ ଆସି ଏଠାରୁ ମୋତେ ନେଇଯାଅ। ନହେଲେ ମୁଁ ଘରକୁ ନିଜେ ପଳାଇବି। ପରେ ସେ ଘରୁ ପଳାଇ ଆସୁଥିବା ବେଳେ ନଣନ୍ଦ, ଶାଶୁ ଓ ପରିବାର ଲୋକେ ତାଙ୍କୁ ଧରି ଘରେ କବାଟ ଦେଇଦେଇଥିଲେ ବୋଲି ଫୋନ ଯୋଗେ ଗୌରୀ ଜଣାଇଥିଲେ। ପରେ ଝିଅର ମୃତ୍ୟୁ ଘଟିଥିବା ଖବର ପାଇ ଆସି ଦେଖିଲା ବେଳକୁ ଝିଅ ତଳେ ମରିପଡ଼ିଛି। ତା' ନାକରୁ ଏବଂ କାନରୁ ରକ୍ତ ବାହାରୁଛି। ମୁଣ୍ଡରେ ଶକ୍ତ ଆଘାତ ଚିହ୍ନ ରହିଛି। ତେଣୁ ମୋ ଝିଅକୁ ସ୍ୱାମୀ ବିକାଶ, ଶଶୁର ସନ୍ତୋଷ, ଶାଶୁ ବିଳାସ, ନଣନ୍ଦ ସୁନି, ଖୁଡିଶାଶୁ ଓ ପରିବାର ଲୋକେ ମିଶି ହତ୍ୟାକରି ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗୁରୁବାର ସକାଳେ ମାଜିଷ୍ଟ୍ରେଟ ଭାବେ ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନାଙ୍କ ଉପସ୍ଥିତିରେ ଢେଙ୍କାନାଳ ସାଇଣ୍ଟିଫିକ ଟିମ ନମୁନା ସଂଗ୍ରହ କରିଛନ୍ତି। ପରଜଙ୍ଗ ଥାନାଧିକାରୀ ଧିରେନେ କୁମାର ବେହେରା, ଏସଆଇ ରଞ୍ଜିତ ପ୍ରଧାନ, ଅରୁଣି ସାସନୀ, ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପହଞ୍ଚି ମୃତଦେହ ପଞ୍ଚନାମା କରିବା ପରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରି ଶାଶୁଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ Bhubaneswar, Friday, April 11/ 2025

# ଦିଲ୍ଲୀର ବିଜୟ ଧାରା ଜାରି



ଉଇକେଟ ନେବାପରେ ଉଲ୍ଲସିତ ଦିଲ୍ଲୀ ଖେଳାଳି।

**ବେଙ୍ଗାଲୁରୁ,୧୦।୪**

ବୋଲରଙ୍କ ମାପଚୁପ ବୋଲିଂ ଏବଂ ଲୋକେଶ ରାହୁଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହି ବିଜୟ ସହ ଦିଲ୍ଲୀ ଚଳିତ ଲିଗ୍‌ର ଏକମାତ୍ର ଦଳ ଭାବେ ତା'ର ଅପରାଜେୟ ଧାରା ଜାରି ରଖିଛି। ଏହା ଦିଲ୍ଲୀ ପାଇଁ କ୍ରମାଗତ ଚତୁର୍ଥ ବିଜୟ ହୋଇଥିବା ବେଳେ ବେଙ୍ଗାଲୁରୁ ଲାଗି ଏହା ଦ୍ୱିତୀୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁକୁ ଫିଲିପ ସଲ୍ଟ ଓ ବିରାଟ କୋହଲି ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ଉଇକେଟରେ ୩.୫ ଓଭରରେ ୬୧ ରନ କରିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ସଲ୍ଟ ଦୁର୍ଭାଗ୍ୟବଶତଃ ରନ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ସେ ୧୭ ବଲରେ ୪ ଚୌକା ଓ ୩ ଛକା ସହିତ ୩୭ ରନ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ପରେ ବେଙ୍ଗାଲୁରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦେବଦତ୍ତ ପଡିକଲ ୧ ଓ କୋହଲି ୧୪ ବଲରେ ୧ ଚୌକା ଓ ୨ ଛକା ସହିତ ୨୨ ରନ କରି ଆଉଟ ହୋଇଥିଲେ। ଅଧିନାୟକ ରଜତ ପଟିଦାର ୨୩ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ୨୫ ରନ କରି ଆଉଟ ହୋଇଥିଲେ। ଶେଷ ଆଡ଼କୁ ଟିମ ଡେଭିଡ ୨୦ ବଲରେ ୨ ଚୌକା ଓ ୪ ଛକା ସହିତ ୩୭ ରନ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ତାଙ୍କୁ କୃନାଲ ପାଣ୍ଡ୍ୟା ୧୮ (୧ ଚୌକା) ଉପଯୁକ୍ତ ସମର୍ଥନ ପ୍ରଦାନ କରିଥିଲେ। ଫଳରେ ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୫୮ ରନ ମଧ୍ୟରେ ଫାଫ ଡୁ'ପ୍ଲେସିସ (୨), ଜେକ ଫ୍ରେଜର ମ୍ୟାକଗର୍କ (୭) ଓ ଅଭିଶେକ ପୋରେଲ (୭) ଓ ଅଧିନାୟକ ଅକ୍ଷର ପଟେଲ(୧୫)ଙ୍କ ଉଇକେଟ ହରାଇଥିଲା। ଏହାପରେ ଲୋକେଶ ରାହୁଲ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅବିଭାଜିତ ପଞ୍ଚମ ଉଇକେଟରେ ୧୧୧ ରନ ଯୋଡ଼ିଥିଲେ। ରାହୁଲ ୫୩ ବଲରେ ୯୩ (୭ ଚୌକା ଓ ୬ ଛକା) ଓ ଷ୍ଟବ୍ସ ୨୩ ବଲରେ ୩୮ (୪ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୬୩/୭ (ଫିଲ୍ ସଲ୍ଟ-୩୭, ଟିମ ଡେଭିଡ-୩୭*, ରଜତ ପଟିଦାର-୨୫, ବିରାଟ କୋହଲି-୨୨, କୁଲଦୀପ ଯାଦବ-୨/୧୭, ବିପ୍ରଜ ନିଗମ-୨/୧୮)। ଦିଲ୍ଲୀ କ୍ୟାପିଟାଲ୍ସ: ୧୭.୫ ଓଭରରେ ୧୬୯/୪ (ଲୋକେଶ ରାହୁଲ-୯୩*, ଟ୍ରିଷ୍ଟାନ ଷ୍ଟବ୍ସ-୩୮*, ଭୁବନେଶ୍ୱର କୁମାର-୨/୨୬, ସୁୟଶ ଶର୍ମା-୧/୨୫)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)
**ଚେନ୍ନାଇ ବନାମ କୋଲକାତା**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

## ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ୩ ଓଡ଼ିଆ



ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାଗ ନେଇଥିବା ଓଡ଼ିଶାର ୩ ଖେଳାଳି।

**ଭୁବନେଶ୍ୱର,୧୦।୪ (ଅନାଦି କର)**

ଆଜିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ହଂକଂରେ ହେବାକୁ ଥିବା ହୁଇଲ ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାରତ ପକ୍ଷରୁ ଓଡ଼ିଶାର ୩ ଜଣ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଭି ରମେଶ ରାଓ, ରାଖାଲ କୁମାର ସେଠୀ ଓ ମାଳତୀ ପାନାଉରେ। ସମସ୍ତେ ବ୍ୟକ୍ତିଗତ ଇଭେଣ୍ଟରେ ଭାଗ ନେବେ। ଏମାନେ ସମସ୍ତେ ଉଚ୍ଚସ୍ତରର ଖେଳ ପ୍ରଦର୍ଶନ କରି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍ସିଂ ଓଡ଼ିଶାର ଚେୟାରପର୍ସନ ବେଲା ଜୟସ୍ୱାଲ ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମଧ୍ୟ ପ୍ରଦେଶ, କର୍ଣ୍ଣାଟକ କ୍ୱାର୍ଟରରେ

**ଝାନ୍‌ସୀ, ୧୦।୪ (ପି.ଟି.)**

ହକି ମଧ୍ୟ ପ୍ରଦେଶ ଓ ହକି କର୍ଣ୍ଣାଟକ ଏଠାରେ ଚାଲିଥିବା ୧୫ତମ ହକି ଇଣ୍ଡିଆ ପୁରୁଷ ଜାତୀୟ ସିନିୟର ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଡିଭିଜନ 'ଏ'ରେ ମଧ୍ୟ ପ୍ରଦେଶ ୩-୨ରେ ହକି ପଞ୍ଜାବକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଅଧିନାୟକ ୟୁସୁଫ ଆଫାନ (୪ର୍ଥ ମିନିଟ) ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ମୋହିତ କର୍ମା (୧୮ତମ) ଓ ସଦାମ ଅହମଦ (୪୫ତମ) ପଛକୁ ପଛ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଫଳରେ ଏକଦା ମ୍ୟାଚ ଏକତରଫା ହେବ ବୋଲି ମନେ ହେଉଥିଲା। ମାତ୍ର ହକି ପଞ୍ଜାବ ଲଢୁଆ ପ୍ରଦର୍ଶନ ସହ ଅରାଇଜିତ ସିଂ ହୁଣ୍ଡାଲ (୫୪ତମ) ଓ ଗୁରସାହିବଜିତ୍ ସିଂ (୫୬ତମ)ଙ୍କ ଜରିଆରେ ଦୁଇଟି ଗୋଲ କରିବାରେ ସମର୍ଥ ହୋଇଥିଲା। ଏହି ସହ ମଧ୍ୟ ପ୍ରଦେଶ ବିଜୟ ସହ ପୁଲ୍ 'ଏ'ରେ ପ୍ରଥମ ସ୍ଥାନ ବଜାୟ ରଖି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇ ପାରିଥିଲା। ଡିଭିଜନ 'ଏ'ର ଅନ୍ୟ ଏକ ମ୍ୟାଚରେ ହକି କର୍ଣ୍ଣାଟକ ୩-୨ ଗୋଲ୍‌ରେ ପୁଡୁଚେରୀକୁ ହରାଇ ଦେଇଥିଲା। ଅଧିନାୟକ ମହମ୍ମଦ ରାହିଲ ୧୨ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ପୁଡୁଚେରୀର ଟି. ଅରୁଣ କୁମାର (୨୭ତମ) ଓ ପି. ମହେନ୍ଦ୍ରନ (୩୭ତମ) ଗୋଲ୍ ସ୍କୋର କରି ମ୍ୟାଚକୁ ତାଙ୍କ ଦଳ ସପକ୍ଷକୁ ନେଇ ଆସିଥିଲେ। ମାତ୍ର ପରେ ଶିଶି ଗୌଡ଼ା (୫୮ତମ ଓ ୬୦ତମ) ଦୁଇଟି ଗୋଲ କରି କର୍ଣ୍ଣାଟକକୁ ବିଜୟୀ କରାଇଥିଲେ।

## ସିଏସ୍‌କେର ନେତୃତ୍ୱକୁ ଫେରିଲେ ଧୋନୀ

**ଚେନ୍ନାଇ,୧୦।୪(ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ନିୟମିତ ଅଧିନାୟକ ଋତୁରାଜ ଗାଏକ୍ୱାଡ ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃତ୍ୱ ନେବେ। ତେବେ ଋତୁରାଜଙ୍କ ଏଲବୋ ଫ୍ରାକଚର ହୋଇଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଖେଳାଯିବାକୁ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ



### ଗାଏକ୍ୱାଡ ଆହତ

ମ୍ୟାଚ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଏସ୍‌କେର ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ଏହା କହିଛନ୍ତି।

ଗତ ୩୦ ତାରିଖରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ତୁଷାର ଦେଶପାଣ୍ଡେଙ୍କ ଏକ ବଲ ୨୮ ବର୍ଷୀୟ ଗାଏକ୍ୱାଡଙ୍କ ଏଲବୋ ବାଜିଥିଲା। ଏହାପରେ ବି ସେ ଦୁଇଟି ମ୍ୟାଚରେ ଖେଳିଥିଲେ। କିନ୍ତୁ ସ୍କାନରୁ ଫ୍ରାକଚର ସ୍ପଷ୍ଟ ହୋଇଛି। ୫ ମ୍ୟାଚରେ ୪ ପରାଜୟ ସହ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଥିବା ଦଳ ପାଇଁ ଏହି ଆହତ ସମସ୍ୟା ଏକ ଶକ୍ତ ଧକ୍କା ସଦୃଶ। ଗାଏକ୍ୱାଡ ଗତ ୪ରୁ ୩ ଆଇପିଏଲ୍ ସିଜନରେ ସିଏସ୍‌କେ ଲାଗି ସର୍ବାଧିକ ରନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସିଏସ୍‌କେ ଆଇପିଏଲ୍‌ରେ ୨୬୮ ମ୍ୟାଚ ଖେଳିଥିବା ବେଳେ ଧୋନୀ ୨୩୫ ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ସିଏସ୍‌କେ ୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩ରେ ଆଇପିଏଲ୍ ସହ ଦୁଇଟି ଚାମ୍ପିୟନ୍ସ ଲିଗ୍ ଟି୨୦ ଟ୍ରଫି ଜିତିଥିଲା।

## ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ମହିଳା ହକି ଦଳ

**ନୂଆଦିଲ୍ଲୀ, ୧୦।୪ (ପି.ଟି.):** ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ଏପ୍ରିଲ ୨୬ରୁ ମେ ୪ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳିବ। ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ସେମାନେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ୩ଟି ମ୍ୟାଚ ଖେଳିବେ। ଟୁର୍ ବେଳେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ପଛକୁ ପଛ ମ୍ୟାଚ ଏପ୍ରିଲ ୨୬ ଓ ୨୭ରେ ଖେଳାଯିବ। ପରେ ବିଶ୍ୱ ୫ ନମ୍ବର ଦଳ ଅଷ୍ଟ୍ରେଲିଆ ସିନିୟର ଦଳ ସହିତ ତିନୋଟି ମ୍ୟାଚ ମେ ୧, ୩ ଓ ୪ରେ ଖେଳାଯିବ। ଏହି ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଆସନ୍ତା ଜୁନ୍‌ରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ୨୦୨୪-୨୫ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ନବମ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତ ଏହି ସିରିଜ ପୂର୍ବରୁ ଭୁବନେଶ୍ୱରରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ୨-୨ ଡ୍ର ରଖିବା ସହ ରୋମାଞ୍ଚକ ଶୁଟ୍ ଆଉଟ୍‌ରେ ବୋନସ ପଏଣ୍ଟ ଅର୍ଜନ କରିଥିବାରୁ ଏହାର ମନୋବଳ ଉଚ୍ଚା ରହିଛି।

## ସଞ୍ଜୁ ସାମସନଙ୍କୁ ୨୪ଲକ୍ଷ ଜରିମାନା

**ଅହମଦାବାଦ, ୧୦।୪ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏଠାରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ବୁଧବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ୨୧୮ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ରୟାଲ୍ସ ଦଳ ୧୯.୨ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଗୁଜରାଟ ଏହି ମ୍ୟାଚ ୫୮ ରନରେ ଜିତି ନେଇଥିଲା। ମ୍ୟାଚରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛରେ ରହିଯାଇଥିବାରୁ ରାଜସ୍ଥାନ ରୟାଲ୍ସ ଅଧିନାୟକଙ୍କୁ ଜରିମାନା କରାଯାଇଥିବା ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅଧୀନରେ ରାଜସ୍ଥାନ ଦଳର ସିଜନରେ ଏହା ହେଉଛି ଦ୍ୱିତୀୟ ଅପରାଧ;



ଯେଉଁଥିରେ କି ସର୍ବନିମ୍ନ ଓଭରରେଟ୍ ଅପରାଧ ପାଇଁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଇମ୍ପାକ୍ଟ ଖେଳାଳିଙ୍କ ସମେତ ଦଳର ଅନ୍ୟ ଖେଳାଳିମାନଙ୍କୁ ୬ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ, ଯାହାର ପରିମାଣ କମ୍ ରହିବ। ଗୁଜରାଟ ଟାଇଟନ୍ସ ବର୍ତ୍ତମାନ ସୁଦ୍ଧା ଖେଳିସାରିଥିବା ୫ଟି ମ୍ୟାଚରେ ୪ ବିଜୟ ଓ ଗୋଟିଏ ପରାଜୟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି। ଅନ୍ୟପକ୍ଷରେ ରାଜସ୍ଥାନ ୫ଟି ଗେମ୍‌ରୁ ୨ ବିଜୟ ଓ ୩ ପରାଜୟ ସହ ଟେବୁଲର ୭ମ ସ୍ଥାନରେ ରହିଛି।

## ଜାତୀୟ ସିନିୟର ସଫ୍ଟବଲ୍ ପାଇଁ କିସ୍‌ରୁ ୪ ଖେଳାଳି



ଓଡ଼ିଶା ସଫ୍ଟବଲ୍ ଦଳରେ ସ୍ଥାନ ପାଇଥିବା କିସ୍‌ର ୪ ଖେଳାଳି।

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**

ଏପ୍ରିଲ ୧୨ରୁ ୧୫ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ହେବାକୁଥିବା ଜାତୀୟ ସିନିୟର ସଫ୍ଟବଲ ଚାମ୍ପିୟନଶିପ୍-୨୦୨୫ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ଲାଗି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪ଜଣ ମନୋନୀତ ହୋଇଛନ୍ତି। ଓଡ଼ିଶା ପୁରୁଷ ଦଳରେ କିସ୍‌ର ଅନୀଲ ମାର୍ଣ୍ଡିଙ୍କୁ ସ୍ଥାନ ମିଳିଥିବା ବେଳେ ଓଡ଼ିଶା ମହିଳା ଦଳରେ ଡ୍ରୁପତି ରେଖା ସୋରେନ, ପୂର୍ଣ୍ଣିମା ସୋରେନ ଓ ଲକ୍ଷ୍ମୀ ବୋଇପାଇ ପ୍ରତିନିଧିତ୍ୱ କରୁଛନ୍ତି। ଦଳ ସହିତ ସେମାନେ ଗୁରୁବାର ଜମ୍ମୁ କଶ୍ମୀର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ସଫ୍ଟ ବଲ୍ ଆସୋସିଏଶନର ସାଧାରଣ ସମ୍ପାଦକ ଦେବେନ୍ଦ୍ର ମୁକାର ସାହୁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଶୁଭକାମନା କରିଛନ୍ତି।

## ରାମେଶ୍ୱର କପ୍ ଜୁନିୟର କ୍ରିକେଟ

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**

ସ୍ଥାନୀୟ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସ୍ୱର୍ଗତ କମଳା ପରିଡ଼ା (୧୮ ବର୍ଷରୁ କମ୍) ଓ ଅମରେନ୍ଦ୍ର ପ୍ରସାଦ ବଳ (୧୫ ବର୍ଷରୁ କମ୍) ମେମୋରିଆଲ କ୍ରିକେଟରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ କ୍ଲବ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ପାରାମାଉଣ୍ଟ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ବିନିମୟରେ ୧୯୫ ରନ କରିଥିଲା। ସ୍ୱାଗତ ମିଶ୍ର ୬୨(୫୦ ବଲ୍) ଏବଂ ଏସ୍.କେ ନାକ୍ବିବ ୪୩ (୨୭) ରନ କରିଥିଲେ। ବିପକ୍ଷ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁରର ଅଭିନିତ ପଟ୍ଟନାୟକ ଓ ବିଶାଳ ପ୍ରସାଦ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୧୯୬ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଯାଇ ଆଲ୍‌ଫା ସ୍ପୋର୍ଟିଂ ୨୯.୫ ଓଭରରେ ୧୨୨ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ସମରପ୍ରୀତ ୧୯ ରନ କରିଥିଲେ। ବିଜୟୀ ଦଳର ପ୍ରଜ୍ଞା ପତ୍ରୀ ୪ ଉଇକେଟ ଓ ଦୁର୍ଗା ମଲିକ ୩ ଉଇକେଟ ନେଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ୭୨ ରନରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ସ୍ୱାଗତ ମିଶ୍ର ପୂର୍ବତନ ରଣଜୀ ଫାଷ୍ଟ ବୋଲର ଆଲୋକ ମଙ୍ଗରାଜଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ଲେୟର୍ ଅଫ୍ ଦି ମ୍ୟାଚ୍।

ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ବିଭାଗରେ ଏମ୍‌ସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୨୪ ରନ କରିଥିଲା। ଅଂଶୁମାନ ଦାସ ୪୮ (୪୨) ବଲ୍) ଓ ଅନିମେଶ ପ୍ରଧାନ ୩୫ (୩୯) ରନ କରିଥିଲେ। ବିପକ୍ଷ ଦଳର ଋତୁରାଜ ମହାନ୍ତି ଓ ଶ୍ରେୟାଂଶ ପାଢୀ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ସହିଦ ସ୍ପୋର୍ଟିଂ ୧୯.୧ ଓଭରରେ ୯ ଉଇକେଟ ହରାଇ ୧୨୮ରନ କରିପାରିଥିଲା। ଦଳ ପକ୍ଷରୁ ଋତୁରାଜ ମହାନ୍ତି ୩୭ ଏବଂ ଓମ୍ ପ୍ରକାଶ ନାୟମ ୨୮ ରନ କରିଥିଲେ। ଆଦିତ୍ୟ ଦାସ ୪ ଉଇକେଟ ନେଇଥିବା ବେଳେ ଆୟୁଷ ପ୍ରଧାନ ୩ ଉଇକେଟ ସଫଳତା ପାଇଥିଲେ। ସହିଦ ସ୍ପୋର୍ଟିଂ ୧ ଉଇକେଟରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ଋତୁରାଜ ମହାନ୍ତି ପୂର୍ବତନ ରଣଜୀ ଅଧିନାୟକ ରଶ୍ମୀରଞ୍ଜନ ପରିଡ଼ାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ୧୫ବର୍ଷରୁ କମ୍ ଫାଇନାଲରେ ସହିଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ